• RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in



ଧ୍ୟାୟେ ନିତ୍ୟଂ ମହେଶଂ ରଜତଗିରିନିଭଂ ଚାରୁଚନ୍ଦ୍ରାବତଂସଂ,
ରତ୍ନାକଳ୍ପୋଜ୍ଜ୍ୱଳାଙ୍ଗଂ ପରଶୁ ମୃଗବରା ଭୀତି ହସ୍ତଂ ପ୍ରସନ୍ନଂ ।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-230 ♦SUNDAY ♦15 FEBRUARY 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୩ ♦ସଂଖ୍ୟା-୨୩୦ ♦ରବିବାର ♦୧୫ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


## ଏସି ପ୍ରଥମ ଶ୍ରେଣୀ କୋଚ୍‌ରୁ ୩୧୧ ବିରଳ କଇଁଛ ଉଦ୍ଧାର

■ ଭୋପାଳ, ୧୪।୨ (ଏଜେନ୍ସି): ଭୋପାଳର ସନ୍ଥ ହରିଦାରାମ ରେଳ ଷ୍ଟେସନଠାରେ ଏକ ବଡ଼ ଧରଣର ବନ୍ୟପ୍ରାଣୀ ଚୋରାଚାଲାଣ କାରବାରକୁ ପର୍ଦ୍ଦାଫାଶ କରିଛି ମଧ୍ୟପ୍ରଦେଶ ଷ୍ଟେଟ୍ ଟାଇଗର ଷ୍ଟ୍ରାଇକ ଫୋର୍ସ (ଏସ୍‌ଟିଏସ୍‌ଏଫ୍)। ପାଟନା- ଇନ୍ଦୋର ଏକ୍ସପ୍ରେସ୍‌ର ଏକ ଏସି ଫାର୍ଷ୍ଟକ୍ଲାସ କୋଚ୍‌ରୁ ୩୧୧ଟି ବିରଳ ଓ ସଙ୍କଟପନ୍ନ ପ୍ରଜାତିର କଇଁଛ ଜବତ କରାଯାଇଛି। ଟ୍ରେନ୍‌ର କୋଚ୍ ଆଟେଣ୍ଡାଣ୍ଟ ଅଜୟ ସିଂ ରାଜପୁତ ଏହି ଚୋରାଚାଲାଣର କୋରିୟର ଭାବେ କାମ କରୁଥିଲେ। ସେ ମାତ୍ର ୨୫୦୦ ଟଙ୍କା ଲୋଭରେ ଏହି ବିରଳ କଇଁଛଗୁଡ଼ିକୁ ଦୁଇଟି ବ୍ୟାଗ୍‌ରେ ଭର୍ତ୍ତି କରି ନିଜ ସିଟ୍ ତଳେ ଲୁଚାଇଥିଲେ। ଏହି କଇଁଛଗୁଡ଼ିକୁ



ଉତ୍ତରପ୍ରଦେଶର ଲକ୍ଷ୍ନୌରୁ ଆଣି ମଧ୍ୟପ୍ରଦେଶର ଦେୱାସ ଓ ଇନ୍ଦୋରରେ ଡେଲିଭରି ଦେବାର ଥିଲା। କଇଁଛଗୁଡ଼ିକ ଶ୍ୱାସରୁଦ୍ଧ ଅବସ୍ଥାରେ ଭର୍ତ୍ତି ଥିଲେ। ଏହି କଇଁଛଗୁଡ଼ିକ କ୍ରାଉନଡ ରିଭର ଟର୍ଟଲ, ଇଣ୍ଡିଆନ ଟେଣ୍ଟ ଟର୍ଟଲ ଓ ଇଣ୍ଡିଆନ ରୁଫ୍‌ଡ ଟର୍ଟଲ ପ୍ରଜାତିର ବୋଲି କୁହାଯାଇଛି। ଏଗୁଡ଼ିକୁ ଉତ୍ତରପ୍ରଦେଶର ଗଙ୍ଗା ଓ ଗୋମତୀ ନଦୀରୁ ଧରାଯାଇଥିଲା। ଏହି ପୂରା କାରବାରର ମୁଖ୍ୟ ଅଭିଯୁକ୍ତ ଆସିଫ ଖାନ୍‌କୁ ଗତ ୧୦ ତାରିଖରେ ଗିରଫ କରାଯାଇଥିଲା। ସେହିପରି ଲକ୍ଷ୍ନୌର ଜଣେ ୧୭ ବର୍ଷର କିଶୋରକୁ ମଧ୍ୟ ହେପାଜତକୁ ନିଆଯାଇଛି। ସେ ଏହି ଶିକାରୀ ନେଟୱାର୍କର ଅଂଶ ଥିଲା।

ଟି-୨୦ ବିଶ୍ୱକପ୍

## ଭାରତ-ପାକିସ୍ତାନ ହାଇ-ଭୋଲଟେଜ୍ ଟକ୍କର ଆଜି

■ କଲମ୍ବୋ, ୧୪।୨ (ଏଜେନ୍ସି): ଶ୍ରୀଲଙ୍କାର କଲମ୍ବୋସ୍ଥିତ ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍‌ର ମହାମୁକାବିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଯାଉଛି। ଗ୍ରୁପ୍-ଏ'ରେ ଖେଳାଯିବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଜିତି ମହାଲଢ଼େଇ ଲାଗି ପ୍ରସ୍ତୁତ ହୋଇଯାଇଛନ୍ତି। ଭାରତର ତାରକା ଖଚିତ ବିସ୍ଫୋରକ ବ୍ୟାଟର ଓ କଲମ୍ବୋର ମନ୍ଥର ପିଚ୍‌ରେ ପ୍ରଭାବ ବିସ୍ତାର କରିଥିବା ପାକିସ୍ତାନୀ ସ୍ପିନରଙ୍କ ମଧ୍ୟରେ ଜୋରଦାର ମୁକାବିଲା ହେବାର ସମ୍ଭାବନା ରହିଛି। ଏହି ମ୍ୟାଚ୍‌କୁ ନେଇ ସାରା ବିଶ୍ୱର କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ଟି-୨୦ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଭାରତ ଓ ପାକିସ୍ତାନ ମୋଟ୍ ୮ଥର ଭେଟାଭେଟି ହୋଇଥିଲା ବେଳେ




ଏଥିମଧ୍ୟରୁ ଭାରତ ୭ଟିରେ ଜିତିଥିଲା ବେଳେ ପାକିସ୍ତାନ ମାତ୍ର ଗୋଟିଏ ମ୍ୟାଚ୍ ଜିତିଛି। ତେବେ ଆସନ୍ତାକାଲି ମ୍ୟାଚକୁ ନେଇ ପାଣିପାଗ ▶ପୃଷ୍ଠା-୭

# ଅବସରପ୍ରାପ୍ତ ଅଧିକାରୀଙ୍କ ପାଇଁ ୨୦ ବର୍ଷର କଟକଣା!

## ପୁସ୍ତକ ପ୍ରକାଶନ ଉପରେ ରୋକ ଲଗାଇବେ ସରକାର

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ଏମଏମ୍ ନରବାଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ଭାରତୀୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ର ସରକାର ଅବସରପ୍ରାପ୍ତ ଅଧିକାରୀଙ୍କ ପୁସ୍ତକ ପ୍ରକାଶନ ନେଇ ନୂଆ ଗାଇଡଲାଇନ୍ସ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି। ତିନି ଦିନ ତଳେ ପ୍ରତିରକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ବୈଠକରେ ଏସଂପର୍କରେ ବିଚାରବିମର୍ଶ ହୋଇଛି। ଜଣେ ଅଧିକାର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ସେନା ଅଧିକାରୀମାନେ ଅବସର ନେବାର ୨୦ ବର୍ଷ ପର୍ଯ୍ୟନ୍ତ ପୁସ୍ତକ ପ୍ରକାଶ କରିବା ଉପରେ କଟକଣା ଜାରି କରାଯାଇପାରେ। ଏବେ ଏଭଳି କୌଣସି ଗାଇଡଲାଇନ୍ସ ନଥିବା ବେଳେ ଜାତୀୟ ସୁରକ୍ଷା ଓ ସେନାବାହିନୀର ସ୍ୱାର୍ଥ ଦୃଷ୍ଟିରୁ ଏହା ଜରୁରୀ ହୋଇପଡ଼ିଛି। ଏଭଳି ଯୋଜନା ନେଇ ପ୍ରାଥମିକ ସ୍ତରରେ ଆଲୋଚନା ହୋଇଛି। ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଏହା ଉପରେ ଅଧିକ ବିଚାରବିମର୍ଶ କରାଯିବ ବୋଲି ସେ କହିଛନ୍ତି।

କେନ୍ଦ୍ର ସରକାରଙ୍କର ଆଉଜଣେ ଅଧିକାରୀ କହିଛନ୍ତି ଯେ ସେନା- ଧିକାରୀଙ୍କ ଭଳି କେନ୍ଦ୍ର ସରକାରଙ୍କ ବରିଷ୍ଠ ପଦପଦବୀରେ ଥିବା ଅଧିକରୀ ପାଇଁ ମଧ୍ୟ ଏଭଳି ଗାଇଡଲାନ୍ସ ପ୍ରସ୍ତୁତ କରାଯିବ। ଅବସର ପରେ ପୁସ୍ତକ ପ୍ରକାଶନ ଉପରେ ୨୦ ବର୍ଷର 'କୁଲିଂ- ଅଫ୍- ପିରିୟଡ୍' ଲାଗୁ କରିବାକୁ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ଅଫିସିଆଲ ସିକ୍ରେଟ୍ ଆଇନରେ ଆବଶ୍ୟକ ସଂଶୋଧନ କରାଯିବ।




ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଲାଗି ଏବେ ସେଭଳି କୌଣସି ନିୟମ ନାହିଁ। କାର୍ଯ୍ୟରତ ଅଧିକାରୀ ଏବଂ ଅବସରପ୍ରାପ୍ତ ଅଧିକାରୀମାନଙ୍କ ଲାଗି ପୁସ୍ତକ ପ୍ରକାଶନ ବିଭିନ୍ନ ପକାର ବ୍ୟବସ୍ଥା ରହିଛି। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହାକୁ ଗୋଟିଏ ପ୍ରକାର ଗାଇଡଲାଇନ୍ସରେ ପରିଣତ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ନରବାଣେଙ୍କ ଏକ ଅପ୍ରକାଶିତ ପୁସ୍ତକକୁ ନେଇ ବିବାଦ ସୃଷ୍ଟି ହେବା ପରେ ସରକାର ଏହି ପଦକ୍ଷେପ ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଯଦି ସରକାର ୨୦ ବର୍ଷର କଟକଣା ଲାଗୁ କରନ୍ତି, ତେବେ କୌଣସି ବି ଅଧିକାରୀ ଅବସର ନେବାର ୨୦ ବର୍ଷ ପର୍ଯ୍ୟନ୍ତ ନିଜର ଚାକିରି କାଳ ସମ୍ବନ୍ଧୀୟ କୌଣସି ଅନୁଭୂତି ବା ତଥ୍ୟ ପୁସ୍ତକ ଆକାରରେ ଲେଖିପାରିବେ ନାହିଁ। ଏହାର ଲକ୍ଷ୍ୟ ହେଉଛି ସାମରିକ ଓ ରଣନୈତିକ ଗୋପନୀୟତା ବଜାୟ ରଖିବା। ୨୦୨୦ରୁ ୨୦୨୪ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୩୫ଟି ପୁସ୍ତକକୁ ଅନୁମତି ଦେଇଥିବା ବେଳେ ଜେନେରାଲ ନରବାଣେଙ୍କ ପୁସ୍ତକ ଏବେ ବି ବିଚାରାଧୀନ ଅଛି। ସୂଚନାଯୋଗ୍ୟ ଯେ, ନରଭାଣେଙ୍କ ଆତ୍ମଜୀବନୀ 'ଫୋର ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ମୁଖ୍ୟତଃ ୩ଟି କାରଣରୁ ବିବାଦ ଦେଖାଦେଇଛି। ସେହି କାରଣଗୁଡ଼ିକ ହେଲା, ରାଜନୈତିକ ବିବାଦ, ସମ୍ବେଦନଶୀଳ ସୂଚନା ଓ ସରକାରୀ ନିର୍ଦ୍ଦେଶର ବିରୁଦ୍ଧାଚରଣ। ଏହି ପୁସ୍ତକରେ ୨୦୨୦ ଭାରତ- ଚୀନ୍ ସୀମା ବିବାଦ, ଗଲୱାନ ଘଟଣା ଓ ଅଗ୍ନିପଥ ଯୋଜନା ବିଷୟରେ ଉଲ୍ଲେଖ ରହିଛି ଓ ଏହାକୁ ନେଇ ବିବାଦ, ଚର୍ଚ୍ଚା ସୃଷ୍ଟି ହୋଇଛି।

ଏହି ପୁସ୍ତକ ପ୍ରକାଶନ ପାଇଁ 'ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍' ସରକାରଙ୍କ ଅନୁମତି ଲୋଡ଼ିଛି। ତେବେ ଏହା ସରକାରଙ୍କର ବିଚାରାଧୀନ ଥିବା ବେଳେ ଉକ୍ତ ପୁସ୍ତକ ବଜାରରେ ଉପଲବ୍ଧ ହେଉଛି। ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହେବାରୁ ସରକାର ଏହାର ତଦନ୍ତ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମଧ୍ୟ ଏଫ୍‌ଆଇଆର ଦାଖଲ କରିବା ପରେ ଯାଞ୍ଚ ଆରମ୍ଭ କରିଛି।

## ଲକ୍ଷେ କୋଟିର ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରି

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଉର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ) ଶୁଭାରମ୍ଭକୁ ମଞ୍ଜୁରି ମିଳିଛି। ଏହା ମାଧ୍ୟମରେ କେନ୍ଦ୍ର ସରକାର ଲକ୍ଷେ କୋଟି ଟଙ୍କାର ସହାୟତା ପ୍ରଦାନ କରିବେ। ମାର୍କେଟ-ଲିଙ୍କଡ୍ ସହରୀ ଭିତ୍ତିଭୂମୀ ବିକାଶ ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ୪ ଲକ୍ଷ କୋଟିର ପାଣ୍ଠି ନିବେଶକୁ ପ୍ରୋତ୍ସାହନ ଦେବା ଏହାର ଲକ୍ଷ୍ୟ। ଏବେ ବିକାଶ ପାଇଁ ଆଉ ମଞ୍ଜୁରି ପ୍ରାପ୍ତ ବଜେଟକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପ୍ରକଳ୍ପ ମୂଲ୍ୟର ସର୍ବନିମ୍ନ ୫୦ ପ୍ରତିଶତ ବଜାରରୁ ସଂଗ୍ରହ କରାଯାଇଥିଲେ, ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ ପାଇଁ କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯିବ। ଏହି ପାଣ୍ଠି ଜରିଆରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳରେ ମୋଟ ୪ ଲକ୍ଷ କୋଟି ନିବେଶ କରାଯିବ। ଏହା ଅନୁଦାନ-ଆଧାରିତ ଆର୍ଥିକ ସହାୟତାରୁ ବଜାର ଆଧାରିତ, ସଂସ୍କାର-ମୁଖୀ ଏବଂ ପରିଣାମ ଅଭିମୁଖୀ ଭିତ୍ତିଭୂମି ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ।

ୟୁସିଏଫ ଉଚ୍ଚମାନର ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ ପାଇଁ ବଜାର ଅର୍ଥ, ଘରୋଇ ଅଂଶଗ୍ରହଣ ଏବଂ ନାଗରିକ-କେନ୍ଦ୍ରିକ ସଂସ୍କାରକୁ ଉପଯୋଗ କରିବ। ସ୍ଥିର, ଉତ୍ପାଦକ, ସମାବେଶୀ ଏବଂ ଜଳବାୟୁ-ପ୍ରତିରୋଧୀ ସହର ନିର୍ମାଣ ଏହି ପାଣ୍ଠିର ଲକ୍ଷ୍ୟ। ଏହି ପାଣ୍ଠି ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ୨୦୩୩-୩୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହାକୁ ସମ୍ପ୍ରସାରିତ କରାଯିବ। ଏହା ସହରଗୁଡ଼ିକୁ ବିକାଶର କେନ୍ଦ୍ର କରିବା ସହିତ ସେଗୁଡ଼ିକର ସୃଜନଶୀଳ ପୁନର୍ବିକାଶ ଏବଂ ଜଳ ଓ ପରିମଳ ସମ୍ପର୍କିତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସହାୟକ ହେବ।

ପ୍ରକଳ୍ପ ପାଣ୍ଠିର ଅତି କମରେ ୫୦ ପ୍ରତିଶତ ବଜାର ଉତ୍ସରୁ ସଂଗ୍ରହ କରାଯିବା ଆବଶ୍ୟକ, ଯେଉଁଥିରେ ପୌର ବଣ୍ଡ, ବ୍ୟାଙ୍କ ଋଣ ଏବଂ ସରକାରୀ-ଘରୋଇ ସହଭାଗୀତା (ପିପିପି) ଅନ୍ତର୍ଭୁକ୍ତ। ଅବଶିଷ୍ଟ ଅଂଶ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ▶ପୃଷ୍ଠା-୭

## ଅଢ଼େଇ ବର୍ଷର ପୁଅକୁ ବିକ୍ରି କରିଦେଲା ବାପା

■ ନୀଳଗିରି, ୧୪।୨ (ସମିସ): ଟଙ୍କା ପାଇଁ ଜନ୍ମ କଲା ଅଢ଼େଇ ବର୍ଷର ପୁଅକୁ ମାତ୍ର ୧ ଲକ୍ଷ ଟଙ୍କାରେ ବିକିଦେଲା ବାପା। ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଘଟଣା ପଦାକୁ ଆସିବା ପରେ ନୀଳଗିରି ପୁଲିସ ତତ୍ପରତା ଦେଖାଇ ଶିଶୁଟିକୁ ଉଦ୍ଧାର କରିବା ସହ ଶିଶୁମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି।

ନୀଳଗିରି ଏନ୍‌ଏସି ଅନ୍ତର୍ଗତ ବରିସାହି ଗ୍ରାମର ରାକେଶ କୁମାର ବେହେରା ଓରଫ୍ କୁଆ ଦୁଇଟି ବିବାହ କରିଥିଲେ। କୁଆର ଅତ୍ୟାଚାର ସହିନପାରି ଦ୍ୱିତୀୟ ସ୍ତ୍ରୀ ତାଙ୍କଠାରୁ ଅଲଗା ହୋଇଯାଇଥିଲେ। ତେବେ ତାଙ୍କ ଔରସରୁ ଜାତ ଅଢ଼େଇ ବର୍ଷର ଏକ ଶିଶୁପୁତ୍ର ରାକେଶଙ୍କ ପାଖରେ ରହୁଥିଲା। ଉକ୍ତ ଶିଶୁପୁତ୍ରକୁ ରାକେଶ କିଛି ଦିନ ତଳେ ୧ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହା ଘୂରି ବୁଲିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ନୀଳଗିରି ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ଘଟଣାକୁ ଗୁରୁତ୍ୱର ସହ ନେଇ ରାକେଶଙ୍କ ଘରେ ପହଞ୍ଚି ସତ୍ୟାସତ୍ୟ ଜାଣିବା ପରେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ। ରାକେଶ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ମୂଲଚାଲ କରି ଶିଶୁପୁତ୍ରକୁ ନିକଟସ୍ଥ ଷ୍ଟେସନସାହି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଅଭିଯୋଗ ପାଇ ପୁଲିସ ଶିଶୁପୁତ୍ରର ଖୋଜଖବର ନେଇଥିଲା। ପରେ ଶିଶୁପୁତ୍ରକୁ ଚିମିନିଭାଟି ଅଞ୍ଚଳରୁ ଉଦ୍ଧାର କରି ଶିଶୁମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲା। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଘଟଣାରେ ଦୁଇ ଜଣଙ୍କୁ ପୁଲିସ ଅଟକ ରଖିଛି।

**ଶିଶୁ ଉଦ୍ଧାର, ଦୁଇ ଅଟକ**

## ଚୋର ସନ୍ଦେହରେ ଯୁବକଙ୍କୁ ହତ୍ୟା



**ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତି ସାରା ପିଟିଲେ**

**୨୦ ଗିରଫ, ଗାଁରେ ପୁଲିସ ମୁତୟନ**

■ ଭଞ୍ଜନଗର, ୧୪।୨ (ସମିସ): ମରିଗଲା ମାନବିକତା। ଚୋର ସନ୍ଦେହରେ ଯୁବକଙ୍କୁ ଗାଁ ଦାଣ୍ଡରେ ଯୁବକଙ୍କୁ ପିଟିପିଟି ମାରିଦେଲେ। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧୀନ ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏପରି ଏକ ଲୋମଟାଙ୍କୁରା ଘଟଣା ଘଟିଛି। ମୃତକ ହେଲେ, ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଗାଁର ବେଣୁଧର ପ୍ରଧାନ (୫୪)। ଗାଁ ଲୋକେ ବେଣୁଧରଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତି ସାରା ନିସ୍ତୁକ ମାଡ଼ ମାରିଥିଲେ। ଆଜି ସକାଳୁ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଭଞ୍ଜନଗର ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ ୧୪୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ୩୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଉଠାଇ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଗକୁ ଏହି ମାମଲାରେ ଆହୁରି ଅନେକ ଗିରଫ ହେବେ ବୋଲି ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଗାଁର ବେଣୁଧର ପ୍ରଧାନ ଓ ତାଙ୍କର କିଛି ସହଯୋଗୀ ଶୁକ୍ରବାର ରାତିରେ ସାର୍ଦ୍ଦୁଳ ଗ୍ରାମର ସୁଶାନ୍ତ ଗୌଡ଼ଙ୍କ ଘରେ ପଶିଥିଲେ। କେହି ନଥିବାର ସୁଯୋଗ ନେଇ ସେମାନେ ଘର ଆସବାବପତ୍ର ଏଣେତେଣେ ଫୋପାଡ଼ିବା ସହ ଟଙ୍କା, ସୁନା ଖୋଜୁଥିଲେ। ଏତିକିବେଳେ, ଗାଁ ଲୋକେ ସେଠାକୁ ଧାଇଁ ଆସିବାରୁ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଦୁର୍ବୃତ୍ତମାନେ କାର୍‌ରେ ଖସି ପଳାଉଥିବା ବେଳେ ସେମାନଙ୍କ ମଧ୍ୟରୁ ▶ପୃଷ୍ଠା-୭

## ବଜେଟ ଆକାର ଟପିବ ୩.୧୦ ଲକ୍ଷ କୋଟି!

**ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ**

**୨୦ ତାରିଖରେ ବଜେଟ, ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଧେୟକ**

**ବିଶେଷଜ୍ଞ ମହଲର ଅନୁମାନ, ବଜେଟରେ ଘୋଷଣା ହୋଇପାରେ ନୂଆ ଯୋଜନା**

■ ଭୁବନେଶ୍ୱର, ୧୪।୨ (ସମିସ): ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ପ୍ରାୟ ୩.୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଆସନ୍ତା ୧୭ ତାରିଖରୁ ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ଏଥିସହ ମାର୍ଚ୍ଚ ୩୧ ତାରିଖରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବା ସହ ବଜେଟ ଗୃହର ଅନୁମୋଦନ ଲାଭ କରିବ।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ଗୃହରେ ଆଗତ କରିଥିଲେ। ସେହିପରି ୧୭୭୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ ଗତ ଆର୍ଥିକ ବର୍ଷରେ ଗୃହର ସମ୍ମତି ଲାଭ କରିଥିଲା। ଅପରପକ୍ଷେ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଚଳିତ ବଜେଟରେ ସରକାର ନୂଆ କିଛି ଯୋଜନା ଆଣି ପାରନ୍ତି। ଧାନ ▶ପୃଷ୍ଠା-୭






# ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ହେବ କେନ୍ଦୁଝର: ମୁଖ୍ୟମନ୍ତ୍ରୀ

## ଟେକ୍ସଟାଇଲ୍ ପାର୍କ, ବିପର୍ଯ୍ୟୟ ପୁନରୁଦ୍ଧାର ଡାଟାସେଣ୍ଟର୍ ପାଇଁ ଶିଳାନ୍ୟାସ

■ କେନ୍ଦୁଝର, ୧୪।୨ (ସମିସ): ଅଭିବୃଦ୍ଧର କେନ୍ଦ୍ରସ୍ଥଳ ହେବ କେନ୍ଦୁଝର। ବଳଭଦ୍ରପୁରଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ିଛନ୍ତି। ସେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି। ୧୦୦ କୋଟି ଟଙ୍କା ନିବେଶରେ



ବିକଶିତ ହେବାକୁ ଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରାଯିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ।

ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି, ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରିଥାଏ। ସେ ଆହୁରି କହିଥିଲେ ଯେ ଗତବର୍ଷ ଜୁଲାଇରେ ଭୁବନେଶ୍ୱରରେ ଅନୁଷ୍ଠିତ ଟେକ୍ସଟାଇଲ୍ କନକ୍ଲେଭ୍ ସମୟରେ ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ତାହା ରାଜ୍ୟ ସାରା ୫୩,୦୦୦ରୁ ▶ପୃଷ୍ଠା-୭

# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

## କୋଲକାତା ବିମାନରେ ବୋମା ଆତଙ୍କ

କୋଲକାତା, ୧୪।୨(ଏଜେନ୍ସି): କୋଲକାତାର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୋମା ଆତଙ୍କ ଦେଖାଦେଇଥିଲା। ସିଲଂ ଅଭିମୁଖେ ଯାତ୍ରା କରିବାକୁ



ଥିବା ଇଣ୍ଡିଗୋ ବିମାନ (୬ଇ- ୭୩୦୪)ର ଶୌଚାଳୟ ଭିତରୁ ମିଳିଥିବା ଏକ ସନ୍ଦେହଜନକ ହାତଲେଖା ଚିଠିରେ ବୋମା ଧମକ ଦିଆଯାଇଥିଲା। ବିମାନଟି ସକାଳ ୯.୧୫ରେ କୋଲକାତାରୁ ଉଡ଼ାଣ ଭରିବାର କାର୍ଯ୍ୟକ୍ରମ ଥିଲା। ଉଡ଼ାଣ ପୂର୍ବରୁ ଯାଞ୍ଚ ସମୟରେ କ୍ରୁ ସଦସ୍ୟ ଏହି ଚିଠିକୁ ଦେଖିବାକୁ ପାଇଥିଲେ। ସୂଚନା ମିଳିବା ମାତ୍ରେ ତୁରନ୍ତ ବିମାନକୁ ଆଇସୋଲେସନ ବେ'କୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ବିମାନର କୋଣ ଅନୁକୋଣ ଯାଞ୍ଚ କରାଯାଇଥିଲା। ତେବେ କୌଣସି ବିସ୍ଫୋରକ ପଦାର୍ଥ ମିଳି ନଥିଲା। ଉଲ୍ଲେଖଥାଉ କି, ଗତ ଦୁଇ ସପ୍ତାହ ମଧ୍ୟରେ ଇଣ୍ଡିଗୋ ବିମାନରେ ଏଭଳି ବୋମା ଧମକ ସମସ୍ୟାର ସମ୍ମୁଖୀନ ହୋଇଥିଲା ଓ ଏହା କୁଏତରୁ ଦିଲ୍ଲୀ ଯାତ୍ରା କରିବାର ଥିଲା।

## ନୂଆ ଜେଲ୍‌କୁ ସ୍ଥାନାନ୍ତର ହେବେ ଇମ୍ରାନ

ଇସ୍‌ଲାମାବାଦ୍‌, ୧୪।୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଇସ୍‌ଲାମାବାଦ୍‌ର ଏକ ନୂଆ ଜେଲ୍‌କୁ ସ୍ଥାନାନ୍ତର କରାଯିବ। ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଓ ତାଙ୍କର ଦୃଷ୍ଟିଶକ୍ତି ହ୍ରାସ ପାଇବା ଭଳି ଗୁରୁତର ଖବର ସାମ୍ନାକୁ ଆସିବା ପରେ, ସରକାର ତାଙ୍କୁ ସୁବିଧାଜନକ ଜେଲ୍‌କୁ ସ୍ଥାନାନ୍ତର କରାଯିବ ବୋଲି ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭୀ କହିଛନ୍ତି। ଆଗାମୀ ଦୁଇ ମାସ ମଧ୍ୟରେ ଇସଲାମାବାଦ୍‌ରେ ନିର୍ମାଣାଧୀନ ଜେଲ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଇମ୍ରାନଙ୍କୁ ସେଠାକୁ ନିଆଯିବ ଓ ସେଠାରେ ଉନ୍ନତ ଚିକିତ୍ସା ସୁବିଧା ଉପଲବ୍ଧ ହୋଇପାରିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଇମ୍ରାନଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ପ୍ରାୟ ୮୫ ପ୍ରତିଶତ ହ୍ରାସ ପାଇଛି। ପାକିସ୍ତାନ ସୁପ୍ରିମକୋର୍ଟ ଫେବୃଆରୀ ୧୬ ସୁଦ୍ଧା ତାଙ୍କର ସମ୍ପୂର୍ଣ୍ଣ ଡାକ୍ତରୀ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କ ନିଜ ପିଲାମାନଙ୍କ ସହ କଥା ହେବାକୁ ଅନୁମତି ଦେଇଛନ୍ତି। ଉଲ୍ଲେଖଥାଉ କି, ଇମ୍ରାନ ୨୦୨୩ ଅଗଷ୍ଟ ୫ରୁ ଜେଲ୍‌ରେ ରହିଛନ୍ତି।

## କାନାଡ଼ାରେ ଆଉ ଜଣେ ଭାରତୀୟଙ୍କୁ ହତ୍ୟା

ଅମୃତସର, ୧୪।୨(ଏଜେନ୍ସି): କାନାଡ଼ାରେ ଆଉ ଜଣେ ଭାରତୀୟଙ୍କୁ ହତ୍ୟା କରାଯାଉଛି। ଅମୃତସରର ଜଣ୍ଡିଆଲା ଗୁରୁ ଅନ୍ତର୍ଗତ ଦେବୀଦାସପୁରା ଗ୍ରାମର ୨୪ ବର୍ଷୀୟ ସିମରନଜିତ ସିଂ ସିଦ୍ଧୁ ନାମକ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ପ୍ରାୟ ଏକ ମାସ ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଗୁରୁବାର ଦିନ ତାଙ୍କ ମୃତଦେହ ପଞ୍ଜାବରେ ପହଞ୍ଚିଛି ଓ ଶୁକ୍ରବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏହା ପରେ ହିଁ ଏହି ଘଟଣା ସାମ୍ନାକୁ ଆସିଛି। ସିମରନଜିତ ବ୍ରିଟିଶ କଲମ୍ବିଆର କମଲୁପ୍ସ



ସହରରେ ରହୁଥିଲେ। ଗତ ଜାନୁଆରୀ ୧୨ରେ ତାଙ୍କୁ ହତ୍ୟା କରାଯାଇଥିବା ବେଳେ ତାଙ୍କ ମୃତଦେହ ଏକ ଜନଶୂନ୍ୟ ବୁଦା ମୂଳରୁ ଉଦ୍ଧାର କରାଯାଇଥିଲା। ସେ ପ୍ରାୟ ଦୁଇମାସ ପୂର୍ବରୁ ୨ ଜଣ ଯୁବକ ଓ ଜଣେ ଯୁବତୀଙ୍କ ସହ ଏକ ନୂଆ ଘରକୁ ସିଫ୍ଟ ହୋଇଥିଲେ। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସିମରନଜିତଙ୍କ ପାଖରେ ୧୦ ଲକ୍ଷ ଟଙ୍କା ଥିଲା ଓ ସେ ଭିଡ଼ିଓ କଲ ସମୟରେ ଦେଖାଇଥିଲେ। ସେହି ଟଙ୍କା ପାଇଁ ତାଙ୍କ ସହ ରହୁଥିବା ସାଙ୍ଗମାନେ ତାଙ୍କୁ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସେ ୨୦୨୩ରେ ଷ୍ଟଡ଼ି ଭିସାରେ କାନାଡ଼ା ଯାଇଥିଲେ। ତାଙ୍କୁ କାନାଡ଼ାରେ ୱାର୍କ ପରିମିଟ୍ ମିଳିସାରିଥିଲା ଓ ତାଙ୍କୁ ଆମେରିକାର ୧୦ ବର୍ଷିଆ ଭିସା ମିଳିଥିଲା। ପୁଅକୁ ବିଦେଶ ପଠାଇବା ପାଇଁ ବାପା ନିଜର ଜମି ବିକ୍ରି କରିଥିଲେ ଓ ଏବେ ତାଙ୍କୁ ପୁଅଙ୍କୁ ହରାଇବାକୁ ପଡ଼ିଛି।

## 'ବନ୍ଦେ ମାତରମ' ବାଧ୍ୟ କରାଗଲେ ସ୍କୁଲ ଛାଡ଼

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): କେନ୍ଦ୍ର ସରକାର ଗତ ଜାନୁଆରୀ ୨୮ରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ'କୁ ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ନୂଆ ନିୟମ ଅନୁଯାୟୀ, ସରକାରୀ କାର୍ଯ୍ୟକ୍ରମ ଓ ସ୍କୁଲଗୁଡ଼ିକରେ ଏହି ଗୀତ ବୋଲାଯିବା ସହ ସମସ୍ତେ ଛିଡ଼ା ହେବା ବାଧ୍ୟତାମୂଳକ। ଏବେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ତେବେ ଉଜ୍ଜୟିନର ଇମାମ ମୁଫତି ନଦଭୀ କହିଛନ୍ତି ଯେ, 'ବନ୍ଦେ ମାତରମ' ଗୀତର ଶବ୍ଦଗୁଡ଼ିକରେ ମାତୃଭୂମିର ବନ୍ଦନା କରାଯାଇଛି, ଏହା ଇସଲାମର ଏକେଶ୍ୱରବାଦର ବିରୋଧୀ। ଯେଉଁ ସ୍କୁଲ୍‌ରେ ଏହାକୁ ବାଧ୍ୟତାମୂଳକ କରାଯାଇଛି, ସେଠାରୁ ପିଲାମାନଙ୍କୁ ବାହାର କରିନେବାକୁ ସେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି କଂଗ୍ରେସ ବିଧାୟକ ଆରିଫ ମସୁଦ କହିଛନ୍ତି ଯେ, ସମ୍ବିଧାନ ଧାର ୨୫ ଅନୁଯାୟୀ, ପ୍ରତ୍ୟେକ ନାଗରିକଙ୍କୁ ଧାର୍ମିକ ସ୍ୱାଧୀନତା ମିଳିଛି। 'ବନ୍ଦେ ମାତରମ' ପ୍ରତି ସମ୍ମାନ ଅଛି, କିନ୍ତୁ ଏହାର କିଛି ଧାଡ଼ି ଧାର୍ମିକ ବିଶ୍ୱାସ ସହ ସଂଘର୍ଷ କରୁଛି। ସେପଟେ ବିଦ୍ୟାଳୟ ଶିକ୍ଷାମନ୍ତ୍ରୀ ରାଓ ଉଦୟ ପ୍ରତାପ ସିଂ କହିଛନ୍ତି ଯେ, ଦେଶର ନିୟମ ସମସ୍ତଙ୍କ ପାଇଁ ସମାନ। ମାଦ୍ରାସା ହେଉ ବା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ, ସରକାରଙ୍କ ନିର୍ଦ୍ଦେଶ ମାନିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ। ଉଲ୍ଲେଖଥାଉ କି, 'ବନ୍ଦେ ମାତରମ'କୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୮୭୫ରେ ରଚନା କରିଥିଲେ ଓ ୧୮୮୨ରେ ତାଙ୍କ ଉପନ୍ୟାସ 'ଆନନ୍ଦମଠ'ରେ ଏହା ପ୍ରକାଶିତ ହୋଇଥିଲା।

## ଏସି ପ୍ରଥମ ଶ୍ରେଣୀ କୋଚ୍‌ରୁ ୩୧୧ ବିରଳ କଇଁଛ ଉଦ୍ଧାର



ଭୋପାଳ, ୧୪।୨(ଏଜେନ୍ସି): ଭୋପାଳର ସନ୍ଥ ହରିଦାରାମ ରେଳ ଷ୍ଟେସନଠାରେ ଏକ ବଡ଼ ଧରଣର ବନ୍ୟପ୍ରାଣୀ ଚୋରାଚାଲାଣ କାରବାରକୁ ପଣ୍ଡ କରିଛି ମଧ୍ୟପ୍ରଦେଶ ଷ୍ଟେଟ୍ ଟାଇଗର ଷ୍ଟ୍ରାଇକ ଫୋର୍ସ (ଏସ୍‌ଟିଏସ୍‌ଏଫ୍)। ପାଟନା- ଇନ୍ଦୋର ଏକ୍ସପ୍ରେସ୍‌ର ଏକ ଏସି ଫାର୍ଷ୍ଟକ୍ଲାସ କୋଚ୍‌ରୁ ୩୧୧ଟି ବିରଳ ଓ ସଙ୍କଟାପନ୍ନ ପ୍ରଜାତିର କଇଁଛ ଜବତ କରାଯାଇଛି। ଟ୍ରେନ୍‌ର କୋଚ୍ ଆଟେଣ୍ଡାଣ୍ଟ ଅଜୟ ସିଂ ରାଜପୁତ ଏହି ଚୋରାଚାଲାଣର କୋରିୟର ଭାବେ କାମ କରୁଥିଲେ। ସେ ମାତ୍ର ୨୫୦୦ ଟଙ୍କା ଲୋଭରେ ଏହି ବିରଳ କଇଁଛଗୁଡ଼ିକୁ ଦୁଇଟି ବ୍ୟାଗ୍‌ରେ ଭର୍ତ୍ତି କରି ନିଜ ସିଟ୍ ତଳେ ଲୁଚାଇଥିଲେ। ଏହି କଇଁଛଗୁଡ଼ିକୁ ଉତ୍ତରପ୍ରଦେଶର ଲକ୍ଷ୍ନୌରୁ ଆଣି ମଧ୍ୟପ୍ରଦେଶର ଦେୱାସ ଓ ଇନ୍ଦୋରରେ ଡେଲିଭରି ଦେବାର ଥିଲା। କଇଁଛଗୁଡ଼ିକ ଶ୍ୱାସରୁଦ୍ଧ ଅବସ୍ଥାରେ ଭର୍ତ୍ତି ଥିଲେ। ଏହି କଇଁଛଗୁଡ଼ିକ କ୍ରାଉନଡ ରିଭର ଟର୍ଟଲ, ଇଣ୍ଡିଆନ ଟେଣ୍ଟ ଟର୍ଟଲ ଓ ଇଣ୍ଡିଆନ ରୁଫ୍‌ଡ ଟର୍ଟଲ ପ୍ରଜାତିର ବୋଲି କୁହାଯାଇଛି। ଏଗୁଡ଼ିକୁ ଉତ୍ତରପ୍ରଦେଶର ଗଙ୍ଗା ଓ ଗୋମତୀ ନଦୀରୁ ଧରାଯାଇଥିଲା। ଏହି ପୂରା କାରବାରର ମୁଖ୍ୟ ଅଭିଯୁକ୍ତ ଆସିଫ ଖାନ୍‌କୁ ଗତ ୧୦ ତାରିଖରେ ଗିରଫ କରାଯାଇଥିଲା। ସେହିପରି ଲକ୍ଷ୍ନୌର ଜଣେ ୧୭ ବର୍ଷର କିଶୋରକୁ ମଧ୍ୟ ହେପାଜତକୁ ନିଆଯାଇଛି। ସେ ଏହି ଶିକାରୀ ନେଟୱାର୍କର ଅଂଶ ଥିଲା।

## ଭେନେଜୁଏଲାରେ ଗୁପ୍ତ ଅସ୍ତ୍ର ବ୍ୟବହାର କରାଯାଇଛି



ନ୍ୟୁୟର୍କ, ୧୪।୨(ଏଜେନ୍ସି): ଗତ ଜାନୁଆରୀ ୩ରେ ଭେନେଜୁଏଲାରେ ହୋଇଥିବା ସାମରିକ ଅଭିଯାନରେ ଆମେରିକା ଏକ ସ୍ୱତନ୍ତ୍ର ଗୁପ୍ତ ଅସ୍ତ୍ର ବ୍ୟବହାର କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ନେଇ ସ୍ପଷ୍ଟ କରିଛନ୍ତି। ଏହି ଅସ୍ତ୍ରର ପ୍ରୟୋଗ ନିର୍ଣ୍ଣାୟକ ଥିଲା ଓ ଏହି ଅସ୍ତ୍ର ଯୋଗୁଁ ରୁଷ୍ ଓ ଚୀନର ଶକ୍ତିଶାଳୀ ଡିଫେନ୍ସ ସିଷ୍ଟମ ମଧ୍ୟ ବିଫଳ ହୋଇଥିଲା ବୋଲି ସେ କହିଛନ୍ତି। ଏହି ଅସ୍ତ୍ରର ନାମ 'ଡିସକମ୍ବୋବୁଲେଟର' ବୋଲି ଟ୍ରମ୍ପ କହିଛନ୍ତି। ଏହା ଶତ୍ରୁ ପକ୍ଷକୁ ଭ୍ରମିତ କରିବା ସହ ଅକାମୀ କରି ଦେଇଥାଏ। ଭେନେଜୁଏଲା ସେନା ପାଖରେ ଥିବା ରୁଷିଆ ଓ ଚୀନ୍ ଯନ୍ତ୍ରପାତି କାମ କରି ନଥିଲା, ଯାହା ଫଳରେ ସେମାନେ ଗୋଟିଏ ବି ଗୁଳି ଚଳାଇବାର ସୁଯୋଗ ପାଇ ନଥିଲେ। ଭେନେଜୁଏଲାରେ ହୋଇଥିବା ଏହି ସେନା ଅପରେସନରେ ପ୍ରାୟ ୧୫୦ରୁ ଅଧିକ ବିମାନ (ବମ୍ବର ଓ ଫାଇଟର ଜେଟ୍) ସାମିଲ ହୋଇଥିଲେ। ରାତିର ଅନ୍ଧକାରରେ ଆମେରିକୀୟ ସୈନିକମାନେ ହେଲିକପ୍ଟର ଯୋଗେ କାରାକାସ ଅଞ୍ଚଳରେ ପହଞ୍ଚି ତତ୍କାଳୀନ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଥିଲା। ତେବେ ନ୍ୟୁୟର୍କ ଟାଇମ୍ସ ଓ ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଏହି ଅପରେସନରେ ସୋନିକ କିମ୍ବା ଡାଇରେକ୍ଟେଡ୍ ଏନର୍ଜି ୱିପନ ପ୍ରୟୋଗ କରାଯାଇଥିବା ସନ୍ଦେହ କରାଯାଇଛି। ଏହି ଅସ୍ତ୍ର ଦ୍ୱାରା ସୋନିକ ଓ ହିଟ୍‌ରେ ପ୍ରଭାବ ରହିଥାଏ। ସୋନିକ ପ୍ରଭାବ ଦ୍ୱାରା ସୈନିକମାନଙ୍କୁ ଅତି ତୀବ୍ର ତରଙ୍ଗ ଦ୍ୱାରା ଆକ୍ରମଣ କରାଯାଇଥାଏ, ଯାହାଫଳରେ ସେମାନଙ୍କ ମୁଣ୍ଡ ବିନ୍ଧିବା ସହ ନାକରୁ ରକ୍ତ ବାହାରିଥାଏ। ସେହିପରି ହିଟ୍‌ରେ ଅଦୃଶ୍ୟ ଇଲେକ୍ଟ୍ରୋମ୍ୟାଗ୍ନେଟିକ ତରଙ୍ଗ ଛଡ଼ା ଯାଇଥାଏ। ଏହା ଚର୍ମରେ ଅତ୍ୟଧିକ ଗରମ ଅନୁଭବ କରାଏ, ଯାହା ଫଳରେ ସୈନିକମାନେ ପଛକୁ ହଟିବାକୁ ବାଧ୍ୟ ହୋଇଥାନ୍ତି।

## ଭାରତ ସହ ସଂପର୍କ ନେଇ ମୁହଁ ଖୋଲିଲେ ତାରିକ୍



ଢାକା, ୧୪।୨(ଏଜେନ୍ସି): ସାଧାରଣ ନିର୍ବାଚନ ପରେ ବାଂଲାଦେଶ ।।ନେସନାଲ ପାର୍ଟି (ବିଏନ୍‌ପି)ର ଐତିହାସିକ ବିଜୟ ପରେ, ପାର୍ଟିର ଅଧ୍ୟକ୍ଷ ତାରିକ ର।।ହେମାନ ଶନିବାର ପ୍ରଥମଥର ପାଇଁ ଗଣମାଧ୍ୟମ ସହ କଥା ହୋଇଛନ୍ତି। ସେ ଭାରତ ସହ ସମ୍ପର୍କ ଓ ଦେଶର ଭବିଷ୍ୟତକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ଭାରତ ସହ ସମ୍ପର୍କକୁ ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ।।ଯେ ବାଂଲାଦେଶର ସ୍ୱାର୍ଥକୁ ସବୁଠାରୁ ଉପରେ ରଖିବେ। ସେ 'ବାଂଲାଦେଶ ଫାଷ୍ଟ' ଏଜେଣ୍ଡା ତଥା ନୀତିକୁ ଗୁରୁତ୍ୱ ଦେଇଛନ୍ତି। ବାଂଲାଦେଶ ଭାରତ, ଚୀନ୍ ଓ ପାକିସ୍ତାନ ସହ ସମାନ ଦୂରତା ବଜାୟ ରଖିବା ସହ ପାରସ୍ପରିକ ସମ୍ମାନ ଆଧାରରେ ବନ୍ଧୁତା ଚାହୁଁଛନ୍ତି। 'ଆମେ ବନ୍ଧୁ ଚାହୁଁ, କିନ୍ତୁ କୌଣସି ପ୍ରଭୁ ଚାହୁଁନାହୁଁ'। ବାଂଲାଦେଶର ସ୍ୱାର୍ଥ ଓ ଜନସାଧାରଣଙ୍କ ଆଶା-ଆକାଂକ୍ଷା ହିଁ ଭାରତ ସହ ବୈଦେଶିକ ନୀତିର ମୂଳଦୁଆ ହେବ। ଭାରତ ଆମର ଏକ ଗୁରୁତ୍ୱପୂର୍ଣ୍ଣ ପଡୋଶୀ ଓ ନୂଆ ସରକାର ଗଠନ ପରେ ଯେଉଁ ଦେଶଗୁଡ଼ିକୁ ପ୍ରଥମେ ଗସ୍ତ କରାଯିବ, ସେଥିମଧ୍ୟରେ ଭାରତ ଅନ୍ୟତମ ହେବ। ନୂଆ ସରକାର ଦୁଇ ଦେଶ ମଧ୍ୟରେ ସାଧାରଣ ଜନତାଙ୍କ ସମ୍ପର୍କ ବୃଦ୍ଧି କରିବାକୁ, ବାଣିଜ୍ୟ ଓ ପୁଞ୍ଜିନିବେଶକୁ ଅଧିକ ଗୁରୁତ୍ୱ ଦେବ। ପାକିସ୍ତାନ ସହ ସମ୍ପର୍କକୁ ନେଇ ସେ କହିଛନ୍ତି ଯେ ଆଞ୍ଚଳିକ ସ୍ଥିରତା ପାଇଁ ସମସ୍ତଙ୍କ ସହ ସମ୍ପର୍କ ସ୍ୱାଭାବିକ ରଖିବା ଜରୁରୀ। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ତିକ୍ତତା କ୍ଷେତ୍ରରେ ବାଂଲାଦେଶ କୌଣସି ପକ୍ଷ ନେବ ନାହିଁ ବୋଲି ସେ କହିଛନ୍ତି।

**ବାଂଲାଦେଶର ସ୍ୱାର୍ଥ ସର୍ବୋପରି**

ଦୀର୍ଘ ୧୫ ବର୍ଷର ଏକଚ୍ଛତ୍ରବାଦୀ ଶାସନ ପରେ ଆଜିଠାରୁ ଦେଶରେ ପ୍ରକୃତ ଅର୍ଥରେ ସ୍ୱାଧୀନତା ଓ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି ବୋଲି ତାରିକ କେତେକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଦେଶବାସୀଙ୍କୁ ଏକଜୁଟ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଆମର ବିଚାରଧାରା ଭିନ୍ନ ହୋଇପାରେ, କିନ୍ତୁ ଦେଶର ସ୍ୱାର୍ଥ ପାଇଁ ଓ ଅର୍ଥନୀତିକୁ ସଜାଡ଼ିବା ପାଇଁ ସମସ୍ତଙ୍କୁ ଏକଜୁଟ୍ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଭାରତ ବର୍ତ୍ତମାନର ସ୍ଥିତିକୁ 'ସତର୍କ ଆଶାବାଦ' ସହ ଦେଖୁଛି। ଯଦିଓ ପୂର୍ବରୁ ବିଏନ୍‌ପି ସରକାର ସମୟରେ କିଛି ସମସ୍ୟା ଥିଲା, କିନ୍ତୁ ବର୍ତ୍ତମାନର ଅର୍ଥନୈତିକ ବାସ୍ତବତାକୁ ଦେଖି ତାରିକ ଏକ ବ୍ୟବହାରିକ ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଭାରତ ଆଶା ରଖିଛି। ସୂଚନାଯୋଗ୍ୟ ଯେ, ନିର୍ବାଚନରେ ୨୯୯ଟି ଆସନରୁ ବିଏନ୍‌ପି ଓ ତା'ର ସହଯୋଗୀ ମେଣ୍ଟ ୨୧୨ଟି ଆସନ ହାସଲ କରିଛନ୍ତି। ସେହିପରି ଜମାତ-ଇ- ଇସଲାମୀ ୭୭ ଆସନ ଓ ଅନ୍ୟାନ୍ୟ ୧୦ଟି ଆସନ ଜିତିଛନ୍ତି।



ଆସାମ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ବିଚାରପତିମାନେ ନିଜର ସୀମା ଜାଣିବା ଉଚିତ



ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ନୂଆଦିଲ୍ଲୀରେ ଆୟୋଜିତ ଏକାଦଶ 'କମନୱେଲଥ ଜୁଡ଼ିସିଆଲ ଏଜୁକେଟର୍ସ' (ସିଜେଇ) ବୈଠକରେ ଯୋଗ ଦେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ବିଚାର ବିଭାଗୀୟ ନେତୃତ୍ୱ ଓ ବିଚାରପତିମାନଙ୍କ କାର୍ଯ୍ୟଶୈଳୀ ଉପରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସେ କହିଛନ୍ତି ଯେ, ବିଚାରପତିମାନେ ନିଜକୁ ସର୍ବଗୁଣ ସମ୍ପନ୍ନ ମନେ କରିବା ଅପେକ୍ଷା ନିଜର ଭୁଲରୁ ଶିକ୍ଷା କରିବା ଓ ନମ୍ରତା ବଜାୟ ରଖିବା ଆବଶ୍ୟକ। ସେ କହିଛନ୍ତି ଯେ, ଇତିହାସରେ ସେହି ବିଚାରପତିମାନେ ସବୁଠାରୁ ଅଧିକ ସମ୍ମାନୀତ ହୋଇଛନ୍ତି, ଯେଉଁମାନେ ନିଜର ଅପୂର୍ଣ୍ଣତାକୁ ସ୍ୱୀକାର କରିଛନ୍ତି। ବିଚାରପତିମାନେ ନିଜର ସୀମା ଜାଣିବା ଉଚିତ ଓ ଭୁଲ ହେବାର ସମ୍ଭାବନାକୁ ସ୍ୱୀକାର କରିବା ଉଚିତ। ଯଦି ଜଣେ ବିଚାରପତି ଅପୂର୍ଣ୍ଣ ହୁଅନ୍ତି, ତେବେ ନ୍ୟାୟିକ ନେତୃତ୍ୱ ଦୁର୍ବଳ ହୁଏ ନାହିଁ। କିନ୍ତୁ ଯେତେବେଳେ ବିଚାରପତି ନିଜକୁ ସମ୍ପୂର୍ଣ୍ଣ ମନେ କରନ୍ତି, ସେତେବେଳେ ଏହା ପ୍ରଭାବିତ ହୋଇଥାଏ। ପ୍ରତ୍ୟେକ ବିଚାରପତି ନମ୍ରତାର ଗୁଣ ଆପଣାଇବା ଉଚିତ। ଆଇନ୍ ହେଉଛି ଏକ ଗତିଶୀଳ ବ୍ୟବସ୍ଥା, ଯାହା ସମାଜ ସହ ପରିବର୍ତ୍ତନ ହୋଇଥାଏ। ତେଣୁ ବିଚାରପତିମାନେ କେବଳ ପୁରୁଣା ରାୟ ଉପରେ ନିର୍ଭର ନ କରି ଆଜିର ସମୟ ଅନୁସାରେ ନ୍ୟାୟ ପ୍ରଦାନ କରିବା ଉଚିତ। ପୁଣି ଅନେକ ଲୋକ ବିଚାର କରନ୍ତି ଯେ, ବିଚାରପତି ପଦରେ ନିଯୁକ୍ତି ପାଇବା ପରେ ଶିକ୍ଷାର ସମାପ୍ତି ଘଟେ, କିନ୍ତୁ ଏହା ଏକ ବଡ଼ ଭୁଲ। ବିଚାରପତିମାନେ ସବୁବେଳେ ନୂଆ ଜିନିଷ ଶିଖିବା ପାଇଁ ପ୍ରସ୍ତୁତ ରହିବା ଉଚିତ ବୋଲି ସେ କହିଛନ୍ତି। ଏଥିସହ ସେ କମନୱେଲଥ ଅର୍ଥାତ ରାଜ୍ୟଗୋଷ୍ଠୀରେ ସାମିଲ ଥିବା ଦେଶଗୁଡ଼ିକ ମଧ୍ୟରେ ଏକ ଅନୁଷ୍ଠାନ ଗଠନ କରିବାକୁ ପରାମର୍ଶ ଦେଇଛନ୍ତି, ଯାହା ବାର (ଓକିଲ), ବେଞ୍ଚ୍ (ବିଚାରପତି) ଓ ନ୍ୟାୟିକ ଶିକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବ।

## ପ୍ରେମିକାକୁ ହତ୍ୟା କରିବା ପରେ ଜୀବନ ହାରିଲେ ପ୍ରେମିକ

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଶୁକ୍ରବାର ଅର୍ଥାତ ଫେବୃଆରୀ ୧୪ରେ ସାରା ବିଶ୍ୱରେ ଭାଲେଣ୍ଟାଇନ ଡେ' ପାଳନ କରାଯାଉଛି। କିନ୍ତୁ ଏହି ଦିନ ନୋଏଡ଼ାର ସେକ୍ଟର-୩୯ ଅଞ୍ଚଳରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ନିଜ ପ୍ରେମିକାକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ସକାଳ ୧୧ଟାରେ ଏହି ଘଟଣା ଘଟିଛି। ଗୋଟିଏ କାର୍ ଭିତରୁ ପୁଲିସ ଏହି ଯୁବକ ଓ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟା ଓ ପରେ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଇଛି। ସ୍ଥାନୀୟ ଲୋକ ଗୁଳି ଫୁଟିବା ଶବ୍ଦ ଶୁଣି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଟାଟା ଆଲଟ୍ରୋଜ କାର୍‌ର କାଚ ଭାଙ୍ଗି ମୃତଦେହଗୁଡ଼ିକୁ ବାହରକୁ ବାହାର କରିଥିଲା। କାର୍‌ଟି ଭିତରପଟୁ ଲକ୍ କରାଯାଇଥିଲା। ମୃତ ଯୁବତୀ ହେଉଛନ୍ତି ରେଖା। ସେ ନୋଏଡ଼ାର ବାସନ୍ଦା। ସେହିପରି ମୃତ ଯୁବକ ହେଉଛନ୍ତି ସୁମିତ ଓ ସେ ଦିଲ୍ଲୀର ବାସିନ୍ଦା। ସୁମିତଙ୍କ ହାତରେ ଏକ ପିସ୍ତଲ ଥିଲା ଓ କାର୍ ଭିତର ଦୁଇଟି ଖାଲି ଗୁଳି ଜବତ କରାଯାଇଛି। ପରିବାରର ଲୋକଙ୍କ କହିବା ଅନୁଯାୟୀ, ଦୁହେଁ ପରସ୍ପରକୁ ୧୫ ବର୍ଷ ହେବା ଜାଣିଥିଲେ ଓ ଖୁବଶୀଘ୍ର ବିବାହ କରିବାକୁ ଯୋଜନା କରୁଥିଲେ। ସୁମିତଙ୍କ ପରିବାର ଦାବି କରିଛି ଯେ ସେ ରେଖାଙ୍କ ପାଇଁ ପ୍ରାୟ ୧ କୋଟି ଟଙ୍କାର ଏକ ଫ୍ଲାଟ୍ ମଧ୍ୟ କିଣିଥିଲେ। ସୁମିତଙ୍କ ସମ୍ପର୍କୀୟ ଭାଇ ଅଭିଯୋଗ କରିଛନ୍ତି ଯେ ରେଖାଙ୍କ ପରିବାର ଲୋକ ରେଖାଙ୍କୁ ସୁମିତଙ୍କ ବିରୋଧରେ ଉସୁକାଉଥିଲେ ଓ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପୁଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଫୋରେନସିକ ଦଳ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିଛି।

## ମଧ୍ୟ ଭାରତରେ ପାରଦ ୩୦ ଡିଗ୍ରୀ ପାର

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଦେଶର ମଧ୍ୟ ଭାଗରେ ଥିବା ରାଜ୍ୟଗୁଡ଼ିକରେ ଗ୍ରୀଷ୍ମର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ୫ଟି ରାଜ୍ୟରେ ପାରଦ ୩୦ ଡିଗ୍ରୀ ପାର କରିଛି। ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶ, ଏହି ଦୁଇଟି ରାଜ୍ୟରେ ଅଧିକାଂଶ ସହରରେ ଦିନର ତାପମାତ୍ରା ୩୦ ଡିଗ୍ରୀ ଅତିକ୍ରମ କରିଛି। ୟୁପିର ବାନ୍ଦା ସହରରେ ସର୍ବାଧିକ ତାପମାତ୍ରା ୩୧.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଛତିଶଗଡ଼ରେ ତାପମାତ୍ରା ୧ରୁ ୨ ଡିଗ୍ରୀ ବୃଦ୍ଧି ପାଇଛି। ଜଗଦଲପୁରରେ ସବୁଠାରୁ ଅଧିକ ୩୨.୭ ସେଲସିୟସ ଅନୁଭୂତ ହୋଇଛି। କିନ୍ତୁ ଦେଶର ପଶ୍ଚିମ ହିମାଳୟ ଅଞ୍ଚଳରେ ଫେବୃଆରୀ ୧୩ରୁ ୧୬ ମଧ୍ୟରେ ଦୁଇଟି ପଶ୍ଚିମା ଝଡ଼ (ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ) ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇଦିନ ମଧ୍ୟରେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ବର୍ଷା ଓ ବରଫପାତ ହେବାର ସମ୍ଭାବନା ରହିଛି। ସେହିପରି ରାଜସ୍ଥାନର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତରାଖଣ୍ଡରେ କଠୋର ଶୀତ ଜାରି ରହିଛି। ମୁନସ୍ୟାରୀରେ ତାପମାତ୍ରା ବିୟୁକ୍ତ ୨୬ ଡିଗ୍ରୀକୁ ଖସିଥିବା ବେଳେ ଗଙ୍ଗୋତ୍ରୀରେ ବିୟୁକ୍ତ ୨୧ ଓ ବଦ୍ରିନାଥରେ ବିୟୁକ୍ତ ୧୯ ଡିଗ୍ରୀ ରହିଛି। କଶ୍ମୀର ଉଚ୍ଚ ଅଞ୍ଚଳଗୁଡ଼ିକରେ ବରଫପାତ ଯୋଗୁଁ 'ମୁଗଲ ରୋଡ଼' ବନ୍ଦ ରହିଛି। ଝାଡ଼ଖଣ୍ଡର ଚାରୋଟି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ରହିଛି।

## ଭାରତରେ ୨୫,୦୦୧ ଲାଇସେନ୍ସପ୍ରାପ୍ତ ପାଇଲଟ ଅଛନ୍ତି

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଭାରତରେ ବର୍ତ୍ତମାନ ୨୫, ୦୦୧ ଜଣ ଲାଇସେନ୍ସପ୍ରାପ୍ତ ପାଇଲଟ ଅଛନ୍ତି, ଅର୍ଥାତ ସେମାନଙ୍କ ପାଖରେ ବୈଧ ଲାଇସେନ୍ସ ରହିଛି ବୋଲି ସରକାର ଲୋକସଭାରେ ସୂଚନା ଦେଇଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ କେତେଜଣ ଚାକିରି କରୁଛନ୍ତି ବା ନିଯୁକ୍ତି ଦିଆଯାଇଛି, ସେ ନେଇ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ରେକର୍ଡ ନାହିଁ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ କେବଳ ଲାଇସେନ୍ସର ହିସାବ ରଖେ, କିନ୍ତୁ ନିଯୁକ୍ତି ସ୍ଥିତିର ନୁହେଁ ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି। ଲାଇସେନ୍ସ ୩ ପ୍ରକାର ରହିଛି। ଏଟିପିଏଲ୍ (ଏୟାରଲାଇନ୍ ଟ୍ରାନ୍ସପୋର୍ଟ ପାଇଲଟ ଲାଇସେନ୍ସ), ସିପିଏଲ (କମର୍ସିଆଲ ପାଇଲଟ ଲାଇସେନ୍ସ) ଓ ପିପିଏଲ୍ (ପ୍ରାଇଭେଟ ପାଇଲଟ ଲାଇସେନ୍ସ)। ୧୦, ୨୬୧ ଜଣ ପାଇଲଟଙ୍କ ପାଖରେ ଏଟିପିଏଲ, ୧୨, ୪୮୦ ଜଣଙ୍କ ପାଖରେ ସିପିଏଲ ଏବଂ ୧, ୪୬୭ ଜଣଙ୍କ ପାଖରେ ପିପିଏଲ ଅଛି। ଏଟିପିଏଲ ହେଉଛି ସବୁଠାରୁ ଉଚ୍ଚସ୍ତରୀୟ ପ୍ରମାଣପତ୍ର ଓ ଏହା ବାଣିଜ୍ୟିକ ବିମାନର କମାଣ୍ଡ ସମ୍ଭାଳିବା ପାଇଁ ଆବଶ୍ୟକ ହୋଇଥାଏ।

## ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ହତ୍ୟା ଷଡ଼ଯନ୍ତ୍ର: ଭାରତୀୟ ନାଗରିକଙ୍କୁ ୨୪ ବର୍ଷ ଜେଲ୍

ନ୍ୟୁୟର୍କ, ୧୪।୨(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁକୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିବା ଅଭିଯୋଗରେ ଭାରତୀୟ ନାଗରିକ ନିଖିଲ ଗୁପ୍ତାଙ୍କୁ ୨୪ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଶୁକ୍ରବାର ଦିନ ନ୍ୟୁୟର୍କର ଏକ କୋର୍ଟରେ ହାଜର ହୋଇ ନିଖିଲ ନିଜର ଅପରାଧ ସ୍ୱୀକାର କରିଥିଲେ। ଆସନ୍ତା ମେ ମାସ ୨୯ ତାରିଖରେ ଏହି ଦଣ୍ଡାଦେଶର ଆନୁଷ୍ଠାନିକ ଘୋଷଣା କରାଯିବ। ଆମେରିକୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ମୁତାବକ, ଏହି ଷଡ଼ଯନ୍ତ୍ର ଜଣେ ଆମେରିକୀୟ ନାଗରିକଙ୍କୁ ହତ୍ୟା କରାଯିବା ପାଇଁ ରଚାଯାଇଥିଲା, ଯାହାକୁ ଆମେରିକାର ଏଜେନ୍ସିଗୁଡ଼ିକ ସମୟ ପୂର୍ବରୁ ହିଁ ବିଫଳ କରିଦେଇଥିଲେ। ନିଖିଲ ଗୁପ୍ତା ଓରଫ ନିକ୍ ହତ୍ୟା ପାଇଁ ଚୁକ୍ତି, ଏହାର ଷଡ଼ଯନ୍ତ୍ର ଓ ମନି ଲଣ୍ଡରିଂ ଭଳି



୩ଟି ଗୁରୁତର ଅଭିଯୋଗକୁ ସ୍ୱୀକାର କରିଛନ୍ତି। ପନ୍ନୁ ମୂଳତଃ ପଞ୍ଜାବର ଖାନକୋଟ ବାସିନ୍ଦା। ସେ ବର୍ତ୍ତମାନ ଆମେରିକାରେ ରହି 'ଶିଖ ଫର ଜଷ୍ଟିସ' (ଏସ୍‌ଜେଏଫ୍) ନାମକ ସଂଗଠନ ପରିଚାଳନା କରୁଛି। ତା ପାଖରେ ଆମେରିକା ଓ କାନାଡ଼ାର ଦ୍ୱୈତ ନାଗରିକତା ଅଛି। ଭାରତ ସରକାର ତାକୁ ୨୦୨୦ ଜୁଲାଇ ୧ରେ ୟୁଏପିଏ ଅଧୀନରେ ଆତଙ୍କବାଦୀ ଘୋଷଣା କରିଥିଲେ।

ଅଭିଯୋଗ ହୋଇଛି ଯେ ୨୦୨୩ ମେ'ରେ ବିକାଶ ଯାଦବ ନାମକ ଜଣେ ଭାରତୀୟ ଅଧିକାରୀ ନିଖିଲ ଗୁପ୍ତାଙ୍କୁ ଏହି କାର୍ଯ୍ୟ କରିବା ପାଇଁ ନିୟୋଜିତ କରିଥିଲେ। ମେ ୨୯ରେ ନିଖିଲ ଜଣେ ସୁପାରି କିଲର ଖୋଜିବା ଆରମ୍ଭ କରିଥିଲେ। କିନ୍ତୁ ସେ ଯାହାକୁ ଯୋଗାଯୋଗ କଲେ, ସେ ଜଣେ ଆମେରିକୀୟ ଅଣ୍ଡରକଭର ଏଜେଣ୍ଟ ଥିଲେ। ଜୁନ୍ ୯ରେ ହତ୍ୟା ପାଇଁ ଅଗ୍ରିମ ବାବଦରେ ୧୫ ହଜାର ଡଲାର (୧୨.୫ ଲକ୍ଷ ଟଙ୍କା) ପଠାଇଥିଲେ। ସମୁଦାୟ ଚୁକ୍ତି ଏକ ଲକ୍ଷ ଡଲାରରେ ହୋଇଥିଲା। ଜୁନ୍ ୧୮ରେ କାନାଡ଼ାରେ ଅନ୍ୟତମ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରକୁ ହତ୍ୟା କରାଯାଇଥିଲା। ନିଖିଲ ସେହି ହତ୍ୟାର ଭିଡ଼ିଓ ସମ୍ପୃକ୍ତ ସୁପାରି କିଲରଙ୍କୁ ପଠାଇ କହିଥିଲେ ଯେ, ଏହା ଏକ ଶୁଭ ଖବର, ଏବେ ଆଉ ଅପେକ୍ଷା କରିବାର ଆବଶ୍ୟକତା ନାହିଁ। ଜୁନ୍ ୩୦ରେ ନିଖିଲଙ୍କୁ ଚେକ ଗଣରାଜ୍ୟରୁ ଗିରଫ କରାଯାଇଥିଲା ଓ ପରେ ଆମେରିକାକୁ ହସ୍ତାନ୍ତର କରାଯାଇଥିଲା। ଏଫ୍‌ବିଆଇ କହିଛି ଯେ, ଭାରତୀୟ ଗୁଇନ୍ଦା ସଂସ୍ଥା (ଆରଏଡବ୍ଲ୍ୟୁ) ସହ ଜଡ଼ିତ ଥିବା ବିକାଶ ଯାଦବ ଏହି ପୂରା ଯୋଜନାର ମୁଖ୍ୟ ଥିଲେ। ତେବେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ନିଜର ସ୍ପଷ୍ଟୀକରଣ ଦେଇ କହିଛି ଯେ, ଅଭିଯୋଗପତ୍ରରେ ନାମ ଥିବା ବ୍ୟକ୍ତି ଏବେ ଆଉ ଭାରତ ସରକାରଙ୍କ କର୍ମଚାରୀ ନୁହନ୍ତି।

# ରାମତୀର୍ଥରେ ବୁଡ଼ି ନାବାଳକ ନିଖୋଜ



ରାଇରଙ୍ଗପୁର/କରଞ୍ଜିଆ, ୧୪।୨ (ସମିସ): ରାମତୀର୍ଥ ନିକଟ ନଦୀରେ ଜଣେ ନାବାଳକ ବୁଡ଼ି ନିଖୋଜ ହୋଇଯାଇଛି। ନାବାଳକଜଣଙ୍କ ସ୍ଥାନୀୟ ଅଞ୍ଚଳର। ସେ ଆଜି ରାମତୀର୍ଥ ବୁଲିବାକୁ ଆସିଥିବା ବେଳେ ଅସାବଧାନତାରୁ ଖଇରୀ-ଭଣ୍ଡନ ନଦୀକୁ ଖସି ପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ଉଦ୍ଧାର କରିପାରିନଥିଲେ। ତେବେ ସଂଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି। ଆସନ୍ତାକାଲି ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଅଗ୍ନିଶମ ବିଭାଗ କହିଛି।

### ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ପ୍ରସଙ୍ଗ

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

**ରାଜ୍ୟ ସରକାରଙ୍କ ନୀରବତା ଦୋମୁହାଁ ନୀତିର ପରିଚୟ**

**ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ୨୦୧୪ ନିର୍ବାଚନରେ ପ୍ରତିଶ୍ରୁତି ଦେଇଥିଲା ବିଜେପି**

**'ଡବଲ ଇଞ୍ଜିନ' କ୍ଷମତାକୁ ଆସିବା ପରେ ଏବେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିରବ**



ଭୁବନେଶ୍ୱର,୧୪।୨(ସମିସ): ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଆଭିମୁଖ୍ୟକୁ ନେଇ ଆଜି ବିଜୁ ଜନତା ଦଳ ପ୍ରଶ୍ନ ଉଠାଇବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଓଡ଼ିଶାର ଏହି ଦୀର୍ଘଦିନର ଦାବିକୁ ନେଇ ରାଜ୍ୟ ସରକାରଙ୍କ ନିରବତା ତାଙ୍କ ଦୋମୁହାଁ ନୀତିର ପରିଚୟ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର କହିଥିଲେ ଯେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ଆସିଛି। ନବୀନ ବାବୁଙ୍କ ନେତୃତ୍ୱରେ ବିଜେଡି ନିୟମିତ ଭାବରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦୃଢ଼ ଦାବି କରି ଆସୁଛି। ୨୦୧୨ ମସିହାରେ ଦଳ ପକ୍ଷରୁ ଦିଲ୍ଲୀର ଲାଲକିଲ୍ଲା ପଡିଆରେ ଏକ ବିଶାଳ ଜନସଭା ଆୟୋଜନ କରି ଏହି ଦାବିକୁ ଭାରତ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ଜଣା ଥିବା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ ରାଜ୍ୟର ଭିତ୍ତିଭୂମିର ବିକାଶ, ଜନଜାତି ସମ୍ପ୍ରଦାୟର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସହାୟକ ହେବ ବୋଲି ଯୁକ୍ତି କରାଯାଇ ଆସୁଛି। ୨୦୧୪ ମସିହାର ବିଧାନସଭା ନିର୍ବାଚନରେ ବିଜେପି ଏହାର ନିର୍ବାଚନ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦାବି କରିବ ଓ ଏହି ଦାବି ହାସଲ ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ, ବିଡ଼ମ୍ବନାର ବିଷୟ ଯେ ରାଜ୍ୟରେ କ୍ଷମତାକୁ ଆସିବାର ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ ବିଜେପି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନେଇ ସମ୍ପୂର୍ଣ୍ଣ ନିରବ ରହିଥିବା ଡଃ ପାତ୍ର କହିଛନ୍ତି। ନିକଟରେ ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନରେ ଡ. ସସ୍ମିତ ପାତ୍ରଙ୍କ ଦ୍ୱାରା ସରକାରଙ୍କୁ ଏନେଇ ପ୍ରଶ୍ନ ପଚରାଯାଇଥିଲା। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ କୌଣସି ପ୍ରସ୍ତାବ ରହିଛି କି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ତାଙ୍କର ଉତ୍ତରରେ ଏଭଳି କୌଣସି ପ୍ରସ୍ତାବ ନାହିଁ ବୋଲି ଜଣାଇଥିଲେ। ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ସମ୍ବନ୍ଧରେ ରାଜ୍ୟ ବିଜେପି ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଦରକାର।

ଡ. ପାତ୍ର କହିଥିଲେ ଯେ ଆମେ ଜାଣିବାକୁ ପାଇଛୁ ଯେ ବଜେଟ ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ଆଜି ରାଜ୍ୟ କ୍ୟାବିନେଟ ବସୁଛି। ରାଜ୍ୟ ସରକାରଙ୍କୁ ଆମେ ଆହ୍ୱାନ କରିବାକୁ ଚାହୁଁଛୁ ଯେ ମୁଖ୍ୟମନ୍ତ୍ରୀଙ୍କର ଯଦି ସତ୍‌ସାହସ ଅଛି, ତା'ହେଲେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖିବାକୁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ନିଅନ୍ତୁ। ଡଃ ପାତ୍ର କହିଛନ୍ତି, ୨୦୧୪ ମସିହାରେ ଦିଆଯାଇଥିବା ପ୍ରତିଶ୍ରୁତି, ଡବଲ ଇଞ୍ଜିନ ସରକାର ଆସିବା ପରେ ପ୍ରକୃତରେ ପାଣିର ଗାର ପାଲଟିଛି। ନବୀନ ସରକାରଙ୍କ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ଡବଲ ଇଞ୍ଜିନ ସରକାର ଆଜି ବିପର୍ଯ୍ୟସ୍ତ ଓଡ଼ିଶାରେ ପରିଣତ କରିବାକୁ ଯାଉଛି। ଏହା ବିଜେପିର ଦୋମୁହାଁ ନୀତିକୁ ପଦାରେ ପକାଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଓ ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।

### ରାଜସ୍ୱ ବିଭାଗର ନିର୍ଦ୍ଦେଶ

# ମିଶନ୍ ମୋଡ୍‌ରେ ସାର ଜମିପଟ୍ଟା ସମ୍ବନ୍ଧୀୟ ସମସ୍ତ ସଂଶୋଧନ

ଭୁବନେଶ୍ୱର, ୧୪।୨ (ସମିସ): ରାଜ୍ୟର ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ (ଆର୍‌ଓଆର୍)ର ୨ ଖାନା (କଲମ-୨) ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସାରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି ରାଜ୍ୟ ସରକାର। ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ୍ ମୋଡ୍‌ରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଚିଠିରେ ଡ. ପାଢ଼ୀ କହିଛନ୍ତି ଯେ କଲମ-୨ ବା ଖତିଆନରେ ୨ ଖାନା ସଂଶୋଧନ କେବଳ ଏକ ସାଧାରଣ ସରକାରୀ ପ୍ରକ୍ରିୟା ନୁହେଁ; ଏହା ଜମି ମାଲିକାନାର ସୁରକ୍ଷା ଓ ସରକାରୀ ସେବା ପ୍ରଦାନ ସହ ସିଧାସଳଖ ଭାବେ ସମ୍ପୃକ୍ତ। ସଠିକ୍ ସଂଶୋଧନ ଓ ଚାଷୀ ପଞ୍ଜୀକରଣ ମାଧ୍ୟମରେ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଓ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନାର ସିଧାସଳଖ ସୁଫଳ ପାଇପାରିବେ। ମାତ୍ର, ଏଥିରେ ବିଳମ୍ବ ହେଲେ ନାଗରିକମାନେ ସିଧାସଳଖ ପ୍ରଭାବିତ ହେବେ ଏବଂ ପ୍ରଶାସନିକ କାର୍ଯ୍ୟ କୁଶଳତା ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ ଜାରି ହୋଇଥିବା ପ୍ରମୁଖ ନିର୍ଦ୍ଦେଶାବଳୀଗୁଡ଼ିକ ମଧ୍ୟରେ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେଇ ସମସ୍ତ ଅପେକ୍ଷିତ ବା ବଳକା ମାମଲାକୁ ମିଶନ୍ ମୋଡ୍‌ରେ ସଠିକ୍ ସମୟରେ ସାରିବାକୁ ଗୁରୁତ୍ୱ ଦିଆଯାଇଛି। ଅଧିକ ବଳକା ମାମଲା ଥିବା ତହସିଲଦାରମାନଙ୍କୁ ଚିହ୍ନଟ କରି ଆବଶ୍ୟକ ନିର୍ଦ୍ଦେଶ ତଥା ଚେତାବନୀ ଜାରି କରିବା ସହ ଅସନ୍ତୋଷଜନକ କାର୍ଯ୍ୟଦକ୍ଷତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଉପଜିଲ୍ଲାପାଳମାନେ ନିୟମିତ ନିରୀକ୍ଷଣ ପାଇଁ ଉତ୍ତରଦାୟୀ ରହିବା ସହ ବଳକା ମାମଲା ଶୀଘ୍ର ସାରିବା ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ ପାଇଁ ଡ୍ୟାସବୋର୍ଡ ବ୍ୟବସ୍ଥା ଆରମ୍ଭ ହେବ। ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ସଂଯୁକ୍ତ ରିପୋର୍ଟ ନିୟମିତ ଭାବେ ଦାଖଲ କରିବା ସହ ଏଥିସହ ସମ୍ପୃକ୍ତ ସମସ୍ୟାଗୁଡ଼ିକୁ ବିଭାଗକୁ ଅବଗତ କରାଇବା ପାଇଁ କୁହାଯାଇଛି। ଏହାକୁ ପ୍ରାଥମିକତା ଭାବେ ଗ୍ରହଣ କରି ଜିଲ୍ଲାସ୍ତରରେ କାର୍ଯ୍ୟକାରୀ କରିବାକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ଆର୍‌ଡିସିଙ୍କୁ ବ୍ୟକ୍ତିଗତ ଭାବେ ସମସ୍ତ କାର୍ଯ୍ୟ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବାଇଓମେଟ୍ରିକ୍ ଦେଉନାହାନ୍ତି କଲେଜ ଅଧ୍ୟକ୍ଷ

**ନିୟମିତ ଯାଞ୍ଚ ପାଇଁ ଉଚ୍ଚଶିକ୍ଷା ବିଭାଗର ବ୍ୟବସ୍ଥା ନାହିଁ**

**ଗୁରୁତର ପ୍ରଭାବିତ ହେଉଛି ଶୈକ୍ଷିକ ବାତାବରଣ**

ଭୁବନେଶ୍ୱର, ୧୪।୨ (ସମିସ): ମହାବିଦ୍ୟାଳୟଅଧ୍ୟକ୍ଷମାନେ ବାଇଓମେଟ୍ରିକ୍ ଉପସ୍ଥାନ ଦେଉନାହାନ୍ତି। ଉଚ୍ଚଶିକ୍ଷା ବିଭାଗର ବାରମ୍ବାର ନିର୍ଦ୍ଦେଶନାମାକୁ ଭୃକ୍ଷେପ କରୁନାହାନ୍ତି। ବିଭାଗର ତାଗିଦ୍ ପରେ କିଛି ଦିନ ତତ୍ପରତା ପ୍ରକାଶ କରୁଛନ୍ତି। କିନ୍ତୁ କିଛି ମାସ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ଅଧ୍ୟକ୍ଷଙ୍କୁ ଦେଖି ଅଧ୍ୟାପକମାନେ ମଧ୍ୟ ବାଇଓମେଟ୍ରିକ୍ ଉପସ୍ଥାନକୁ ଗୁରୁତ୍ୱ ଦେଉନାହାନ୍ତି। ବିଭାଗ ପକ୍ଷରୁ ନିୟମିତ ଉପସ୍ଥାନ ଯାଞ୍ଚ କରିବାକୁ କୌଣସି ବ୍ୟବସ୍ଥା ନ ଥିବାରୁ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି।

କଲେଜର ଅନ୍ୟୁନ ୭ ଘଣ୍ଟା ରହିବାକୁ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ କଲେଜରେ ପହଞ୍ଚିବା ପରେ ଓ ପ୍ରସ୍ଥାନ ପୂର୍ବରୁ ଫିଙ୍ଗରପ୍ରିଣ୍ଟ ଦେବେ। ମାତ୍ର, ବହୁ ସ୍ଥାନରେ ନିଜର ଫିଙ୍ଗରପ୍ରିଣ୍ଟ ସହ ଚକ୍ରାନ୍ତ କରି ଅନ୍ୟର ଫିଙ୍ଗରପ୍ରିଣ୍ଟକୁ ମଧ୍ୟ ଫିଡ୍ କରିଦେଉଥିବା ଅଭିଯୋଗ ହେବାରୁ ଫେସ୍-ସ୍କାନ୍ ବ୍ୟବସ୍ଥା ଆପଣାଯାଉଛି। ଏହା ଆମାନିଆଙ୍କ ପାଇଁ ବଡ଼ ଆଡ୍ଡୁଆ ସୃଷ୍ଟି କରିଛି। ମୁଖ୍ୟତଃ କଲେଜ ଅଧ୍ୟକ୍ଷମାନେ ଆଉ ଫେସ୍ ସ୍କାନ୍ କରିବାକୁ ଉଚିତ ମଣୁନାହାନ୍ତି। ସେମାନେ କଲେଜର ମୁଖିଆ ହୋଇଥିବାରୁ ତାଙ୍କୁ କହିବାକୁ ମଧ୍ୟ କେହି ନାହାନ୍ତି। ଅପରପକ୍ଷେ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିୟମିତ ଉପସ୍ଥାନ ଯାଞ୍ଚ କରିବାକୁ କୌଣସି ବ୍ୟବସ୍ଥା ନ ଥିବାରୁ ଆମାନିଆଙ୍କୁ ବେଶ ସୁହାଉଛି।

ପୂର୍ବରୁ ଅଧ୍ୟକ୍ଷମାନେ ବାଇଓମେଟ୍ରିକ୍ ଦେଉନଥିବା ଅଭିଯୋଗ ହେବା ପରେ ଗତବର୍ଷ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ନିର୍ଦ୍ଦେଶକ ଅଚାନକ ବିଭିନ୍ନ କଲେଜକୁ ଗସ୍ତ କରିଥିଲେ। ସଠିକ୍ ସମୟରେ ବାଇଓମେଟ୍ରିକ୍ ଦେଉ ନଥିବା ଅଧ୍ୟାପକ ଓ ମୂଳରୁ ଫିଙ୍ଗରପ୍ରିଣ୍ଟ ଦେଉନଥିବା ଅଧ୍ୟକ୍ଷଙ୍କୁ ତାଗିଦ୍ କରିଥିଲେ। କିଛି କଲେଜର ବାଇଓମେଟ୍ରିକ୍ ଉପସ୍ଥାନ ଅଚାନକ ପରଖିବା ପରେ ଏହା ସ୍ପଷ୍ଟ ହେବାରୁ ଅଧ୍ୟକ୍ଷମାନେ ମଧ୍ୟ ବାଇଓମେଟ୍ରିକ୍ ଉପସ୍ଥାନ ଦେବାକୁ ବାଧ୍ୟ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। କିଛି ଦିନ ଏହାର ଅନୁପାଳନ ହେବା ପରେ ପୁଣି ଅଧ୍ୟକ୍ଷମାନେ ମନମାନି କରୁଥିବା ଅଭିଯୋଗ ହେଉଛି।

ପୁରୀ ଜିଲ୍ଲା କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟ ସମେତ ବହୁ କଲେଜରେ ଏପରି ଚକ୍ରାନ୍ତ କରାଯାଉଥିବା ନେଇ ବିଭାଗ ନିକଟରେ ଅଭିଯୋଗ ହୋଇଛି। କିଛି ସ୍ଥାନରେ ନିର୍ଦ୍ଧାରିତ ସମୟ ୭ ଘଣ୍ଟା ପୂର୍ବରୁ ମଧ୍ୟ ବାଇଓମେଟ୍ରିକ୍ ଦେଇ ଘରକୁ ଯାଉଥିବା ଅଭିଯୋଗ ସତ୍ତ୍ୱେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅଧ୍ୟକ୍ଷଙ୍କୁ ଅନୁସରଣ କରି କିଛି ଅଧ୍ୟାପକ ମଧ୍ୟ ସମାନ ଢାଞ୍ଚା ଆପଣାଉଥିବାରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି।



ମହାଶିବରାତ୍ରି ପୂର୍ବରୁ ଭଦ୍ରକ ପ୍ରସିଦ୍ଧ ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାରେ ବନ୍ଧାହେଲା ନେତ

# ୧୪ ଆଇଇଡି ସହ ବିପୁଳ ବିସ୍ଫୋରକ ଜବତ

ମାଲକାନଗିରି, ୧୪।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓ ଦମନ ଅଭିଯାନ ବେଳେ ମାଓବାଦୀମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ୧୪ ଆଇଇଡି ବୋମାକୁ ସୁରକ୍ଷାବାହିନୀ ଜବତ କରିବା ସହ ତାହାକୁ ନିଷ୍କ୍ରିୟ କରିଛନ୍ତି। ଘଟଣାସ୍ଥଳରୁ ବିପୁଳ ବିସ୍ଫୋରକ ସାମଗ୍ରୀ ସହ ଦୁଇଟି ମାଓଡମ୍ପ ମଧ୍ୟ ଠାବ କରାଯାଇଛି। ସୂଚନାନୁଯାୟୀ, ସିଆର୍‌ପିଏଫ୍ ଏବଂ କୋବ୍ରା ବାହିନୀର ମିଳିତ ଦଳ ତାଡପାଲା ପାହାଡ଼ ଅଞ୍ଚଳରେ ମାଓ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଲଗାଇଥିବା ୧୪ଟି ଆଇଇଡି ବୋମାକୁ ଠାବ କରି ଏହାକୁ ନିଷ୍କ୍ରିୟ କରିବା ସହ ଜବତ କରିଥିଲେ। ଅଞ୍ଚଳରେ ଅଧିକ ତଲାସି ସମୟରେ ମାଓବାଦୀମାନେ ମାଟି ତଳେ ଦୁଇଟି ସ୍ଥାନରେ ଲୁଚାଇ ରଖିଥିବା ବିପୁଳ ବିସ୍ଫୋରକ, ମାଓ ସାମଗ୍ରୀକୁ ମଧ୍ୟ ଜବତ କରିଥିଲେ।

# ୫ ନକ୍ସଲ ସ୍ମାରକୀ ଧ୍ୱଂସ କଲେ ଯବାନ

ମାଲକାନଗିରି,୧୪।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀ ୫ ନକ୍ସଲ ସ୍ମାରକୀ ଭାଙ୍ଗି ନଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ଜିଲ୍ଲାର ତାରେମ ଥାନା ଅଞ୍ଚଳର ମାଣ୍ଡିମାର୍କା ଜଙ୍ଗଲରେ ସିଆରପିଏଫର ୧୬୮ ଏବଂ ୧୫୩ ବାଟାଲିୟନର ଏକ ମିଳିତ ଦଳ ମାଓ ଦମନ ପାଇଁ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ଯବାନମାନେ ନକ୍ସଲ ସ୍ମାରକୀ ଦେଖି ଏହାକୁ ଭାଙ୍ଗି ନଷ୍ଟ କରିଥିଲେ। ସେହିପରି ଉସୁର ଥାନା ଅଞ୍ଚଳର ମାରୁଧବାକା ଜଙ୍ଗଲରେ ମଧ୍ୟ ମାଓବାଦୀଙ୍କ ଦ୍ୱାରା ନିର୍ମିତ ଦୁଇଟି ସ୍ମାରକୀକୁ ଠାବ କରି ଏହାକୁ ଭାଙ୍ଗି ଦେଇଥିଲେ। ସେହିପରି ପୌରରଗୁଡ଼ା ଏବଂ ସିଙ୍ଗାନାପାଲି ଜଙ୍ଗଲ ଅଞ୍ଚଳରେ ଅନ୍ୟ ଦୁଇଟି ନକ୍ସଲ ସ୍ମାରକୀକୁ ନଷ୍ଟ କରାଯାଇଛି। ଦକ୍ଷିଣ ବସ୍ତର୍ ଅଞ୍ଚଳରେ ଚାଲିଥିବା ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀର ଏହି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ମାଓ ଭୟକୁ ଦୂର କରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ନବୀନଙ୍କୁ ଭେଟିଲେ ବ୍ୟାସନଗର ମୁନିସିପାଲଟି ଅଞ୍ଚଳର ମିଶନ ଶକ୍ତି ମା'

# ଦୃଢ଼ ମନୋବଳ ସହ ନିଜର ଆର୍ଥିକ ଉନ୍ନତି ପାଇଁ କାମ ଜାରି ରଖିବାକୁ ପରାମର୍ଶ



ଭୁବନେଶ୍ୱର,୧୪।୨(ସମିସ): ଯାଜପୁର ବ୍ୟାସନଗର ମୁନିସିପାଲଟି ଅଞ୍ଚଳର ମିଶନ ଶକ୍ତି ମାମାନେ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସବୁ ଆହ୍ୱାନର ସାମ୍ନା କରି ଦୃଢ଼ ମନୋବଳ ସହ ନିଜର ଆର୍ଥିକ ଉନ୍ନତି ପାଇଁ କାମ ଜାରି ରଖିବାକୁ ଶ୍ରୀ ପଟ୍ଟନାୟକ ମିଶନ ଶକ୍ତି ମାମାନଙ୍କୁ ପରାମର୍ଶ ଦେଇଥିଲେ।

# ଦୁଷ୍କର୍ମ ଅଭିଯୋଗରେ ଯୁବନେତା ଗିରଫ

ବାରିପଦା, ୧୪।୨(ସମିସ): ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ବାରିପଦା ସଦର ଥାନା ପୁଲିସ୍ ଜଣେ ଯୁବନେତାଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ବାରିପଦା ସଦର ଥାନା ଅନ୍ତର୍ଗତ ରାଣୀଭୋଳ ଗାଁର ଶିରୀଶ ଚନ୍ଦ୍ର ହେମ୍ବ୍ରମ(୩୨)। କୁଳିଅଣା ବ୍ଲକର ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ସଂପର୍କ ରଖିଥିଲେ। କିନ୍ତୁ ପରେ ସେ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ଯୁବତୀଜଣଙ୍କ ବାରିପଦା ସଦର ଥାନାରେ ଗତ ୧୨ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ ଗତରାତିରେ ଶିରୀଶଙ୍କୁ ଗିରଫ କରିଥିବା ବେଳେ ଆଜି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ମା' ଜଣେ ପ୍ରାକ୍ତନ ଲୋକପ୍ରତିନିଧି ହୋଇଥିବା ବେଳେ ଅଭିଯୁକ୍ତ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଆଶାୟୀ ରହି ଆସିଥିଲେ। ତେବେ ଶିରୀଶ ଏହି ଅଭିଯୋଗକୁ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି।

# ସେଚ ବିକାଶକୁ କ୍ୟାବିନେଟ ମୋହର

### ୪ ପ୍ରସ୍ତାବକୁ ମଞ୍ଜୁରୀ

**ସାଳନ୍ଦୀ ବାମ ମୁଖ୍ୟ କେନାଲରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ନିର୍ମାଣ ହେବ ୩ ବିତରଣ ପ୍ରଣାଳୀ**

**ଖର୍ଚ୍ଚ ହେବ ୩୫୯ କୋଟି ୭୭ ଲକ୍ଷ ଟଙ୍କା**

**ବାଲେଶ୍ୱର ଜିଲ୍ଲାର ୧୫୮୬୭ ହେକ୍ଟର ଜମିରେ ପହଞ୍ଚିବ ପାଣି**

**ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା (ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ଅନୁମୋଦନ**

ଭୁବନେଶ୍ୱର, ୧୪।୨ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବ ମଧ୍ୟରେ ୩ଟି ଜଳସମ୍ପଦ ବିଭାଗର ପ୍ରସ୍ତାବ ଥିବା ବେଳେ ଅନ୍ୟଟି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ଅନ୍ତର୍ଭୁକ୍ତ ରହିଛି। ଜଳସମ୍ପଦ ବିଭାଗର ୩ଟି ପ୍ରସ୍ତାବ ଦ୍ୱାରା ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନରେ ସାଳନ୍ଦୀ ବାମ ମୁଖ୍ୟ କେନାଲରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ୩ଟି ପ୍ୟାକେଜ ନିର୍ମାଣକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ବାଲେଶ୍ୱର ଜିଲ୍ଲାର ମୋଟ ୧୫୮୬୭ ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇପାରିବ। ଏଥିପାଇଁ ୩୫୯ କୋଟି ୭୭ ଲକ୍ଷ ୧୨ ହଜାର ୬୪୬ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି।

ବୈଠକ ଶେଷ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଏକ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀ ର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ବ୍ୟାରେଜର ନିର୍ମାଣ ଓ ସାଳନ୍ଦୀ ନଦୀ ପ୍ରଣାଳୀର ସୁଦୃଢ଼ୀକରଣ କାର୍ଯ୍ୟ ଓ ଉନ୍ମୁକ୍ତ କେନାଲ ପ୍ରଣାଳୀ ମାଧ୍ୟମରେ ୩୦୦୦ ହେକ୍ଟର ଚାଷଜମିର ବିତରଣ ପ୍ରଣାଳୀ ସହ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ସମାପ୍ତ ହୋଇସାରିଛି। ତେବେ ଜମି ଅଧିଗ୍ରହଣରେ ବିଳମ୍ବକୁ ଦୃଷ୍ଟି ରେ ରଖି ଉନ୍ମୁକ୍ତ କେନାଲ ପ୍ରଣାଳୀରେ ହେବାକୁ ଥିବା ଅବଶିଷ୍ଟ ୫୭୦୦୦ ହେକ୍ଟର ଚାଷଜମିର ଜଳବଣ୍ଟନ ବ୍ୟବସ୍ଥାକୁ ବର୍ତ୍ତମାନ ଭୂତଳ ପାଇପଲାଇନ ବ୍ୟବସ୍ଥା ମାଧ୍ୟମରେ ୯ ଗୋଟି ପ୍ୟାକେଜରେ କରାଯିବାର ପ୍ରସ୍ତାବକୁ ପୂର୍ବରୁ ଅନୁମୋଦନ କରାଯାଇଛି। ତେବେ ଶନିବାର ଅନୁଷ୍ଠିତ ବୈଠକରେ "ସାଳନ୍ଦୀବାମ ମୁଖ୍ୟ କେନାଲର ୪୯.୮୧୦କିମିରୁ ୫୯.୯୭୦ କିମି, ୫୯.୯୭୦ କିମିରୁ ୬୦.୩୦୪ କିମି ଓ ୭୧.୫୦୫କିମିରୁ ୭୩.୦୦୩ କିମି ମଧ୍ୟରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ନିର୍ମାଣ ସମ୍ପର୍କିତ ୩ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ମୋଟ ୧୫୮୬୭ ହେକ୍ଟର ଚାଷଜମିରେ ଜଳସେଚନ ସହ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ଏହି ୯ ଗୋଟି ପ୍ୟାକେଜ ମଧ୍ୟରୁ ଅନ୍ତର୍ଭୁକ୍ତ ଅଟେ। ଏହି ୩ଟି ପ୍ୟାକେଜ ନିର୍ମାଣ ପାଇଁ ମୋଟ ୩୫୯ କୋଟି ୭୭ ଲକ୍ଷ ୧୨ ହଜାର ୬୪୬ ଟଙ୍କା ଖର୍ଚ୍ଚ ହେବ। ସେହିପରି ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବ୍ୟକ୍ଷଣ ନିମିତ୍ତ ୧୮ କୋଟି ୭୯ ଲକ୍ଷ ୩୨ ହଜାର ୩୫୪ ଟଙ୍କା ଟେଣ୍ଡରଟିକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ପ୍ରକଳ୍ପଟି ଚବିଶି (୨୪) ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖା ଯାଇଛି।

ସେହିପରି ଓଡ଼ିଶା କର୍ମଚାରୀ ରାଜ୍ୟବୀମା ଯୋଜନା ରେଡିଓଗ୍ରାଫର ସେବା(ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ରାଜ୍ୟର ଇଏସଆଇ ହସ୍ପିଟାଲ ଏବଂ ଡିସପେନସାରିରେ ସେବା କରିବା ପାଇଁ ନିଯୁକ୍ତ ବ୍ୟକ୍ତିମାନଙ୍କ ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ ନିୟନ୍ତ୍ରଣ ପାଇଁ ଏହା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି।

### ଜାଗର ପୂର୍ବରୁ ଅବ୍ୟବସ୍ଥା ଜଳଜଳ

# ଶ୍ରୀଲୋକନାଥ ମନ୍ଦିର ଘଣ୍ଟାଏ ଅନ୍ଧାର

ପୁରୀ,୧୪।୨(ସମିସ): ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ଏବେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ପଙ୍କୋଦ୍ଧାର ଏକାଦଶୀରେ ହଜାରହଜାର ଶ୍ରଦ୍ଧାଳୁ ମନ୍ଦିରକୁ ଆସି ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥିଲେ। ରବିବାର ମହାଶିବରାତ୍ରୀ। ଶ୍ରୀଲୋକାଥଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ହେଲେ ଏହାର ଅବ୍ୟବହିତ ପୂର୍ବରୁ ଶନିବାର ଦେଖିବାକୁ ମିଳିଛି ଅବ୍ୟବସ୍ଥା। ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଯୋଗୁଁ ସେବକମାନଙ୍କ କାର୍ଯ୍ୟ ସମ୍ପାଦନରେ ବାଧା ଉପୁଜିଛି। ଏପରିକି, ଇନ୍‌ଭର୍ଟର୍ ଥାଇ ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ ବ୍ୟାଘାତ ସମସ୍ୟା ଉପୁଜିଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ କରାଯାଉଥିଲେହେଁ ଭିତର ପାର୍ଶ୍ୱରେ ଉନ୍ନତୀକରଣ ପାଇଁ ସେଭଳି କୌଣସି ତତ୍ପରତା ଦେଖାଯାଉନାହିଁ। ମନ୍ଦିର ଭିତରେ ଉନ୍ନତୀକରଣ ନେଇ ପ୍ରାୟ ବର୍ଷେ ହେବ ପ୍ରସ୍ତାବ ପଠାଯାଇଛି। ପ୍ରତ୍ନତତ୍ତ୍ୱ ବିଭାଗକୁ ସର୍ବେକ୍ଷଣ ପାଇଁ ଚିଠି ହୋଇଛି। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ। ଶ୍ରୀଲୋକନାଥ ମନ୍ଦିର ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ ପଣ୍ଡା କହିଛନ୍ତି, ମନ୍ଦିରର ଭିତର ପାର୍ଶ୍ୱ ଅବସ୍ଥା ଦୟନୀୟ। ଶନିବାର ଲାଇନ୍ କଟିଯିବାରୁ ସମସ୍ୟା ଉପୁଜିଲା। ପାଣି ପାଇଁ ସମସ୍ୟା ହେଲା। ଲାଇନ୍ ନ ଥିବାରୁ ଭିତର ପାର୍ଶ୍ୱରେ ଭକ୍ତମାନେ ପିଇବା ପାଣି ଟୋପେ ପାଇଲେ ନାହିଁ। ବାରମ୍ବାର ମନ୍ଦିର ଭିତରେ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଛୁ। କିଛି ଲାଭ ହେଉନାହିଁ। ବାହାର ପାର୍ଶ୍ୱ ଉନ୍ନତୀକରଣ ଆବଶ୍ୟକତା ରହିଛି।

# ବ୍ୟାଙ୍କ ଡକାୟତି ଘଟଣାରେ ପୁଣି ୨ କୋର୍ଟ ଚାଲାଣ

## ଗିରଫ ସଂଖ୍ୟା ୬କୁ ବୃଦ୍ଧି

ଯୋଡ଼ା/ବଡ଼ବିଲ୍, ୧୪।୨(ସମିସ)

ଗତ ଜାନୁଆରୀ ୧୯ ତାରିଖ ବ୍ୟାଙ୍କ ଅଫ ମହାରାଷ୍ଟ୍ର ବଡ଼ବିଲ ଶାଖାରେ ହୋଇଥିବା ଡକାୟତି ଘଟଣାରେ ପୁଲିସ ପୁଣି ୨ ଜଣଙ୍କୁ ଗିରଫ କରିଛି। ଏକ ସ୍ୱତନ୍ତ୍ର ଟିମ ବିହାର ରାଜ୍ୟ ପାଟଣା ଅଞ୍ଚଳରୁ ଉଭୟଙ୍କୁ ଗିରଫ କରି ପରେଡ୍ କରାଇଛି। ଅଭିଯୁକ୍ତଦ୍ୱୟ ହେଲେ ବିହାର ରାଜ୍ୟ ବନାରସ ଜିଲ୍ଲା ଭଗବାନପୁର ଥାନା ଆସୋଇ ଗ୍ରାମର ସନ୍ତୋଷ ପାଶୱାନ (୩୮) ଓ ପାଟଣା ଜିଲ୍ଲା ରାମକୃଷ୍ଣପୁର ନଗର ଭୂପତିପୁର ଗ୍ରାମର ନବୀନ ଯାଦବ। ସେମାନଙ୍କ ନିକଟରୁ ଗୋଟିଏ ସୁନାହାର, ଗୋଟିଏ ସୁନାମୁଦି ୨ଟି ସ୍ମାର୍ଟ ଫୋନ ଜବତ ହୋଇଛି। ସନ୍ତୋଷ



ନାମରେ ବିହାର ରାଜ୍ୟର ବିଭିନ୍ନ ଥାନାରେ ଚୋରି, ଲୁଟ୍, ହତ୍ୟା, ଅପହରଣ ପରି ୮ଟି ସଂଗୀନ ମାମଲା ରହିଥିବା ବେଳେ ନବୀନ ନାମରେ ୨ଟି ଅପରାଧ ମାମଲା ରହିଛି। ଉଭୟଙ୍କୁ ବଡ଼ବିଲ ବାଟା ଛକଠାରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ଚଲେଇବା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଗିରଫଦାରୀ ପରେ ମାମଲାରେ ସମ୍ପୃକ୍ତ ମୋଟ ୬ ଜଣଙ୍କୁ ଏଯାଏ କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି। ଗତ ଜାନୁଆରୀ ୨୪ ତାରିଖ ଝାଡ଼ଖଣ୍ଡ ରାଜ୍ୟ ଧାନବାଦରୁ କୁନାଲ ରାଜ ବର୍ମା ଓ ରାଜ କୁମାର ସିଂ(ରାଜା)କୁ ଓଡିଶା ଓ ଝାଡ଼ଖଣ୍ଡ ପୁଲିସର ମିଳିତ ଟିମ୍ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୨୬୯.୬୭ ଗ୍ରାମ ସୁନା, ୨ଟି ସ୍କର୍ପିଓ ଗାଡି, ୪ଟି ସ୍ମାର୍ଟ ଫୋନ ଜବତ ହୋଇଥିଲା।୨୭ ତାରିଖରେ ବ୍ୟାଙ୍କ ଲୁଟ ଘଟଣାର ମୁଖ୍ୟ ସହଯୋଗୀ ଅଭିରଞ୍ଜନ କୁମାରକୁ ଗିରଫ କରାଯିବା ସହ ଏକ ପଲ୍ସର ବାଇକ ଜବଦ ହୋଇଥିଲା। ସେହିପରି ଫେବୃଆରୀ ୧ ତାରିଖରେ ବ୍ୟାଙ୍କ ଡକାୟତି ଘଟଣାରେ ସମ୍ପୃକ୍ତ ସିପୁ କୁମାର ଟାଙ୍କୁରା ଜଙ୍ଗଲ ନିକଟରେ ପୁଲିସ ସହ ଗୁଳି ବିନିମୟ ହୋଇ ଏନକାଉଣ୍ଟରରେ ଆହତ ହେବା ପରେ ଗିରଫ ହୋଇଥିଲା।

# ଦ୍ୱିତୀୟ ବୈତରଣୀ ସାହିତ୍ୟ ସମାରୋହ



ଆନନ୍ଦପୁର, ୧୪।୨ (ସମିସ): ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ ଦ୍ୱିତୀୟ ବୈତରଣୀ ସାହିତ୍ୟ ଉତ୍ସବ ପାଳିତ ହୋଇଯାଇଛି। ଫକୀରପୁରସ୍ଥିତ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସଂସ୍କୃତି ଗବେଷକ ଅନୀଲ ଧିର, ମୁଖ୍ୟବକ୍ତା ରୂପେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଡ଼ଃ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିରୂପେ ବିଶିଷ୍ଟ ପ୍ରାବନ୍ଧିକ ରମାକାନ୍ତ ନାୟକ ଅନ୍ୟତମ ସମ୍ମାନିତ ଅତିଥି ତଥା ବିଶିଷ୍ଟ ପ୍ରାବନ୍ଧିକ ହଳଧର ପଣ୍ଡା, ସମାଜ ସଂସ୍କାରକ ସରୋଜ ସାହୁ, ସରକାରୀ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ଼ଃ କାର୍ତ୍ତିକେଶ୍ୱର ରାଉଳ ଯୋଗ ଦେଇଥି। ନିରୁପମା ବେହେରାଙ୍କୁ "ବୈତରଣୀ କବିତା ସମ୍ମାନ', ବୈତରଣୀ ପ୍ରବନ୍ଧ ସମ୍ମାନ ପାଇଁ ଡ଼ଃ ପ୍ରଭାତ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ଆୟୋଜକ ତ୍ରିଲୋଚନ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରଥମ ଅଧିବେଶନରେ ଡ଼ଃ ବଳଦେବ ପତି ଅତିଥି ପରିଚୟ ଦେଇଥିବା ଓ ଦିଲ୍ଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। "ମୋ ସଂସ୍କୃତି' ପତ୍ରିକାର ଦ୍ୱିତୀୟ ସଂସ୍କରଣ, "ନେକ୍ସ ଇଣ୍ଡିଆ ଜର୍ଣ୍ଣାଲ'ର ସପ୍ତମ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ରାଜ୍ୟସ୍ତରୀୟ କବିତା ଉତ୍ସବରେ ଅତିଥିରୂପେ କବୟିତ୍ରୀ ନିରୁପମା ବେହେରା, ଫକୀରପୁର ସାହିତ୍ୟ ସଂସଦର ସମ୍ପାଦକ ଅନୀଲ ସାହୁ, ସମାଜ ସଂସ୍କାରକ ଡ଼ଃ ବଳଦେବ ପତି, କବୟିତ୍ରୀ ହାସ୍ୟମୟୀ ରାଜ୍, ଦୀପ୍ତି ଦେବଦର୍ଶିନୀ ସୂତାର ଯୋଗ ଦେଇଥିଲେ। ଯୁବ କବି ଡ଼ଃ ଅଶୋକ ପୁହାଣ ପ୍ରେମ କବିତା ଆବୃତ୍ତି କରିଥିଲେ। ଶତାଧିକ କବି କବୟିତ୍ରୀ ଯୋଗଦେଇଥିଲେ। "କବିତା ନାଟ୍ୟାୟନ' କାର୍ଯ୍ୟକ୍ରମରେ ବିଶିଷ୍ଟ ପାଲା ଗାୟକ ଗୟାଧର ନାଥ କବି ଦିଲ୍ଲୀପ କୁମାର ସାହୁଙ୍କ "ପରିଚିତ ଆକାଶର କବିତା' ପୁସ୍ତକକୁ ନାଟ୍ୟ ଆକାରରେ ପରିବେଷଣ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫୦ରୁ ଉର୍ଦ୍ଧ୍ୱ କବିକବୟିତ୍ରୀ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ବ୍ରାହ୍ମଣ ମହାସଭା; ମୁଖପତ୍ର ବ୍ରହ୍ମସନ୍ଦେଶ ଉନ୍ମୋଚିତ



ଘଟଗାଁ, ୧୪।୨ (ସମିସ): ଘଟଗାଁସ୍ଥିତ ଶ୍ରୀଶନିଦେବ ମନ୍ଦିରରେ କେନ୍ଦୁଝର ବ୍ରାହ୍ମଣ ମହାସଭାର ଜିଲ୍ଲାସ୍ତରୀୟ ଆଞ୍ଚଳିକ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଘଟଗାଁ ସଙ୍ଘ ସଭାପତି ଦିଲୀପ ପ୍ରହରାଜଙ୍କ ସଭାପତିତ୍ୱରେ ସମ୍ପାଦକ ପ୍ରଳୟ ପ୍ରଭଞ୍ଜନ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ମଦନ ପାଣିଙ୍କ ସଂଯୋଜନାରେ ରାଜ୍ୟ ସଭାପତି ଡ଼ ସଦାନନ୍ଦ ଦୀକ୍ଷିତ, ଜାତୀୟ ପ୍ରଚାର ସମିତିର ସଭାପତି ଡ଼ ଉପେନ୍ଦ୍ର ଶର୍ମା, ଭଦ୍ରକ ଉପଦେଷ୍ଟା ରାଜେନ୍ଦ୍ର କୁମାର ପାଢ଼ୀ, ବାଲେଶ୍ୱର ସଙ୍ଘ ସମ୍ପାଦକ ରମାକାନ୍ତ ଶତପଥୀ, କେନ୍ଦୁଝର ଜିଲ୍ଲା ଉପସଭାପତି ରଞ୍ଜନ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରସନ କୁମାର ନନ୍ଦ, ଆନନ୍ଦପୁର ସଂଯୋଜକ ମଦନ ମିଶ୍ର, ଉପଦେଷ୍ଟା ମଧୁସୂଦନ ମିଶ୍ର, ଶରତ କୁମାର ମିଶ୍ର, ତ୍ରିଲୋଚନ ଦାଶ, ଶିବଶରଣ ମିଶ୍ର ସନାତନ ଧର୍ମର ସୁରକ୍ଷା ପାଇଁ ଜାଗରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖପତ୍ର ବ୍ରହ୍ମସନ୍ଦେଶକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦିଲୀପ ମିଶ୍ର ବୀରେନ୍ଦ୍ର ମିଶ୍ର, ଶଶିଭୂଷଣ ମହାପାତ୍ର ଚିତ୍ତରଞ୍ଜନ ମହାପାତ୍ର, ବିଜୟ ମିଶ. ବଳଭଦ୍ର କର, ବିଭୂତି ଦାଶ, ଯତୀନ ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଘଟଗାଁ ସଙ୍ଘର ଜଗବନ୍ଧୁ ସା, ସନ୍ତୋଷ ପତି ଭୀମସେନ କର, ଚିନ୍ତାମଣି ଦାଶ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପରିଚାଳନା କରିଥିଲେ।

# ଅର୍ଶଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିବନ୍ଧ, ୧୪।୨ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନଚରଣ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକ ମୁଖ୍ୟଅତିଥି, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଝୁମ୍ପୁରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଜୟନ୍ତୀ କୁମାରୀ ମଲ୍ଲିକ, ଝୁମ୍ପୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ତଥା ମଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ, ଅର୍ଶଳା ପୂର୍ବତନ ସରପଞ୍ଚ ପ୍ରସନ୍ନ ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ବେହେରା, ଶୁଣ୍ଠିମରୁଣ୍ଡୁଆଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଏବଂ ମୋ ସ୍କୁଲ ଅଭିଯାନ କମିଟିର ସଭାପତି, ସମ୍ପାଦକ, ସଭ୍ୟସଭ୍ୟାଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସଂଗ୍ରାମୀ ସୁରେଶଚନ୍ଦ୍ର ପାଢ଼ୀଙ୍କୁ ଶ୍ରଦ୍ଧାଞ୍ଜଳି



ଆନନ୍ଦପୁର, ୧୪।୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ବାରିକସାହି ନିବାସୀ ତଥା ଆନନ୍ଦପୁର ମହାବିଦ୍ୟାଳୟର ସେବାନିବୃତ ଡେମୋନଷ୍ଟ୍ରେଟର ଏବଂ ଜରୁରିକାଳୀନ ପରିସ୍ଥିତି ସମୟରେ କାରାବରଣ କରିଥିବା ଲୋକତନ୍ତ୍ର ସେନାନୀ ସ୍ୱର୍ଗତ ସୁରେଶଚନ୍ଦ୍ର ପାଢ଼ୀଙ୍କ ଦ୍ୱାଦଶାହରେ ଏକ ସ୍ମୃତିଚାରଣ ସଭା ସାହିତ୍ୟିକ ଗଦାଧର ମିଶ୍ରଙ୍କ ସଭାପତିତ୍ୱ ଓ ଅଶୋକ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଆତ୍ମାର ସଦଗତି କାମନା ସହ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ପାଢ଼ୀଙ୍କ ବନ୍ଧୁ ବିନୋଦ ବିହାରୀ ଦାସ, ସୁବ୍ରତ ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବିପିନବିହାରୀ ମିଶ୍ର, ଡ଼ ମୁରଲୀଧର ବେହେରା, ବତ୍ସଳାଞ୍ଜନ ଦାସ, ବୁଦ୍ଧିଜୀବୀ ପ୍ରାକ୍ତନ ପ୍ରଧ୍ୟାପକ ପ୍ରମୋଦ ରାଜ, ଆଇନଜୀବୀ ମହେନ୍ଦ୍ର ମହାପାତ୍ର, ଗୋପାଳ ବିହାରୀ ମଣ୍ଡଳ, ସ୍ୱତନ୍ତ୍ର ସେନାନୀ ରବିନ୍ଦ୍ର ପ୍ରସାଦ ଚାନ୍ଦ, ନଗେନ ପ୍ରସାଦ ଚାନ୍ଦ, ଅରୁଣ ମିଶ୍ର, ବରିଷ୍ଠ ନାଗରିକ ଉମାକାନ୍ତ ନାୟକ, ବାଞ୍ଛାନିଧି ସାହୁ, ରାମଚନ୍ଦ୍ର ଜେନା, ତୃପ୍ତିମୟୀ ସାମନ୍ତ, କନିଷ୍ଠ ଭ୍ରାତା ମହେଶ୍ୱର ପାଢ଼ୀ, ଙ୍କାଇଁ ପ୍ରମୁଖ ଦିବଂଗତ ଗୁଣାବଳୀ, ସଂଗ୍ରାମ, ତ୍ୟାଗ, ସତ୍ୟ ଓ ନିଷ୍ଠାପର ସେବା ଓ ସମର୍ପିତ ବ୍ୟକ୍ତିତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହ ଓ କ୍ଷୁଦ୍ର କବିତା ମାନ ଗାୟନ କରିଥିଲେ। ଜ୍ୟୋଷ୍ଠା କନ୍ୟା ଦୀପ୍ତିମୟୀ ପାଢୀ ଧନ୍ୟବାଦ ଦେଇଥିଲେ।

**ଜଙ୍ଗଲ ଆଇନ ଉଲ୍ଲଙ୍ଘନ**

# ଠାକୁରାଣୀ ଲୌହଖଣିକୁ କାରଣ ଦର୍ଶାଅ ନୋଟିସ

କେନ୍ଦୁଝର,୧୪।୨(ସମିସ): ଜଙ୍ଗଲ ଆଇନ ଉଲ୍ଲଙ୍ଘନ ଅଭିଯୋଗରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଠାକୁରାଣୀ ଲୌହଖଣିର ଅକ୍ୟୁପାୟରଙ୍କୁ ନୋଟିସ କରିଛନ୍ତି। ଗତ ଜାନୁଆରୀ ୧୯ ତାରିଖରେ ଏସିଏଫ୍ ପ୍ରତୀକ ଇନ୍ଦଲକର, ବଡବିଲ ରେଞ୍ଜର ସଞ୍ଜୀବ କୁମାର ରାଉତ ଖଣି ଯାଞ୍ଚବେଳେ ବହୁ ଅନିୟମିତତା ଜଣାପଡ଼ିଥିଲା। ଠାକୁରାଣୀ-ନାଲଦା ରାସ୍ତା ଓ ନାଲଦା କିରିବୁର ରାସ୍ତାରେ ପାଣି ସିଞ୍ଚନ ହେଉ ନଥିବାରୁ ବ୍ୟାପକ ଧୂଳି ଉଡ଼ି ପରିବେଶ କ୍ଷତିଗ୍ରସ୍ତ ହେଉଛି। ଖଣିର ଗାଡି ପାର୍କିଂ ସ୍ଥାନରେ ବ୍ୟାପକ ଧୂଳି ଉଡୁଛି। ଖଣିକୁ ଯାଇଥିବା ରାସ୍ତା ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ଦେଇ ଯାଉଥିବାବେଳେ ଏହାର କିସମ ଅଣଜଙ୍ଗଲରେ ପରିବର୍ତ୍ତନ ହୋଇନାହିଁ। ଏହାସତ୍ତ୍ୱେ ଉକ୍ତ ରାସ୍ତାକୁ ବ୍ୟବହାର କରାଯାଉଥିବାରୁ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ଖିଲାପ ହେଉଛି। ସେହିପରି ଖଣି ସଂସ୍ଥା ଦ୍ୱାରା ହୋଇଥିବା ବନୀକରଣ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ହେଉ ନଥିବାରୁ ଅଧାରୁ ଅଧିକ ଗଛ ନଷ୍ଟ ହୋଇଯାଇଛି। ଗାଡ଼ି ଚଳାଚଳ ଯୋଗୁଁ ଆଖପାଖ ଗ୍ରାମରେ ଧୂଳି ଉଡ଼ି ବାୟୁ ପ୍ରଦୂଷଣ ହେଉଛି। ବ୍ୟାପକ ବାୟୁ ପ୍ରଦୂଷଣ ଯୋଗୁଁ ଲୋକମାନେ ଶ୍ୱାସଜନିତ ରୋଗରେ ପଡୁଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚଙ୍କ ଅଭିଯୋଗ ନୋଟିସରେ ଉଲ୍ଲେଖ ରହିଛି। ପ୍ରଦୂଷଣ ରୋକିବା ପାଇଁ ଗ୍ରାରଲାଣ୍ଡ ଡ୍ରେନ, ରିଟେନିଂ ୱାଲ, ଡମ୍ପୟାର୍ଡ ପରିଚାଳନା ଆଦି ଠିକ୍ ଭାବରେ କରାଯାଇନାହିଁ। ତୁରନ୍ତ ପ୍ରତିକାର ପଦକ୍ଷେପ ନେବାକୁ ନୋଟିସରେ ଉଲ୍ଲେଖ ରହିଛି। ଏହାର କପି ପିସିସିଏଫ(ନୋଡାଲ), ରାଉରକେଲା ଆରସିସିଏଫ୍, ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନରୋଲ ଅଫ୍ ଫରେଷ୍ଟ, କେନ୍ଦୁଝର ଜିଲ୍ଲାପାଳ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

# ସ୍ତ୍ରୀକୁ ସନ୍ଦେହ କରି ହତ୍ୟାକଲା ସ୍ୱାମୀ

ଯୋଡ଼ା, ୧୪।୨(ସମିସ): କେନ୍ଦୁଝର ଜିଲ୍ଲା ବାମେବାରି ଥାନା ବ୍ରାହ୍ମଣୀଡିହା ଗ୍ରାମରେ ନିଜ ସ୍ତ୍ରୀକୁ ସନ୍ଦେହ କରି ହତ୍ୟା କରିଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛ। ଉକ୍ତ ଗ୍ରାମର ଗୋବିନ୍ଦ ମୁଣ୍ଡାଙ୍କ ସ୍ତ୍ରୀ ଅନ୍ୟ ପୁରୁଷ ସହ ସମ୍ପର୍କ ନେଇ ଅନେକ ସମୟରେ କଳହ ହୋଇଆସୁଥିଲା। ଶୁକ୍ରବାର ସନ୍ଧ୍ୟାରେ ଏହି ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇ କଳହ ହୋଇଥିଲା। ଏଥିରେ ସ୍ୱାମୀ ଗୋବିନ୍ଦ ମୁଣ୍ଡା ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ କୁରାଢ଼ିରେ ସ୍ତ୍ରୀ ରଜନୀ ମୁଣ୍ଡା (୨୮)ଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ରଜନୀଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଅଭିଯୁକ୍ତ ସ୍ୱାମୀ ଗୋବିନ୍ଦ ମୁଣ୍ଡାକୁ ଶନିବାର ଗିରଫ କରି ହତ୍ୟା ମାମଲାରେ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

# ଟୁଙ୍କୁଣା ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୪।୨ (ସମିସ): ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟ, ଟୁଙ୍କୁଣାର ଶାସ୍ତ୍ରୀ (+୩) ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷା ଡଃ ଇନ୍ଦିରା ଶୁଭଦର୍ଶିନୀ ଚକ୍ର, ପ୍ରଫୁଲ୍ଲ ବେହେରା, ଡ଼ଃ ଗୋପୀନାଥ ପଣ୍ଡା, ସୁଦର୍ଶନ ସାହୁ, ଡଃ ଭୋଳେଶ୍ୱର ପ୍ରଧାନ ଓ ଯଦୁମଣି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପୀତବାସ ଦାସ, ହରିଆ ବେହେରା, ସୁନୀଲ ଯେନା, ଜ୍ୟୋତିରଂଜନ ଦାସ, ଅଙ୍କିତା ଉପାଧ୍ୟାୟ, ସ୍ୱପ୍ନାରାଣୀ ଦାସ, ସୁନୟନା ଶର୍ମା, ରକ୍ଷାକର ଦାସ, ମନ୍ମଥ ମିଶ୍ର, ସ୍ମୃତିରେଖା ମିଶ୍ର, ଲିମା ଯେନା, ଶ୍ରାବଣୀ ଜେନା, ଦମୟନ୍ତୀ ମିଶ୍ର, ଲିଜା ଦାସ, ଲକ୍ଷ୍ମୀପ୍ରିୟା ଦାସ, ସ୍ୱାତୀ ଦାସ, ସୋନାଲି ବେହେରା ସହଯୋଗ କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ



କେନ୍ଦୁଝର,୧୪।୨(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଗତିକୃଷ୍ଣ ବାରିକ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ନିଗ୍ଧା ମିଶ୍ର, ଅଧ୍ୟାପକ ନିରଞ୍ଜନ ସାହୁ, ସତ୍ୟବ୍ରତ ସାହୁ, ମାନିନୀ ସାହୁ, ମଧୁସ୍ମିତା ପ୍ରଧାନ, ପ୍ରଶିକ୍ଷିକା କୁମୁଦିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସଫ୍ଟବଲରେ ଗୋଲାବନ୍ଧର ତେଜିସ୍ୱା



ତେଲକୋଇ. ୧୪।୨(ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସ୍କୁଲ ଗେମ୍ସ ଫେଡେରେସନ ଦ୍ୱାରା ଅଫ ଇଣ୍ଡିଆ ଦ୍ୱାରା ଛତିଶଗଡ଼ର ବିଳାସପୁରଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ୨୦୨୫-୨୬ ଅନ୍ତର୍ଗତ ୧୭ ବର୍ଷରୁ କମ ବାଳିକା ସଫ୍ଟବଲ ଖେଳରେ ତେଲକୋଇ ବ୍ଲକ ଛାମୁଣ୍ଡା ପଞ୍ଚାୟତ ଗୋଲାବନ୍ଧସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ତେଜିସ୍ୱା ବିଶ୍ୱାଳ ଅଂଶଗ୍ରହଣ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଗୋଲାବନ୍ଧ ଗ୍ରାମର ଦିଲୀପ ବିଶ୍ୱାଳ ଓ ନିରୁପମା ବିଶ୍ୱାଳଙ୍କ ସୁପୁତ୍ରୀ ତେଜିସ୍ୱା ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ପ୍ରୋତ୍ସାହନ ଏବଂ କ୍ରୀଡ଼ା ଶିକ୍ଷକ ସୁଜିତ କୁମାର ରଣାଙ୍କ ପ୍ରଶିକ୍ଷଣରେ ଏହି ସଫଳତା ଅର୍ଜନ କରିଛନ୍ତି। ସେ ତେଲକୋଇ ବ୍ଲକ ଏବଂ ପରେ ଆନନ୍ଦପୁରରେ ଜିଲ୍ଲା, ପରେ ବାଲେଶ୍ୱରରେ ରାଜ୍ୟ ସ୍ତରରେ ସଫଳତା ଅର୍ଜନ କରି ସଫ୍ଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ତାଙ୍କୁ ବିଦ୍ୟାଳୟ ସ୍ତରରେ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ଓଡ଼ିଶା ଫୁଟବଲ ଦଳର ମ୍ୟାନେଜର ଓ କୋଚ୍‌ଙ୍କୁ ସମ୍ବର୍ଦ୍ଧନା



ବଡ଼ବିଲ, ୧୪।୨(ସମିସ): ଚମ୍ପୁଆ ଅଞ୍ଚଳର ମୂଳ ନିବାସୀ ବଡ଼ବିଲଠାରେ ଶିକ୍ଷା, ଖେଳକୁଦ ଓ ପରେ ଚାକିରି ଜୀବନ ଆରମ୍ଭ କରିଥିବା ସଞ୍ଜୟ ନାଏକ ଚଳିତ ବର୍ଷ ଓଡ଼ିଶା ଫୁଟବଲ ଆସୋସିଏସନ୍ ତରଫରୁ ସନ୍ତୋଷ ଟ୍ରଫି ଖେଳିବାକୁ ଘୋଷଣା ହୋଇଥିବା ଫୁଟବଲ ଦଳର ମ୍ୟାନେଜର ଏବଂ କୋଚ ଭାବରେ ମନୋନୀତ ହୋଇଛନ୍ତି। ଏନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଆଜି ବଡ଼ବିଲର ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିକାଶମହଲ ସଭଗୃହରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଶ୍ରୀ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୟାସ, ବଡ଼ବିଲ ପ୍ରେସ କ୍ଲବ୍, ସାହିତ୍ୟ ଘର ଓ ଆଦର୍ଶ ୱେଲଫେୟାର ଟ୍ରଷ୍ଟର କର୍ମକର୍ତ୍ତାଙ୍କ ତରଫରୁ ଆୟୋଜିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଆନୁଷ୍ଠାନିକ ପିତୃମାତୃ ପୂଜନ







ଆନନ୍ଦପୁର, ୧୪।୨ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ବୌଦ୍ଧିକ ମଣ୍ଡପଠାରେ ଶିଶୁମାନଙ୍କ ଦ୍ୱାରା ପିତୃମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ପାତ୍ର ଦୀପ ପ୍ରଜ୍ୱଳନ କରିଥିଲା ବେଳେ ସଭାପତି ଉଷାରାଣୀ ଜେନା, ଉପସଭାପତି ଜଗନ୍ନାଥ ସିଂ, ସଦସ୍ୟା ମୋହିନୀ ମହାନ୍ତ, ବିଦ୍ୟାଳୟର ପ୍ରଥମ ପ୍ରଧାନଆଚାର୍ଯ୍ୟ ବସନ୍ତ ସାହୁ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ହରେକୃଷ୍ଣ ପତି ଓ ଗୁରୁମା ବିଷ୍ଣୁପ୍ରିୟା ସାହୁ ସଞ୍ଚାଳନ କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ପିତାମାତା ଉପସ୍ଥିତ ଥିଲା ବେଳେ ଗୁରୁମା ଅହଲ୍ୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ପଙ୍କଜ ମହାନ୍ତି, ଯୁଧିଷ୍ଠିର ମିଶ୍ର, ବିଶ୍ୱଜିତ ଖୁଣ୍ଟିଆ, ହେମନ୍ତ ସାହୁ, ବଳରାମ ସେନାପତି, ଗୁରୁମା କିରଣବାଳା ବେହୁରିଆ, ବୀଣା ପାଣିଗ୍ରାହୀ, ଅନୁପମା ସାହୁ, ମାନସ ମଞ୍ଜରୀ ସାହୁ, ସ୍ମୃତିରେଖା ଚାନ୍ଦ, ଜ୍ୟୋତ୍ସ୍ନାରାଣୀ ପଣ୍ଡା ଓ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

**ଯୋଡ଼ା:** ଶ୍ରୀଯୋଗ ବେଦାନ୍ତ ସେବା ସମିତି ଯୋଡ଼ା ଶାଖା ପକ୍ଷରୁ ହଟିଙ୍ଗରେ ମାତୃ ପିତୃ ପୂଜନ ଦିବସ ପାଳନ କରାଯାଇଛି। ହିଲଟପ୍ ପ୍ରାଇମେରୀ ସ୍କୁଲ, ଯୋଡା ବସ୍ତି ସ୍କୁଲ, ତଲକ୍ ହଟିଙ୍ଗ, ହୀରାକୁଦ କଲୋନୀ ପ୍ରାଇମେରୀ ସ୍କୁଲ୍, ବନେଇକଳା ପ୍ରାଇମେରୀ ସ୍କୁଲ, ଯୋଡା ଇଷ୍ଟ ଏମ୍‌ଇଓୟୁପି ସ୍କୁଲ କୁନ୍ଦୁରୁ ନାଲ ପ୍ରାଇମେରୀ ସ୍କୁଲ, ହୁଡ଼ିସାହି କଲୋନୀ, ଯୋଡା ଲକ୍ଷ୍ମୀ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ସମିତି ସମ୍ପାଦକ ରଶ୍ମିରଞ୍ଜନ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ଜୁରୁଡି ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସରେ ଛାତ୍ରୀଛାତ୍ରମାନେ ମାତାପିତାଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ।

**ଚମ୍ପୁଆ:** ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଯୋଗ ବେଦାନ୍ତ ସମିତିର କେନ୍ଦୁଝର ଜିଲ୍ଲା ପ୍ରଭାରୀ ଚନ୍ଦ୍ରାବତି ମହାନ୍ତ ଯୋଗ ଦେଇ ମାତୃ ପିତୃ ପୂଜନର ଆବଶ୍ୟକତା ଓ ଛାତ୍ର ଛାତ୍ରୀଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଅବଗତ କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କୁ ପିତାମାତା ଆଶୀର୍ବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଗୁରୁଜୀ ଗୁରୁମାଆ, ମାତୃ ଭାରତୀ, କନ୍ୟା ଭାରତୀର ଛାତ୍ରୀମାନେ ସହଯୋଗ କରିଥିଲେ। ଏଥିରେ ୧୦୦ରୁ ଅଧିକ ଅଭିଭାବକ ଓ ଅଭିଭାବିକା ଯୋଗଦେଇଥିଲେ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ କାମ ନିମ୍ନମାନର ଅଭିଯୋଗ

# କାମ ନ ସରୁଣୁ ରାସ୍ତା ଫାଟି ଆଁ

ବାଲେଶ୍ୱର, ୧୪।୨(ସମିସ)



ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ। କାର୍ଯ୍ୟ ନ ସରୁଣୁ ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବାର ଦେଖିବାକୁ ମିଳିଛି। ଏମିତି ଏକ ଘଟଣା ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅଧୀନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣଧୀନ ସଲଟ ରୋଡ଼ ଠାରୁ ଇଞ୍ଜୁଡ଼ି ରାସ୍ତାରେ ଦେଖିବାକୁ ମିଳିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଫାଟି ଆଁ କରିଥିବା ବେଳେ ଠିକାଦାର ଏବଂ ଯନ୍ତ୍ରୀଙ୍କ ସଲାସୁତୁରା ଯୋଗୁଁ କାର୍ଯ୍ୟ ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।

ଗ୍ରାମାଞ୍ଚଳରେ ଗମନାଗମନର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ସରକାରୀ ରାଜକୋଷରୁ ଖର୍ଚ୍ଚ କରୁଛନ୍ତି। ହେଲେ ସରକାରୀ ନିୟମ କାନୁନର ଧଜିଆ ଉଡ଼ାଇ କାର୍ଯ୍ୟର ସଠିକ ତଦାରଖ ନ କରି ସ୍ଥାଣୁ ପାଲଟିଛନ୍ତି ଅଧିକାରୀ। ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ତୁଣ୍ଡରା ପଞ୍ଚାୟତ କନକଟା ଛକ ସଲଟ ରୋଡ଼ ଠାରୁ ଇଞ୍ଜୁଡ଼ି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୫ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ୫ କିମି ରାସ୍ତାରୁ ୩ କିମି ୭୫୦ ମିଟର କଂକ୍ରିଟ ରାସ୍ତା ଏବଂ ୧. ୨୫୦ ମିଟର ପିଚୁ ରାସ୍ତା ହେବାକୁ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ୯୭ ଲକ୍ଷ ଟଙ୍କା ଅନୁମୋଦନ ହୋଇ ଟେଣ୍ଡର ହୋଇଥିଲା। ଏହି କାର୍ଯ୍ୟକୁ ତୁଣ୍ଡରା ଗ୍ରାମର ନଳିନୀକାନ୍ତ ବାରିକ ଟେଣ୍ଡର ନେଇ ଠିକାଦାର ଭାବେ ଗତ ୨୦୨୫ ମସିହା ଜୁଲାଇ ମାସରୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେପଟେ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀ ସଠିକ ଭାବରେ ତଦାରଖ କରୁନଥିବାରୁ ଠିକାଦାର ନିମ୍ନମାନର କାର୍ଯ୍ୟ ଜାରି ରଖିଛନ୍ତି। ଯାହା ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ସରିନଥିବା ବେଳେ ଏକାଧିକ ସ୍ଥାନରେ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବାର ସ୍ଥାନୀୟଲୋକେ ଅଭିଯୋଗ ଆଣିଛନ୍ତି। ଠିକାଦାରଙ୍କ ମନମାନି ଯୋଗୁଁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଉପେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, କାର୍ଯ୍ୟ ସଠିକ ଭାବରେ ତଦାରଖ କରାଯାଉଛି, କାର୍ଯ୍ୟ ମଧ ଠିକ ଅଛି, କେଉଁଠି ରାସ୍ତା ଫାଟିଛି ମୁଁ ଦେଖିନାହିଁ ବୋଲି କହି ସଫେଇ ଦେଇଛନ୍ତି। ରାସ୍ତା ନିର୍ମାଣ ନ ସରୁଣୁ ଅନେକ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଏବଂ ଏସଡ଼ିଓ ଜାଣି ନଥିବା କହିବା କାର୍ଯ୍ୟର ସ୍ୱଚ୍ଛତା ଉପରେ ବିରାଟ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

# ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର



ବାଲେଶ୍ୱର,୧୪।୨(ସମିସ): ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନିର୍ଦ୍ଦେଶିତ ଛାତ୍ରୀ ଆତ୍ମସୁରକ୍ଷା ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହ ସମେତ କଲେଜର ବରିଷ୍ଠ ଅଧ୍ୟାପକ ମନୋଜ କୁମାର ନାୟକ, ଅଜୟ କୁମାର ମହାକୁଡ଼, ବିଶ୍ୱଜିତ ପ୍ରଧାନ, ସନ୍ତୋଷ ପଣ୍ଡାଙ୍କ ଗହଣରେ ଶିବିରକୁ ଉଦଘାଟନ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀମାନେ ଆତସୁରକ୍ଷାର ଏକାନ୍ତ ଆବଶ୍ୟକତା ରହିଛି ବୋଲି ଡ. ସିଂହ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶିବିରର ସଂଯୋଜିକା ବାଣିଜ୍ୟ ବିଭାଗ ଅଧ୍ୟାପିକା ଶ୍ରୀନିତା ଘୋଷ, ଗୃହ ବିଜ୍ଞାନ ଅଧ୍ୟାପିକା ନମିତା ଦତ୍ତ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ତନୁଶ୍ରୀ ପୋଥାଳ ଓ କନିଷ୍ଠ କିରାଣୀ କୁନ୍ତଳା ଖିଲାରଙ୍କ ତତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ମୁଖ୍ୟ ପ୍ରଶିକ୍ଷକ ଭାବରେ ବବିତା ସେଠୀ ସତାବନ ଛାତ୍ରୀ ମାନଙ୍କୁ ଗୋଟିଏ ଶ୍ରେଣୀରେ ଆଠଦିନ ଧରି ବିଭିନ୍ନ କୌଶଳମାନ ଶିକ୍ଷା ଦେଇଥିଲେ।

# ମାଣିଖମ୍ବ ଶିଶୁ ବିଦ୍ୟାମନ୍ଦିରରେ ପୁସ୍ତକ ପଠନ ଅଭିଯାନ

ବାଲେଶ୍ୱର,୧୪।୨(ସମିସ): ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ମୋବାଇଲ୍ ଛାଡ଼ି ବହି ଧରିବା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯୯୦ ମସିହାରୁ ଆରମ୍ଭ ହୋଇଥିବା ଲୋକନାଥ ପାଠାଗାର ଓ ଶିଶୁ କିଶୋର ପତ୍ରିକା ବାଇଚଢ଼େଇ ପରିବାର ପକ୍ଷରୁ ଏହି ଭ୍ରାମ୍ୟମାଣ କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ପ୍ରମୁଖ ମନୋରଞ୍ଜନ ପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଅଭିଯାନ କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ସଂଗ୍ରାହକ ବିକାଶ କୁମାର ଶତପଥୀ ପିଲାମାନଙ୍କୁ ସ୍ମାର୍ଟ ମୋବାଇଲ୍ ର ଅପକାରିତା ସମ୍ପର୍କରେ ବୁଝାଇବା ସହିତ ଅବସର ସମୟରେ ପାଠ୍ୟପୁସ୍ତକ ସହିତ କିଛି ଭଲ ବହି ପଢ଼ିବା ପାଇଁ ସୁପରାମର୍ଶ ଦେଇଥିଲେ। ବାଇଚଢ଼େଇ ପରିବାରର ଅନ୍ୟତମ ସଦସ୍ୟ ଡ. ସାରଙ୍ଗଧର ତ୍ରିପାଠୀ ପିଲାମାନଙ୍କୁ ପୁସ୍ତକ ଆମର ପରମବନ୍ଧୁ ମୋବାଇଲ୍ ନୁହେଁ ଏଣୁ ଛାତ୍ର ଜୀବନରେ ବହିକୁ ସାଥୀ କରି ବାଟ ଚାଲିଲେ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହୋଇପାରିବ ବୋଲି ମାର୍ଗଦର୍ଶନ କରାଇବା ସହିତ ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ନିଶୁଳ୍କ ଭାବେ ପାଠାଗାରର ମନଛୁଆଁ କାହାଣୀ, କବିତା, ମହାପୁରୁଷଙ୍କ ଜୀବନୀ ଆଦି ପଢ଼ିବା ପାଇଁ ଦେଇଥିଲେ। ଏଥିରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଅମିତା ମାଇତି, ସନାତନ ବାରିକ ଓ ଶୈକ୍ଷିକ ପ୍ରମୁଖ ଗୀତାରାଣୀ ପରିଡ଼ାଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ସଂଗ୍ରାହକ ଶ୍ରୀ ଶତପଥୀ ସଂଗ୍ରହାଳୟର ଦୁର୍ଲଭ ତାଳପତ୍ର ପୋଥୀ, ଦେଶ ବିଦେଶର ଡାକ ଟିକଟ, ବିରଳ ମୁଦ୍ରା ଓ ସାଇତି ରଖିଥିବା ପୁରାତନ ସାମଗ୍ରୀମାନ ପିଲାମାନଙ୍କୁ ଦେଖାଇ ନିଜ ପୁରାତନ ସଂସ୍କୃତିର ଇତିହାସ ବଖାଣିବା ସହିତ ସଂସ୍କୃତି ସମ୍ପନ୍ନ ହେବା ପାଇଁ ପରାମର୍ଶ ଦେଇଥିଲେ।



# ଅଲ୍ ଓଡ଼ିଶା ସିନିୟର ଏବଂ ଜୁନିୟର ରାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବାଲେଶ୍ୱର,୧୪।୨(ସମିସ): ୟୋନେକ୍ସ ସନରାଇଜ ଓଏସବିଏ ଅଲ୍ ଓଡ଼ିଶା ସିନିୟର ଏବଂ ଜୁନିଅର (୧୯ ବର୍ଷରୁ କମ୍) ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ଆଇଟିଆଇରେ ରାଜ୍ୟ ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟଟି ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ସହ ମିଳିତ ଭାବରେ ଆୟୋଜିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ୨୫୦ ରୁ ଅଧିକ ଖେଳାଳି (ପୁରୁଷ ଓ ମହିଳା ଏବଂ ବାଳକ ଓ ବାଳିକା) ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ବରିଷ୍ଠ ଖେଳାଳିଙ୍କ ସହିତ ୧୯ ବର୍ଷରୁ କମ୍ ଜୁନିୟର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଅର୍ଜନ କରିଥିବା ରାଙ୍କ ପଏଣ୍ଟ ଖେଳାଳିମାନେ ପୂର୍ବ ଜୋନ୍ ଜାତୀୟ ଚାମ୍ପିଅନସିପ୍ ଚୟନ କରିବାରେ ସାହାଯ୍ୟ କରିବେ। ଏହି ଇଭେଣ୍ଟକୁ ସୁଗମ ପରିଚାଳନା ପାଇଁ ଓଡ଼ିଶା ରାଜ୍ୟ ସଂଘ ୨୬ ଜଣ ଜାତୀୟ ଏବଂ ରାଜ୍ୟ ଅମ୍ପାୟାରଙ୍କୁ ନିଯୁକ୍ତ କରିଛି ଶ୍ରୀମତୀ ରୀତା ଦାସ, ଲକ୍ଷ୍ମୀପତି ନନ୍ଦ ଏବଂ ସରୋଜଙ୍କ ନେତୃତ୍ୱରେ। ଉଦଘାଟନୀ ଉତ୍ସବରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ସୁଧାକର ନାୟକ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ୟୁକୋ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ସୁଦୀପ ଡାକୁଆ, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତାରକାନ୍ତ, ଆଲାସୋର ସାମୁଦ୍ରିକ ପରିଚାଳନା ନିର୍ଦ୍ଦେଶକ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଜୟନରାଜନ୍ ଦାସ, ଜଗମୋହନ ଜେନା ଏବଂ ଜିତେନ ଲେଙ୍କା, ଆସୋସିଏସନ ସଚିବ ମନୋରଂଜନ ପଣ୍ଡା, ଆସୋସିଏସନ ସଂଯୋଜକ ଉଦଘାଟନୀ ସମାରୋହରେ ଗୌରୀ ଶଙ୍କର ବିଶି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ଦିଗରେ ଆସୋସିଏସନ ସଦସ୍ୟ ସରୋଜ, ଆୟୁଷ୍ମାନ, ବିଷ୍ଣୁ, ସାଇ, ରାଜୀବ, ସୁଜୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଓୟୁଜେ ପକ୍ଷରୁ ପୁଲୱାମା ସହିଦ ଦିବସ

ବାଲେଶ୍ୱର, ୧୪।୨ (ସମିସ) : ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ପୁଲୱାମା ସହିଦ ଦିବସ ପାଳିତ ହୋଇଯାଇଛି। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ବୀର ସହିଦଙ୍କ ପ୍ରତି ସାମୁହିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସହିଦ ପାର୍କ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ୟୁନିଅନର ସଭାପତି ଗଙ୍ଗାଧର ନିନ୍ଦନୀୟ ଓ ବର୍ବୋରୋଚିତ। ମୁଖ୍ୟଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଆମ ଦେଶର ବୀର ଯବାନଙ୍କ ବୀରତ୍ୱ ସାହସ ଓ ଦେଶପ୍ରେମ୍ ଅବିସ୍ମରଣୀୟ ବୋଲି କହିଥିଲେ। ୟୁନିଅନର ଟାଉନ ସଭାପତି ହାଇଦର ଖାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଆଣ, ମହେଶ୍ୱର ପ୍ରଧାନ ଉଦବୋଧନ ଦେଇଥିଲେ। ଅଜିମ୍




ରାଉତ ଅଧ୍ୟକ୍ଷତା କରିଥଲେ। ଶ୍ରୀ ରାଉତ କହିଲେ ଯେ, ୨୦୧୯ ମସିହା ଆଜିର ଦିନରେ ସୀମାନ୍ତରେ ଦେଶ ମାତୃକାକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ସିଆରପିଏଫ ଯବାନ ମାନଙ୍କୁ ଯେଭଳି ସନ୍ତ୍ରାସବାଦୀମାନେ ବିସ୍ଫୋରଣରେ ଉଡ଼ାଇ ଦେଲେ ତାହା ଥିଲା ଅତ୍ୟନ୍ତ ବାଲେଶ୍ୱରୀ ସହିଦଙ୍କ ଉଦ୍ଦେଶ୍ୟରେ ସାଏରି ଗାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ସୋମନାଥ ସାହୁ, ଚିତ୍ତରଞ୍ଜନ ନାୟକ, ଅରୂପ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ ପ୍ରତିଯୋଗିତା




ବାଲେଶ୍ୱର,୧୪।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା ସମାପ୍ତ ହୋଇଯାଇଛି। ପୂର୍ବ ଭାରତର ସାତଟି ରାଜ୍ୟରୁ ଆସିଥିବା ୨୭ଟି ବିଶ୍ୱବିଦ୍ୟାଳୟ ଦଳ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିଲେ। ସମାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଧ୍ୱଜାବତରଣୀ ଅବସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କ୍ଟର ନରେଶ କୁମାର ଉପସ୍ଥିତ ରହିଥିଲେ। ସେ ପ୍ରତିଯୋଗିତାର ସୁଚିନ୍ତିତ ପରିକଳ୍ପନା ଓ ସୁଚାରୁ ପରିଚାଳନା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ଉପସ୍ଥିତ ରହି କ୍ରୀଡ଼ାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏହି ଗୌରବମୟ ଆୟୋଜନରେ ସହଯୋଗ ଓ ସଫଳ କରିଥିବା ହେତୁ ଦଳର କୋଚ୍, ମ୍ୟାନେଜର, ରେଫେରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆସନ୍ତା ସମଗ୍ର ଭାରତ ଅନ୍ତ-ବିଭାଗୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା, ଯାହା ମୁମ୍ବାଇସ୍ଥିତ ଏସ୍‌ଏନ୍‌ଡିଟି ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ, ସେଥିରେ ଅଂଶଗ୍ରହଣ ପାଇଁ ପ୍ରଥମ ସ୍ଥାନ (ବିଜେତା) ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା, ଦ୍ୱିତୀୟ ସ୍ଥାନ( ପ୍ରଥମ ଉପବିଜେତା) କିଟ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ତୃତୀୟ ସ୍ଥାନ (ଦ୍ୱିତୀୟ ଉପବିଜେତା) ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ, ଛତିଶଗଡ଼, ଚତୁର୍ଥ ସ୍ଥାନ ସହୀଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟ, ବସ୍ତର, ଛତିଶଗଡ଼ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସମଗ୍ର ପ୍ରତିଯୋଗିତା କ୍ରୀଡ଼ା ପରିଷଦର ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋୟୀଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ବାଲେଶ୍ୱର,୧୪।୨ (ସମିସ): ସଦର ବ୍ଲକ ଆଇସିଡିଏସ କାର୍ଯ୍ୟାଳୟ ତତଫରୁ ଅଙ୍ଗନବାଡି କର୍ମୀ ମାନଙ୍କ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୋଷଣ ଠାରୁ ପାଠପଢ଼ା ପର୍ଯ୍ୟନ୍ତ ବିଷୟରେ ତାଲିମ ଦିଆଯାଥିଲା। ଏହି ତାଲିମ ଶିବିରରେ ୪୦ ଜଣ ଅଙ୍ଗନବାଡି କର୍ମୀ ଅଂଶଗ୍ରହଣ କରିଥିଲେ। ସିଡିପିଓ ମଧୁସ୍ମିତା ମହାନ୍ତି ଓ ସମସ୍ତ ସୁପରଭାଜରମାନେ ଏହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନରହରିପୁର ଗ୍ରାମୀଣ କ୍ରିକେଟ୍ ଫେଷ୍ଟିଭାଲ ପ୍ରସ୍ତୁତି ବୈଠକ



ରେମୁଣା,୧୪।୨(ସମିସ): ରେମୁଣା ଏନ୍‌ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ନରହରିପୁର ଠାରେ ହେବାକୁ ଥିବା ନରହରିପୁର ଗ୍ରାମୀଣ କ୍ରିକେଟ ଫେଷ୍ଟିଭାଲର ଏକ ପ୍ରସ୍ତୁତି ବୈଠକ ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟ ନରହରିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମନାଥପୁର ସ୍ପୋର୍ଟିଂ, କ୍ଷୀରୋଚରା ନାଇଟ୍ ରାଇଡର, ନରହରିପୁର ସୁପର କିଙ୍ଗ, ଆରମଳା ପଞ୍ଚାୟତ, ସୁତେଇ ବଡଗାଁ ସ୍ପୋର୍ଟିଂ, ବିରୁଆ ପଞ୍ଚାୟତର ୬ ଟିମର ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ। ୧୮/୨/୨୬ ରୁ ୧/୩/୨୬ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗିରି ଖେଳାଳି ମାନଙ୍କୁ ଶାନ୍ତି ଶୃଙ୍ଖଳାର ସହ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ୮ ନମ୍ବର ୱାର୍ଡ କାଉନସିଲର କୁନ୍ତଳା ତରେଇ ଖେଳର ଯେଉଁ ନିୟମ ଅଛି ତାହା ମାନିବାକୁ ଟିମର ସଦସ୍ୟଙ୍କୁ କହିଥିଲେ। ସଭାପତି ରାମ ନାରାୟଣ ବେହେରା, ଉପସଭାପତି ଅନିରୁଦ୍ଧ ଲେଙ୍କା, ସମ୍ପାଦକ ସଞ୍ଜୟ ଗୋପାଳ ବେହେରା, ସହ ସମ୍ପାଦକ ରବିନାରାୟଣ ପତି, ଯୁଗ୍ମ ସମ୍ପାଦକ ଗୌରଗୋପାଳ ସାହୁ, କାର୍ତ୍ତିକ ଦାସ, ଚୈତନ୍ୟ ମାଝୀ ରତିକାନ୍ତ ଦାସ, ସନ୍ଦୀପ ରାଉତ ଆଲୋଚନା କରିଥିଲେ। ରବୀନ୍ଦ୍ର ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ନକଲି ସୁନାରେ ଋଣ ଠକେଇ, ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୧୪।୨ (ସମିସ): ନକଲି ସୁନା ବନ୍ଧକ ଦେଇ ବ୍ୟାଙ୍କରୁ ଋଣ ନେଇ ଠକେଇ ଘଟଣାର ବାଲେଶ୍ୱର ଟାଉନ ଥାନା ପୁଲିସ ପର୍ଦ୍ଦାଫାସ କରିଛି। ଅଭିଯୁକ୍ତ ଗ୍ରାହକ ଟାଉନ ଥାନା ଅର୍ନ୍ତଗତ ରାଣୀପାଟଣା ଅଞ୍ଚଳର ବିଶ୍ୱଜିତ କର ନକଲି ସୁନା ଦେଇ ବ୍ୟାଙ୍କରୁ ମୋଟା ଅଙ୍କର ଋଣ ନେଇ ଫେରାର ଥିଲା। ୨୦୨୪ ମସିହାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ବାଲେଶ୍ୱର ଶାଖା ବ୍ୟାଙ୍କରୁ ୮୭.୩ ଗ୍ରାମ ଓଜନର ନକଲି ସୁନା ଚୁଡ଼ି ଓ ଚେନ ଦେଇ ୪ଲକ୍ଷ ୪୮ ହଜାର ଟଙ୍କା ଋଣ ନେଇ ଅଭିଯୁକ୍ତ ଫେରାର ଥିଲା। ଦୀର୍ଘ ଦିନ ଧରି ବ୍ୟାଙ୍କ ଋଣ ନ ସୁଝିବାରୁ ଏବଂ ବ୍ୟାଙ୍କ ଅଡିଟ ସମୟରେ ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ବ୍ୟାଙ୍କ ବରିଷ୍ଠ ଶାଖା ପରିଚାଳକ ଟାଉନ ଥାନାରେ ୩୦.୦୧.୨୦୨୬ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ବାଲେଶ୍ୱର ଟାଉନ୍ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ବିଶ୍ୱଜିତ କରଙ୍କୁ ଗିରଫ କରିଥିଲା। ପୁଲିସର ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲା। ତଦନ୍ତ ପ୍ରକ୍ରିୟାରେ ୮୭.୩ ଗ୍ରାମ ଓଜନର ନକଲି ସୁନା ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୩୨/୨୬ ମୂଳେ ମାମଲା ରହିଛି। ଗିରଫ ଅଭିଯୁକ୍ତ ବିଶ୍ୱଜିତକୁ କୋର୍ଟଚାଲାଣ କରାଯାଇଛି। ଅନ୍ୟମାନଙ୍କ ସମ୍ପୃକ୍ତି ସମ୍ପର୍କରେ ତଦନ୍ତ ଜାରି ରହିଥିବା ସିଟି ଡିଏସପି ନିର୍ମଳା ଗୋଚ୍ଛାୟତ ସୂଚନା ଦେଇଛନ୍ତି।



# 'ବାଲେଶ୍ୱର ଜିଲ୍ଲାରେ କମୁଛି ଶିକ୍ଷାର ଗୁଣବତ୍ତା'

## ସଚେତନ ନାଗରିକଙ୍କ ଆଲୋଚନାଚକ୍ର

ବାଲେଶ୍ୱର,୧୪।୨(ସମିସ)



ଶିକ୍ଷାର ଏକ ଅଗ୍ରଣୀ ଜିଲ୍ଲା ଏବଂ ଶିକ୍ଷା କଥା ଆସିଲେ ବାଲେଶ୍ୱର ନାମ ଆସେ। ମାତ୍ର ଦିନକୁ ଦିନ ଶିକ୍ଷାର ଗୁଣବତ୍ତାକୁ ଅନୁଶୀଳନ କଲେ ବାଲେଶ୍ୱର ତାର ପୂର୍ବ ଗୌରବକୁ ହରାଇଛି। ସପ୍ତମ ପଢୁଥିବା ପିଲାମାନେ ପ୍ରଥମ ଦ୍ୱିତୀୟ ପାଠ ଲେଖି ପଢ଼ି ନପାରିବାର ଉଦାହରଣ ଜଳ ଜଳ ହୋଇ ଦିଶୁଛି। ଯାହା ଉଦବେଗର କାରଣ ହୋଇଛି ଏବଂ ଏହାକୁ ଦୃଷ୍ଟିରେ ରଖି କିଛି ସଚେତନ ନାଗରିକ ରଘୁନାଥ ଲେଙ୍କାଙ୍କ ଆବାହକତ୍ୱରେ 'ସ୍ରଷ୍ଟା' ନାଟ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭାଗନେଇ ଶିକ୍ଷା ଅବନୀତିର କାରଣ ଏବଂ ନିରାକରଣ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ବିଶେଷକରି ଅତ୍ୟନ୍ତ କଷ୍ଟ ସାଧ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଶିକ୍ଷକ ହୋଇ ମୋଟା ଅଙ୍କରେ ଦରମା ଏବଂ ଏକ ଶିକ୍ଷା ବର୍ଷରେ ଅନେକ ଛୁଟି ପାଉଥିଲେ ମଧ ଶ୍ରଦ୍ଧା ଏବଂ ଉତ୍ତରଦାୟିତ୍ୱ କମ୍ ଥିବା କାରଣରୁ ପ୍ରାଇଭେଟ ସ୍କୁଲ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସହ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଅନେକ ପଛରେ। ଡ୍ରେସ, ସାଇକେଲ, ମିଡ୍-ଡେ ମିଲ, ଖେଳ ଉପକରଣ, ବହି କିଣା ପ୍ରଭୃତି ସାଙ୍ଗକୁ ସ୍କୁଲ ବିଲଡିଂ ପାଇଁ ଲକ୍ଷ ଲକ୍ଷ ଟଙ୍କା ସରକାର ତହବିଲରୁ ଖର୍ଚ୍ଚ ହେଉଥିଲେ ସୁଦ୍ଧା ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ନ ହେବା ବୁଦ୍ଧିଜୀବୀ ମାନଙ୍କୁ ବ୍ୟଥିତ କରିଛି। ଏକ ସଂଗଠନ "ଶିକ୍ଷା ସୁରକ୍ଷା ମଞ୍ଚ' ମାଧ୍ୟମରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାପାଳ ଏବଂ ସରକାରଙ୍କୁ ଆନୁପାତିକ ଭିତିରି ଶିକ୍ଷକ ନିଯୁକ୍ତି, ସହରାଞ୍ଚଳରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଗ୍ରାମାଞ୍ଚଳରେ ଆବଶ୍ୟକତା ଠାରୁ କମ ଶିକ୍ଷକ ତାରତମ୍ୟକୁ କମ କରିବା ସକାଶେ ନିୟମକୁ କଡାକଡି କରାଇବା। ଦ୍ୱିତୀୟରେ ଅନ୍ୟ ସରକାରୀ ଚାକିରୀରେ ବଦଳି ନିୟମ ପରି ଶିକ୍ଷକଙ୍କ ଏକ ନିର୍ଦ୍ଦିଷ୍ଟ ସମୟ ପରେ ବଦଳିର ବ୍ୟବସ୍ଥା କରାଇ ଅଧିକ ନମ୍ବର ରଖି ସରକାରଙ୍କ ସର୍ତ୍ତାବଳୀରେ ଦୁର୍ଗମ ଅଂଚଳରେ ଚାକିରୀ ପାଇଥିବା ଶିକ୍ଷକଟି ଭଲ ସ୍କୁଲରେ ସୁଯୋଗ ପାଇ ନିଜର ପାରଦର୍ଶିତା ଦେଖାଇବା ସହ ବିଦ୍ୟାର୍ଥୀଟି ଭଲ ଶିକ୍ଷକଟିର ଶିକ୍ଷା ପାଇପାରନ୍ତା। ଉକ୍ତ ଆଲୋଚନାଚକ୍ରରେ ଗୌରାଙ୍ଗ ପାଣିଗ୍ରାହୀ, ସନ୍ତୋଷ ସାହୁ, ଶମ୍ଭୁ ସିଂ, ଗୋପାଳ ଜେନା, ପ୍ରତିମା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସେକ ଅଜଗର ଅଲ୍ଲୀ, ମିନତୀ ସେଠୀ, ଜ୍ୟୋତି ବାରିକ, ସତ୍ୟେନ୍ଦ୍ର ଦାସ, ତୁଷାର ତପସୀ, ଯଦୁନାଥ ସେଠୀ, ଜିତେନ୍ଦ୍ର ପ୍ରହରାଜ, କମଳା କାନ୍ତ ବେହେରା, କାନ୍ତିଲାଲ ନାୟକ, ଇକବଲ ଖାଁ, ଶ୍ରୀକୃଷ୍ଣ ନାୟକ, ଜ୍ୟୋସ୍ନା ସେନାପତି, ହୃଷିକେଶ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ସାହେବା ଅକ୍ଷତର, ଫିରୋଜ ଖାଁ, ଅବଦୁଲ ଇଜରାଇଲ, ଆଶ୍ରିତା ତରାଇ, ସଂହିତା ରକ୍ଷିତ, ଉପେନ୍ଦ୍ର ପାତ୍ର, ସରଜୁଦ୍ଦିନ ଖାଁ, ଗଣେଶ୍ୱର ରାଉତ, ପ୍ରସନ୍ନ ପାତ୍ର, ମନୋଜ ନାୟକ, ପ୍ରଶାନ୍ତ ପାଢ଼ୀ, ଶଙ୍ଖ ମାରାଣ୍ଡି, ଅଞ୍ଜଳି ବେହେରା, ଶେଖ ହସେନ ଅଂଶ ଗ୍ରହଣ କରିଥିଲେ।

# ଇନ୍ଦ୍ରସ୍ତୁତି



ହରପ୍ରସାଦ ଦାସ

ହେ ଇନ୍ଦ୍ର, ଗାନପ୍ରିୟ ଆମେ ଗାଉଚୁ ତମର ସ୍ତୁତି,
ହେ ସୋମପାୟୀ ତ୍ୱରାନ୍ୱିତ କର ଆମର ତଡ଼ିତ୍ ।

-ଋକ୍ ବେଦ

ହେ ଇନ୍ଦ୍ର, ଆମେ ହାରିଯାଇଚୁ, ଆମେ ଥକିଯାଇଚୁ
ଆମେ ଆଉ ଉଠାଇ ପାରୁନୁ ପୃଥିବୀର ଭାର
ଆମେ ଆଉ ଟେକି ପାରୁନୁ ହାତ ଅମ୍ବରକୁ, ଆମେ ଆଉ
ବଳାଇ ପାରୁନୁ ଚିତ୍ତ ଭୃଙ୍ଗଅପହୃତ ପଦ୍ମମଧୁକୁ,
ଭ୍ରଷ୍ଟ ଆମର ଆକାଶକୁସୁମ
ଜଣେ କିଏ ଲେଖୁଚି ଆମକୁ, ଭୁଲାଉଚି ଆମକୁ ତା'ର ଭ୍ରମ

ଆମରି ରକ୍ତମାଂସରେ ତିଆରି ଆମର ନିଜ ପ୍ରଭୁ
ଶତ୍ରୁ ଆମର,
ହେ ଶତ୍ରୁବିନାଶକ, ହେ ସୈନ୍ଧବ ଓ ଗାଙ୍ଗେୟ ପ୍ରବାହ
ହେ ଦକ୍ଷିଣାତ୍ୟ, ହେ ଗତି, ହେ ଗମନ !

ନିରୁଦ୍ଦେଶ, ଲୋହିତ ବର୍ମଧାରୀ ବ୍ୟୋମେଶ, ହେ ଉଡ୍ଡାଣ
ସୋମପାନ କରି ମତ୍ତ ହୁଅ, ଶତ୍ରୁକୁ ଶ୍ୱେତଛତ୍ର ତଳେ
ଏକପାଦ ଓ ଉଲଙ୍ଗ ଠିଆ କରାଅ, ପଚାର
ମଣିଷର କେତେ ପାଦ ଭୂମି ଦରକାର?

ତାର ମିଥ୍ୟାକୁ ବୁଝହେ ବୃତ୍ରାରି, ତାକୁ ପଚାର : ଅଛିକି ତାର
ବ୍ରହ୍ମାଣ୍ଡ? ଅଛନ୍ତିକି ଅନାଥ ଗ୍ରହନକ୍ଷତ୍ର ?
ହେ ସୁନ୍ଦର, ହେ ଶୋଭନ, ହେ ଚିତ୍ରବନର ଚିତ୍ରଫୁଂସ
କେଉଁ ପାପରେ ଭାରି ଏ ପୃଥିବୀ ଆମର?

ଆମେ କ୍ଲାନ୍ତ, ଆମେ ପରାସ୍ତ
ଆମେ ଏଇଠି ଏକାଠି ଏହି ପାଂଶୁଳ ନଷ୍ଟଭୂମିରେ
ଶତ୍ରୁର ଦାନ ମୁଠାଏ ଅନ୍ନ ଆମର ଯଦି ସରିଯାଏ
କିଏ ଦେବ ଆମକୁ ଆହାର
ଆମକୁ ଶସ୍ୟ ଦିଅ, ଶ୍ରମ ଦିଅ, ସ୍ୱେଦ ଦିଅ
ବୀଜ ଦିଅ, ବୃଷ୍ଟି ଦିଅ, କର୍ଷଣ ଦିଅ
ସ୍ଥାଣୁତ୍ୱରୁ ମୁକ୍ତିଦିଅ
ସ୍ପନ୍ଦନରେ ବିଦ୍ୟୁଲ୍ଲେଖା ଦିଅ
ଶତ୍ରୁ ଫିଙ୍ଗିଦେଇଥିବା ଅରାଏ ଅପହୃତ ଆକାଶ ତମର
ଫେରାଇ ନିଅ ■

# ସଲ୍ଫର୍

ସ୍ୱାଗତିକା ସ୍ୱାଇଁ





ସେଦିନ ଝୁଡିଓ ଛକ ହାଟରେ ସେଇ ଲେଡି ପୋଲିସ ଜଣକ, ପାର୍ବତୀ ଉପରେ ଯୋଉ ପ୍ରକାର କଡ଼ା ହାକିମାତି ତଲବ କଲେ ତାହା ଦେଖିବା କଥା । ଲୋକାଲ୍ ଚୋରି, ରାହାଜାନୀ କେଶ୍ କ୍ଲୋଜ୍ କରିବାରେ ତାଙ୍କର ବହୁତ ନାଁ ଡାକ!

: ଦେଖା, କୋଉଠି ରଖିଚୁ ଦେଖା ।

: ନାଇଁ ଆଜ୍ଞା ଠାକୁରଙ୍କ ରାଣ ମୋ ପାଖରେ କିଛି ନାହିଁ ।

: ମୋ ସାଙ୍ଗେ ଖେଳୁଚୁ; ଖୋଲ୍ ତୋ ଅଣ୍ଟାଲୁଗା ।

: ନାଇଁ ଆଜ୍ଞା; ରଖିଥିଲେ ଆପଣଙ୍କୁ ମିଛ କହନ୍ତି!

: ତୁ ଖୋସଣି ଫିଟା ମ' । ତମମାନଙ୍କୁ କୋଉ ବିଶ୍ୱାସ । ତମେ ସବୁ ଗୋଟା ଗୋଟା ବିଷାକ୍ତ ଗୋଖର ।

ଯଦିଓ ସେଇଟା ଥିଲା ମାର୍ଗଶିର ମାସର ଗୋଟିଏ ହେମାଳ ସକାଳ । କିନ୍ତୁ ଏବେ ଆଇଁଷ ବାରିର ଉଷ୍ମତାଟା ଚରମକୁ ଯିବା ଆରମ୍ଭ କରି ଦେଇଥିଲା । ଆସନ୍ତାକାଲି ଲକ୍ଷ୍ମୀଙ୍କର ବିଶେଷ ପୂଜା ଉପାସନାର ଦିନ । ଯୋଉଥିପାଇଁ ଆଜିକାର ଲୋକାଲ୍ ହାଟ ଫୁଲ, ଦୁବ, ବରକୋଳି ପତ୍ର, ମୂଳା, ଆଖୁ ଏବଂ ପୂଜା ପାଇଁ ଆବଶ୍ୟକ ଅନ୍ୟାନ୍ୟ ସାମଗ୍ରୀ ବିକ୍ରିବଟା ଗହଳିରେ ଭର୍ତ୍ତି ହୋଇଯାଇଥିଲା ।

କିନ୍ତୁ ପୂଜାଟା ତ କାଲି ନା' । କାଲି ପାଇଁ କିଏ ଆଜିକୁ ବରବାଦ୍ କରେ । ତେଣୁ ହାଟ ଆରପାଖ ରାସ୍ତାର ଆଇଁଷ ଦୋକାନ ଧାଡ଼ିକ ମଧ୍ୟ ସମାନ ଭାବେ ଲୋକାରଣ୍ୟ ହେଇ ଉଠିଥିଲା । ବ୍ରଏଲରମାନଙ୍କ ଆତ୍ମଦାହ ବେଳର ରଡ଼ି ଶୁଭୁଥିଲା । ପ୍ରାଣତ୍ୟାଗ ପରେ ଚମଡ଼ା ଉତୁରା ଛେଳିମାନେ ଗ୍ରାହକଙ୍କ ସକାଶେ ଉପଲବ୍ଧ ଥିଲେ । ଅଳ୍ପାୟୁ ମାଛମାନେ ଜରିବନ୍ଧା ପାଣିକୁଣ୍ଡରେ ସୀମିତ ଆଗ୍ରହ ସହ ଖେଳି ବୁଲୁଥିଲେ ।

ଲେଡି ପୋଲିସ ଅଣ୍ଟାରେ ହାତ ଦେଇ ଜେରା ଜାରି ରଖିଥିଲେ ।

: ସରକାରୀ ନିୟମ ଭାଙ୍ଗିବାରେ ତମେ ସବୁ ଗୋଟାଏ ଗୋଟାଏ ଓସ୍ତାଦ୍ କୁକୁର । ସରକାରୀ ଜାଗାରେ ଘର ବାନ୍ଧି ରହିବ । ସରକାରୀ ଜାଗାରେ ବେପାର ବଣିଜ କରିବ । ସରକାର ତ ଯେମିତି ତମର ବାଡ଼ି ତଳ! ଭଲରେ କହୁଚି, ଶୁଣୁନୁ । ଥରେ ନେଇ ହାଜତରେ ପୂରେଇ ଦେଲେ ମନ ଘର ଧରିଯିବ ।

ଘରକଥା ପଡ଼ିଗଲା ତ ପାର୍ବତୀ ଆଖିକୁ ଲୁହ ଦି ବୁନ୍ଦା ଜକେଇ ଆସିଲା । ଏଇ କିଛି ଦିନ ହେଲା ବସ୍ତି ଉଠା ଘର ଭଙ୍ଗା ଯୋଗୁଁ ତା'ର ଘର ଏବେ ରାସ୍ତାକଡ଼ ଟ୍ରାନ୍ସଫରମର୍ ହତାରେ । ଜାଗାଟା ବିପଦ ସଂକୁଳ । ମାତ୍ର ଏ ମାର୍ଗଶିର ଶୀତ, ସେ କୁଆଡ଼େ ଯିବ! ଯେହେତୁ ଚାରିପାଖରେ ପାଚେରୀଟିଏ ଅଛି । ତେଣୁ ଅନ୍ୟୋନ୍ୟପାୟ ହେଇ ପାର୍ବତୀ ତା'ର ପିଲା ଦୁହିଁଙ୍କୁ ଧରି ସେଠି କାଲିଠୁଁ ବସା ବାନ୍ଧିଚି । ଟ୍ରାନ୍ସଫରମର୍ କାନ୍ଥରେ ଜରିପାଲକୁ ଇଟା ଚପେଇ ଦେଇ ଛାତଟିଏ ଗଢ଼ିଚି ।

: କାଠଟା ଭଳିଆ କାହିଁକି ଛିଡ଼ା ହେଇଛୁ ବା । ଏଇ ଗୋଟାକ କେଶ୍ ତୁଟେଇବାରେ କ'ଣ ମୋର ଦିନଟା ଯାକ ବରବାଦ୍ ହବ । କହିଲି ପରା, ଯାହା ଯୋଉଠି ରଖିଚୁ ଚଞ୍ଚଳ ବାହାର କର୍ ।

ପାର୍ବତୀକୁ ଜଣା ଏଇଟା ମୁଚାଲିକାର ଚୂଡ଼ାନ୍ତ ନିଷ୍ଠୁର ବେଳ । କିନ୍ତୁ ସିଏ ଅସହାୟ । ଆଜି ତା' ପାଖରେ ଏଥିପାଇଁ ପାହୁଲାଟାଏ ସୁଦ୍ଧା ନାହିଁ । ନିରୁତ୍ସାହିତ ମ୍ଳାନ ଦୃଷ୍ଟି ତୋଳି ସେ ଏବେ ତା' ବଣିଜ ପସରା ଆଡ଼କୁ ଚାହିଁଲା । ଫୁଟପାଥ୍ ଉପରେ ଖଣ୍ଡେ ସିମେଣ୍ଟ ଅଖା ଉପରେ ତା'ର ଆଜିର ବେପାର ବଡ଼ ମ୍ରିୟମାଣ ଭାବେ ରହିଥିଲା ।

କାରଣ ରାଜଧାନୀବାସୀଙ୍କୁ ସବୁ ଜିନିଷ ସୁନ୍ଦର ଦରକାର । ସେଇ ଦୃଷ୍ଟିରୁ ସମସରପୁର କଞ୍ଚା ଲଙ୍କା ସବୁଠୁ ଭଲ । କଳା ମଚମଚ ହୃଷ୍ଟପୁଷ୍ଟ । ଅଳ୍ପରାଗ । ପାର୍ବତୀ ହପ୍ତାକେ ତିନିପାଳି କଞ୍ଚା ମରିଚ ବିକେ । ବଡ଼ି ଭୋଅରୁ ଶେଜ ଛାଡ଼ି ହାଟ ମୁଣ୍ଡକୁ ଧାଏଁ । କାରଣ ତାକୁ ସେଠି ଆଠଗଡ଼ରୁ ଆସୁଥିବା ପରିବା ଗାଡ଼ିକୁ ଧରିବାକୁ ପଡ଼େ । ପିକ୍ଅପ୍ ଗାଡ଼ିଟାର କ୍ଲିନରଟା ଭାରି ଅଭଦ୍ର । ସବୁବେଳେ ତା'ର ପାନ ପାଚିଲା ଦାନ୍ତ ଦେଖେଇ ଅଶ୍ଳୀଳ ହସ ହସେ । ଆଖି ଘୂରେଇ ଚାହେଁ । ଟିକିଏ ସୁଯୋଗ ପାଇଲେ ଛପିଲା କଣ୍ଠରେ କ'ଣ କ'ଣ କହେ – ବ୍ଲାଉଜ୍ ଭିତରେ କ'ଣ ପଇସା ରଖୁଚ ମ' । ଆଉ କ'ଣ ସେ ବେଳ ଅଛି । ମନିପ୍ରସ୍ ଗୋଟାଏ ଦେହରେ ପକଉନ ।

କଥାଗୁଡ଼ା ପାର୍ବତୀ ଦେହରେ କଣ୍ଟା ଭଳି ଗଳିଯାଏ । କିନ୍ତୁ ତାକୁ ସହିବାକୁ ପଡ଼େ । ନୀରବରେ ଲଙ୍କା କିଣି ଆସିବାକୁ ହୁଏ ।

ହେଲେ ଦେଖନା, ଆଜି କି ଖରାପ ବେଳା!

ହାଡ଼ଥରା ଜାଡ଼ ସାଙ୍ଗକୁ ଟ୍ରାନ୍ସଫରମର୍ ହତାରେ ତା'ର ସେଇ ଜରିପାଲ ଘେରା ଉଠା ଘର । ସାରାରାତି ଶୀତ ଅନ୍ଧାର ରାତିକୁ ଜଗି ଜଗି ସେ ପୂରାପୂରି ଉଜାଗର । ରାତି ପାହିବା ବେଳକୁ ତା'ର ଆଖି ଲାଗିଯାଇଥିଲା । ଛାଇଛାଇଆ ନିଦ ଭାଙ୍ଗିବା ବେଳକୁ ପୂରାପୂରି ଫର୍ଚ୍ଚା । ସେଠୁ ଏକାମୁହାଁ ଧାଇଁ ଧାଇଁ ଆସି ପରିବା ଗାଡ଼ି ପାଖରେ ପହଞ୍ଚିଲା ବେଳକୁ ଲଙ୍କା ସରିଯାଇଥିଲା ।

: ହଅ ମ' ମରିଚ କ'ଣ ଫୁଲ କ'ଣ! ସେଇ ସତୁରୀରେ ନବୁ ଶହେ କୋଡ଼ିଏ ବିକିବୁ । ରେଟ୍ ତ ସେଇ ଏକା, ନେଇ ଯା । କାଲି ଓଷା ବାରିଟା ଅଛି, କଟିଯିବ ।

ପିକ୍ଅପ୍ କ୍ଲିନର୍ ତା'ର ସେଇ ପାଚିଲା ଦାନ୍ତ ଦେଖେଇ ପାର୍ବତୀ ଉଦ୍ଦେଶ୍ୟରେ ଥଟ୍ଟା କରିବା ପରି କହିଥିଲା । ତେବେ ଦୁର୍ଦ୍ଦଶା ସେତିକିରେ ସରି ନଥିଲା । ବେପାରକୁ କୁସୁମ ଗେଣ୍ଡୁ ପାଞ୍ଚ କିଲୋ ଆଣି ଫୁଟ୍‌ପାଥ୍ ଉପରେ ସଜାଡ଼ିବା ବେଳକୁ ପାଖ ସାଥି ବେପାରୀ ହେମ କହିଥିଲା, "ଆଜି କ'ଣ ଫୁଲ, ମରିଚ ପାଇଲୁ ନି କି? ପଲିଥିନ୍ ଆଣିଚୁ?"

ପାର୍ବତୀ ଆଶ୍ଚର୍ଯ୍ୟରେ କହିଥିଲା, "ପଲିଥିନ୍ ? ନାଇଁ ତ!"

: କଞ୍ଚା ମରିଚ ସିନା ପରିବା ବ୍ୟାଗକୁ ପକେଇ ଦବୁ । ହେଲେ ଠାକୁରଙ୍କ ପାଇଁ ଫୁଲକୁ କିଏ ସେମିତି ନବ । ଯାଆ ପଲିଥିନ୍ ନେଇଆ । ଯେ ଜାଣିଥା, ଲୁଚେଇକି ରଖିବୁ । ସେ ରାହାବାଳୀ ଦେଖିବ ତ ଅଣ୍ଟାଗୁଞ୍ଜା ନ ନେଇ ଛାଡ଼ିବନି ।

ମାର୍ଗଶିରର ସକାଳୁଆ ଶୀତ ତା'ର ପ୍ରକୋପ ଜାରି ରଖିଥିଲା । ତା' ସହିତ ଭୟ ଏବଂ ଆଶଙ୍କାରେ ପାର୍ବତୀର ଗୋଡ଼ ହାତ କୋଲ ମାରି ଯାଉଥିଲା । କିନ୍ତୁ ଏଥିପ୍ରତି ବିମୁଖ ଲେଡ଼ି ପୋଲିସ ଜଣକ ଏବେ ଅସ୍ଥିର ହେଇ ଉଠିଥିଲେ । କାରଣ ଚଞ୍ଚଳ ସକାଳୁଆ ଇନ୍ସ୍ପେକସନ୍ କାମଯାକ ସାରିଲେ ତାଙ୍କୁ ଶୀଘ୍ର ଘରେ ପହଞ୍ଚିବାକୁ ଥିଲା । ଘର କାମ ସାରିଲେ ପୁଣି ଡ୍ୟୁଟି ବି ଯିବାକୁ ହବ । ଆଜି ଆହୁରି ବଡ଼ ପୁଅର ସ୍ପେଶାଲ୍ ଡିମାଣ୍ଡ ବାରିପଦା ମଟନ୍ ।

: ହେଇକ୍; ତତେ ପରା ମୁଁ କ'ଣ କହୁଚି । ଖାତିର୍ ପଡୁନି । ଇଏ ସରକାରୀ ନିୟମ । ଯୋଉଠି ଯାହା ରଖିଚୁ ବାହାର କର୍ ଚଞ୍ଚଳ । ନହେଲେ ଅମାନିଆଙ୍କ ହାତଗୋଡ଼ ଚୂନା କରିବାକୁ ମତେ ଦଣ୍ଡେ ଲାଗିବନି । କାଢ଼ିଲୁ ତୋର ସେ ଚାଦର ଖଣ୍ଡକ ।

ଅମଲାଙ୍କ ଗୋଟାଏ କୁହାଟ । ମୁହୂର୍ତ୍ତକେ ଅଜସ୍ର ମାଟିଲେସା ମୁମୂର୍ଷୁ ଜୀବନ ଉଜୁଡ଼େଇବାକୁ ଯଥେଷ୍ଟ । ଉଜୁଡ଼ିଗଲା ମଧ୍ୟ । ଲେଡି ପୋଲିସଙ୍କ ସୀମାତୀତ ଜେରା । ପାର୍ବତୀର ଭୟାତୁର କାତରତା । ପୁଳାଏ ସଂଗୁପ୍ତ ପାପ ପରି ଏବେ ରାସ୍ତା ଉପରେ ଖସି ପଡ଼ିଲା ସେ' ତା ଛାତିଲୁଗା ତଳେ ଲୁଚେଇ ରଖିଥିବା ବିଡ଼ାଏ ପଲିଥିନ୍ ଜରି । ଲେଡି ପୋଲିସ କ୍ରୋଧରେ ନିଆଁବାଣ ହେଇ ଯାଇଥିଲେ ।

: ମୋ ସାଙ୍ଗେ ଚାଲ୍‌ବାଜି! ମତେ ଚିହ୍ନିନୁ । ହଟା ତୋ ଦୋକାନ୍ । ଉଠା ଏଠୁ । ଚାଲ୍ ଭାଗ୍ । ମୋ ସଙ୍ଗେ ଖେଳୁଚୁ ।

ନ୍ୟାରେଟିଭ୍‌ସ୍‌ମାନେ କେତେ ଭୟଙ୍କର ସତରେ!!

ଫୁଟ୍‌ପାଥ୍ ଉପରେ ଉଜୁଡ଼ାଇ ଦିଆଯାଇଥିବା ବଣିଜ ପସରାର ଫୁଲମାନେ ପରସ୍ପରକୁ କୁହାକୁହି ହେଉଥିଲେ । କିନ୍ତ ସେଥିପ୍ରତି ଏତେ ଟିକେ ଧ୍ୟାନ ନ ଦେଇ ଲେଡି ପୋଲିସ ଏବେ ରାସ୍ତା ସେପାଖ ଆଇଁଷ ଦୋକାନକୁ ଚାଲିଯାଇଥିଲେ । ସେଠା ଦୋକାନୀଠାରୁ କଳା ରଙ୍ଗର ଜରି ପୁଡ଼ିଆଟିକୁ ଆଣିବା ବେଳେ ବଳକା କ୍ରୋଧ ଜରଜର ହେଇ କହିଥିଲେ, "ଠିକ୍ ଦେଇଚ ତ । ଦେଖୁନି, ମୋ ପାଖେ ସମୟ ନାହିଁ ।"

ହାବୁକାଏ ପାଉଁଶିଆ ଧୂଆଁ ଖେଳେଇ ଦେଇ ପୋଲିସ ଗାଡ଼ି ସେଠୁ ଛାଡ଼ି ଚାଲିଯାଇଥିଲା । ଯଦିଓ ଦିନ ଫିଟିବା ସହ ଶୀତ ଟିକିଏ କମିବା କଥା, ମାତ୍ର ଆଜି ରହି ରହି କୋହଲା ପବନ ବହୁଚି । ପାର୍ବତୀର ଦେହ ଘୋରା ଖଣ୍ଡିକ ତଳେ ଘୁଷୁରୁ ଥିଲା । ସେଥିପ୍ରତି ପ୍ରତିକ୍ରିୟା ରହିତ ସେ ବରଂ ଢଳଢଳ ଆଖିରେ ଫୁଟ୍‌ପାଥ୍ ଉପରେ ତା'ର ଅତ୍ୟାଚାରିତ ପସରାକୁ ଚାହିଁ ରହିଥିଲା । କିନ୍ତୁ କାଲୁଆ ପବନ ମାଡ଼ରେ ମଞ୍ଜି ଥରା ସେଇ କାତର ଦୃଶ୍ୟଟିକୁ ଦେଖିବାକୁ ସେଠି ଆଉ କେହି ନଥିଲେ । ଧୂଳିରେ ବିଛାଡ଼ି ହେଇ ପଡ଼ିଥିବା ଫୁଲମାନଙ୍କ ବ୍ୟତିରେକ ।

କେତେବେଳେକେ ସେଇମାନେ ହିଁ ପାଖକୁ ଆସିଥିଲେ । କାନ୍ଧରେ ହାତ ରଖିଥିଲେ । କହିଥିଲେ, "ଝିଅ! ଜୀବନଟା ସଲଫର୍‌ମୟ ।" ■

ଜଗନ୍ନାଥ ସାହି
ଇନ୍ଦିରାଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀଚୌକ, କଟକ-୭୫୩୦୦୨
ମୋ: ୯୪୩୭୭୦୪୨୮୦

# ମୋ ଜୀବନ ପଛେ ନର୍କେ ପଡ଼ିଥାଉ



ପ୍ରଦୀପ୍ତ ଶ୍ରୀଚନ୍ଦନ

ସଂସାରକୁ ଯେତେବେଳେ କୌଣସି ଆସୁରିକ ଶକ୍ତି ଗ୍ରାସ କରିବସେ ଏବଂ ତାହା ଦ୍ୱାରା ମାନବ ସମାଜର ଅନିଷ୍ଟ ଘଟେ, ସେତେବେଳେ ସମଗ୍ର ମାନବ ଜାତି ସଂଘବଦ୍ଧ ଭାବରେ ସେହି ପ୍ରବଳ ପରାକ୍ରମୀ ଶକ୍ତି ବିରୁଦ୍ଧରେ ସଂଘର୍ଷ କରିବାକୁ ମହାମନୀଷୀମାନେ ପ୍ରେରଣା ଯୋଗାଇଥାନ୍ତି । ଏହି ମହାମନୀଷୀମାନଙ୍କ ମଧ୍ୟରେ ଯେଉଁମାନଙ୍କଠାରେ ସନ୍ଥତୁଲ୍ୟ ପବିତ୍ରତା, ସଂସ୍କାରକଙ୍କ ପରି ପ୍ରଖରତା ଆଉ ଋଷିମାନଙ୍କ ପରି ତତ୍ତ୍ୱ ଦୃଷ୍ଟିଥାଏ ସେମାନେ ଯୁଗ ସୃଜନ ସଦୃଶ ଉତ୍କୃଷ୍ଟ ଭାବ ପାଇଁ ନିଜକୁ ସମର୍ପଣ କରି ଦେଇଥାନ୍ତି । ଊନବିଂଶ ଶତାବ୍ଦୀର ପ୍ରାକ୍ କାଳରେ ସେହିଭଳି ଏକ ଆପତ୍ତି କାଳ ଆମ ସମାଜକୁ ଗ୍ରାସ କରି ବସିଥିଲା । ତେଣୁ ସମାଜକୁ ସେହି ତ୍ରସ୍ତ ତଥା ବିଖଣ୍ଡିତ ଅବସ୍ଥାରୁ ଉଦ୍ଧାର କରିବା ପାଇଁ ଭାରତର ଦୂରଦ୍ରଷ୍ଟା ମନୀଷୀଗଣ ହିଁ ସଚେତନ ହୋଇ ଉଠିଥିଲେ । ଏହି ସଚେତନବାଣୀ ସବୁକ୍ଷେତ୍ରରେ ଦେଖା ଦେଇଥିଲା । ବିଶେଷକରି ସାହିତ୍ୟ କ୍ଷେତ୍ରରେ ଏହି ନବଚେତନା ବହନ କରି ଆଣିଥିଲା ନୂତନ ସଙ୍କେତ । ଆଉ ଠିକ୍ ସେହି ସମୟରେ ଆମ ଓଡ଼ିଶା ମାଟିରୁ ଏକ ଯୁଗଧର୍ମ ଭାବରେ ମହିମା ଧର୍ମର ଅଭ୍ୟୁଦୟ ଘଟିଥିଲା । ମହିମାଧର୍ମ ଏକ ଉଦାରବାଦୀ ମାନବ ଧର୍ମ । ଏହାର ମାର୍ଗ ମୁଖ୍ୟତଃ ସମାଜ ମୁଖୀ । ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁ ତରୁଣ ଭୀମ ଭୋଇଙ୍କୁ ଦୀକ୍ଷିତ କରି ସାହିତ୍ୟ ସାଧନା ମାଧ୍ୟମରେ ତାଙ୍କର ବାଣୀର ପ୍ରସାର କରି ସମାଜକୁ ସେତେବେଳକାର ସଙ୍କଟରୁ ଉଦ୍ଧାର କରିବାକୁ ଏବଂ ଯୁଗସନ୍ଧି ବେଳାରେ ଜାଗ୍ରତ ଆତ୍ମାର ଯୁଗ-ଧର୍ମ ପାଳନ କରିବାକୁ ପ୍ରେରଣା-ପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ । ଜନ୍ମ-ସ୍ଥାନ, ଶିକ୍ଷା-ଦୀକ୍ଷା ଏବଂ ସ୍ଥୂଳ ଦୃଷ୍ଟିଶକ୍ତି ସଂପର୍କିତ ଗବେଷକମାନଙ୍କର ତର୍କ-ବିତର୍କର ଊର୍ଦ୍ଧ୍ୱକୁ ଉଠି, ଯେଉଁ ଭୀମ ଭୋଇଙ୍କୁ ଆମେ ଦେଖୁଛେ, ସେ ଏକ ଭିନ୍ନ ଆଉ ପ୍ରଚଣ୍ଡ ପ୍ରତିଭାଧାରୀ ସନ୍ଥ । ପଣ୍ଡିତମାନଙ୍କ ମତରେ, ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାର ଧର୍ମଚେତନା, ନୈତିକ ଜୀବନ ଓ ଆଧ୍ୟାତ୍ମିକ କାବ୍ୟ-କବିତା ଧାରାରେ ନବ ଉତ୍‌ଥାପନର ବାର୍ତ୍ତା ସଂଯୋଗ କରି ସାମାଜିକ କୁସଂସ୍କାର, ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ ଘୋଷଣା ସହ ସମଗ୍ର ମାନବ ଜାତିକୁ ସମ୍ବେଦନଶୀଳ ହୃଦୟ ଆଉ ଉନ୍ମୁକ୍ତ ମନରେ ଭଲ ପାଇବାର ମାର୍ଗ ଦେଖାଇ ମଣିଷର ଚେତନାକୁ ପୁନଃ ପ୍ରସାରିତ କରିଥିବା ସେହି କାବ୍ୟ ପୁରୁଷଙ୍କର ନାମ ଭୀମ ଭୋଇ । ସନ୍ଥ କବି ଭୀମ ଭୋଇ ।

ଭୀମ ଭୋଇଙ୍କର ସାଧନାର ସମୟ ଥିଲା ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗ । ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନରେ ଜ୍ଞାନ ଆଉ ସଂସ୍କୃତିରେ ହିଁ ବିକାଶ ସଂଘଟିତ ହେଲା । ଉତ୍କଳର ଆଧୁନିକ ଶିକ୍ଷାର ପ୍ରସାର ସମ୍ଭବ ହେଲା । ସାହିତ୍ୟ ହେଲା ସମୃଦ୍ଧ । ପ୍ରାଚୀନ ପରରାକୁ ପଛରେ ପକେଇ ସମସ୍ତେ ନୂତନ ଆଡ଼କୁ ମୋଡ଼ ଭାଙ୍ଗିଲେ । କିନ୍ତୁ ପ୍ରାଚୀନ ଓ ନବୀନର ମିଳନ ସ୍ଥଳରେ ଦଣ୍ଡାୟମାନ ହୋଇ ସନ୍ଥକବି ଭୀମ ଭୋଇ ଦୁଃସାହସିକ ବିପ୍ଳବୀ କବିର ଭୂମିକା ଗ୍ରହଣ କଲେ ।

ମହିମା ଧର୍ମ ହେଉଛି ଏକ ଜନଧର୍ମୀ ଆଧ୍ୟାତ୍ମିକ ଚେତନା ଏବଂ ଭୀମ ଭୋଇ ହେଉଛନ୍ତି ସେହି ସାଧନାର ଧାରାର ଆଧ୍ୟାତ୍ମିକ କଣ୍ଠସ୍ୱର । ତାଙ୍କର ସାଧନା ହେଉଛି ଅନ୍ତର୍ମୁଖୀ ସାଧନା । ହୃଦୟର ଦ୍ୱାର ଖୋଲି ଅନ୍ତର୍ଦ୍ଦେଶରେ ପ୍ରବେଶ କଲେ ସେଠାରେ ପରମ ବ୍ରହ୍ମଙ୍କର ଦର୍ଶନ ମିଳି ପାରିବ । କବିଙ୍କର କାବ୍ୟ-ଦର୍ଶନରେ ଉପନିଷଦୀୟ ଚିନ୍ତା ଓ ଚେତନା ବହୁ ଭାବରେ ପରିସ୍ଫୁଟ । ତେଣୁ ତାଙ୍କ ଲେଖନୀରୁ ନିସୃତ ହୋଇଛି- ଫେଡ଼ି କବାଟ ଯାଇ ପଶ ଭିତରେ । 'ସ୍ତୁତି ଚିନ୍ତାମଣି', 'ଭଜନମାଳା'ର ରଚନା ଭକ୍ତିରସାତ୍ମକ ଓ ଆଧ୍ୟାତ୍ମ ତତ୍ତ୍ୱ ରହସ୍ୟଗର୍ଭା ହେଲେ ମଧ୍ୟ ଅନେକ ସ୍ଥାନରେ କବିଙ୍କ ଜୀବନର ଅନେକ ଦୁଃଖ, ଯନ୍ତ୍ରଣା, ସମସାମୟିକ ସମାଜର ନୀତିହୀନତା, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନର ବାର୍ତ୍ତା ବହନ କରି, ଆତ୍ମବାଣୀ ମୁଖରିତ ହୋଇଉଠି ଏ ସବୁକୁ ରସୋତ୍ତୀର୍ଣ୍ଣ କରିପାରିଛି । ତିନିଶତାଧିକ ଭଜନ ସବୁ ସଂଗୀତମୟ, ଆବେଗ ମୁଖର ହୋଇ ପ୍ରାଣସ୍ପର୍ଶୀ ହେବା ସାଂଗକୁ ଓଡ଼ିଆ ଆଧୁନିକ ସାହିତ୍ୟକୁ ପ୍ରବହମାନ କରିବାରେ ସକ୍ଷମ ହୋଇପାରିଛି । 'ସ୍ତୁତି ଚିନ୍ତାମଣି' କବିଙ୍କ ଜୀବନର ସ୍ମୃତି ଓ ବ୍ରହ୍ମ ଅନୁଭବର ଉଜ୍ଜ୍ୱଳ ଆତ୍ମବାଣୀ ଭାବରେ ମୁଖରୀତ ହୋଇଥିବା ବେଳେ 'ଭଜନମାଳା' ତାଙ୍କ ଦିବ୍ୟ ଆତ୍ମପୁରୁଷର ଊର୍ଦ୍ଧ୍ୱଗାମୀ ସ୍ୱରନାଦରେ ଝଙ୍କୃତ ହୋଇ ଉଠିଛି । ସଂସ୍କୃତ, ପ୍ରାକୃତ, ଅପଭ୍ରଂଶ, ଦେଶଜ, ବୈଦେଶିକ ଓ ଲୌକିକ ତଥା ଲୋକ ଭାଷାର ପ୍ରୟୋଗ, ନିଜ ଚାରି ପାଖରେ ଥିବା ଉପମାର ପ୍ରୟୋଗ ତାଙ୍କ ରଚନା ସମଗ୍ରକୁ ପ୍ରାଣସ୍ପର୍ଶୀ କରି ପାରିଛି । କବିଙ୍କର ରଚନା ମୁଖ୍ୟତଃ ପଦ୍ୟଧର୍ମୀ । କବିତା ମାଧ୍ୟମରେ ନିଜ ଜୀବନର ସମସ୍ତ ଅଭିବ୍ୟକ୍ତି ଓ ସମାଜର ଆଦର୍ଶକୁ ପରିପ୍ରକାଶ କରିବା ତାଙ୍କର ଥିଲା ଚିର ଇପ୍‌ସିତ । ଭୀମ ଭୋଇଙ୍କର ପାଣ୍ଡିତ୍ୟ ତାଙ୍କ ରଚନାରୁ ହିଁ ପ୍ରମାଣିତ । 'ସ୍ତୁତି ଚିନ୍ତାମଣି', 'ଆଦିଅନ୍ତ ଗୀତା', 'ବ୍ରହ୍ମ ନିରୂପଣ ଗୀତା' ଓ 'ବ୍ରହ୍ମ ଚାଳକ' ଆଦି ରଚନା ମଧ୍ୟରେ - ଜୀବ-ପରମ, ମନ-ଚଇତନ ମାୟା ପ୍ରଭୃତିର ବର୍ଣ୍ଣନା ତାଙ୍କୁ ସନ୍ଥକବିର ଆସନରେ ଆସୀନ କରାଇ ପାରିଛି । ଭୀମ ଭୋଇଙ୍କ ସାହିତ୍ୟରେ ଧର୍ମ, କର୍ମ, ନୀତି, ଅନୀତି ଆଦିର ବିଚାର କଥା କୁହାଯାଇଥିଲେ ମଧ୍ୟ ସବୁ କଥାର ମୂଳ ହେଉଛି ମାନବ ପ୍ରତି ସଂପ୍ରୀତି ଆଉ ସମ୍ବେଦନଶୀଳ ହୃଦୟ । ପ୍ରାଣୀମାନଙ୍କର ଅପ୍ରମିତ ଦୁଃଖରେ ମ୍ରିୟମାଣ ହୋଇ ଜଗତର ଉଦ୍ଧାର ଲାଗି ନିଜେ ନରକରେ ନିକ୍ଷେପିତ ହେବାକୁ ସଂକଳ୍ପବଦ୍ଧ । ସତ୍ୟାନୁସନ୍ଧାନରେ ବ୍ରତୀ ସନ୍ଥ କବିଙ୍କ ଜୀବନ-ଯଜ୍ଞର ଉଦ୍‌ଘୋଷଣା ଥିଲା 'ସତ୍ୟରେ ମରିବି, ସତ୍ୟରେ ତରିବି ।' ସତ୍ୟ ନାମ ହିଁ ବ୍ରହ୍ମ । ଏହି ବ୍ରହ୍ମ ହିଁ ମେଳଛ, ଅସୁର, ପାପିଷ୍ଠମାନଙ୍କଠାରୁ ମଣିଷ ସମାଜକୁ ରକ୍ଷା କରିବ ବୋଲି ତାଙ୍କର ଭରସା । ତେଣୁ ଦିବ୍ୟଦ୍ରଷ୍ଟା କବିଙ୍କ ଅମୃତବାଣୀ ସ୍ୱଚ୍ଛତୋୟା ସ୍ରୋତସ୍ୱିନୀ ପରି ପ୍ରବହମାନ ହୋଇ ଆତ୍ମସନ୍ଧାନୀ ଆତ୍ମଦର୍ଶୀମାନଙ୍କୁ ବିଶ୍ୱପ୍ରାଣରେ ଉଦ୍‌ବୁଦ୍ଧ କରିଆସୁଛି । ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ପ୍ରସାରଭାରତୀ
ପଟିଆ, ଭୁବନେଶ୍ୱର-୨୪

# ଅଳି



ଜୟନ୍ତୀ ରଥ

କଳସ କହୁଛି
ସବୁଦିନ କ'ଣ
ପାଣି ଆଉ ଫୁଲ
ଦିନେ ଦିନେ ତ
ଆମ୍ବ ପତ୍ରଦେ
ନଡ଼ିଆଦେ
ମୁଁ ଦିଶିବି
ଶୋଭାବନ୍ତ
ହଉ, ହଉ ଦେବି ।

କାଚ ଆଲମାରି ଭିତରୁ
ବହିମାନେ କହୁଛନ୍ତି
ସବୁଦିନ କ'ଣ
ରୁନ୍ଧି ହୋଇ ଥିବୁ ଏଇ ଭିତରେ
ଦିନେ ଦିନେ ତ
ଖରା, ପବନ ଓ
ତୋ ହାତ ଛୁଆଁଦେ ।
ଆମର ବି
ଅମ୍ଳାନ ଲୋଡ଼ା
ହଉ ଦେବି । ଦେବି ।

ନାତି କହୁଚି
ସବୁଦିନ କ'ଣ ପଢୁଚୁ, ଲେଖୁଚୁ
ଦିନେ ଦିନେ ତ
ଅଜାଙ୍କ ପାଖେ ବସି
କେ.ବି.ସି. ଦେଖି
କ୍ରିକେଟ ଖେଳ ଦେଖି ଟିଭିରୁ
ମନ ଭଲ ଲାଗିବ
ହଉ ଦେଖିବି । ଦେଖିବି ।

କଲମ ଜାଣିନି
ବହିମାନେ ଜାଣନ୍ତିନି
ନାତି ବୁଝିନି
ମୁଁ କେତେ ଅପାରିବାର
ଜାଣେନି ବାଗ
ନିଜକୁ ସଜାଡ଼ିବାର । ■

ଭୁବନେଶ୍ୱର
ମୋ: ୮୮୯୫୬୭୧୭୯୫୬

## ପୁସ୍ତକ ପରିଚୟ

### ଧୂସର ଦିଗ୍‌ବଳୟ

ମାନିନୀ ମିଶ୍ର




ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ: ୧୯୯ ଟଙ୍କା

ଯନ୍ତ୍ରଣା ଜର୍ଜରିତ ମଣିଷର ଜୀବନ, ମାନବୀୟ ସ୍ନେହ,ପ୍ରେମ, ଆଶା, ଆକାଂକ୍ଷା ଅତି ଚମତ୍କାର ଭାବେ ପ୍ରତିଫଳିତ ହୋଇଛି ମାନିନୀ ମିଶ୍ରଙ୍କ 'ଧୂସର ଦିଗ୍‌ବଳୟ' ଉପନ୍ୟାସରେ । ଜୀବନରେ ବାରମ୍ବାର କ୍ଷତାକ୍ତ ହେଉଥିବା ଜଣେ ମଣିଷର ହସ, ଲୁହ, ମୋହକୁ ନେଇ 'ଧୂସର ଦିଗ୍‌ବଳୟ'ର କାହାଣୀ ଗତିଶୀଳ । ନାରାୟଣ ଦାଶଙ୍କ ପାରିବାରିକ ଜୀବନର ସଂଘର୍ଷ, ଦ୍ୱନ୍ଦ୍ୱ, ସଂଘାତକୁ ଔପନ୍ୟାସିକା ଅତି ସମ୍ବେଦନଶୀଳ ଭାବେ ବର୍ଣ୍ଣନା କରିଛନ୍ତି । ପରିବାରର ସମ୍ମାନ ରକ୍ଷା କରିବା ପାଇଁ ନାରାୟଣ ଦାଶ ଓ ବିଷ୍ଣୁପ୍ରିୟା ନିଜକୁ ତିଳ ତିଳ କରି ଜାଳି ଦେଇଛନ୍ତି । ଉଭୟଙ୍କ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ଉପନ୍ୟାସଟିକୁ ଅଧିକ ମାର୍ମିକ କରିଛି । 'ବସୁଧୈବ କୁଟୁମ୍ବକମ୍'ର ମହତ୍ ଚିନ୍ତାଧାରା ପ୍ରତିଫଳିତ ହୋଇଛି ଏହି ଉପନ୍ୟାସରେ । ଗ୍ରାମ୍ୟ ଚଳଣି, ସଂସ୍କୃତି, ପରମ୍ପରାର ଚିତ୍ର ମଧ୍ୟ 'ଧୂସର ଦିଗ୍‌ବଳୟ' ଉପନ୍ୟାସରେ ପ୍ରସ୍ଫୁଟିତ ହୋଇଉଠିଛି । ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ପାରିବାରିକ ସଂଘର୍ଷର ଚିତ୍ର ଉପନ୍ୟାସକୁ ଅଧିକ ରମଣୀୟ କରିଛି । ଚରିତ୍ର ଚିତ୍ରଣରେ ଚମତ୍କାରିତା, କାହାଣୀରେ ନୂତନତା, ନିଆରା ଉପସ୍ଥାପନା ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା ପ୍ରୟୋଗ ଯୋଗୁଁ ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଭାବ ଭକ୍ତି ପ୍ରେମ

ତୁଷାରକାନ୍ତ ମହାନ୍ତି




ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଶ୍ରୀଶ୍ରୀ ଚାଟେଶ୍ୱର ମହାଦେବଙ୍କ ମହିମା ଅପାର । ଭକ୍ତ ତଲ୍ଲୀନ ହୋଇଉଠେ ମହାଦେବଙ୍କ ଭକ୍ତିଭାବରେ । ସେଇ ମହାପ୍ରଭୁ ଚାଟେଶ୍ୱର ବାବାଙ୍କ ପ୍ରତି ସମର୍ପିତ ଭକ୍ତିଭାବନାରୁ ଜାତ ହୋଇଛି ତୁଷାରକାନ୍ତ ମହାନ୍ତିଙ୍କ 'ଭାବ ଭକ୍ତି ପ୍ରେମ' ପୁସ୍ତକର କବିତାଗୁଡ଼ିକ । ଏହି ପୁସ୍ତକରେ ସଂକଳିତ 'ଚାଲ ଚାଲ ଚାଲରେ ଯିବା ଚାଟେଶ୍ୱର ଧାମକୁ', 'ଜୟ ଜୟ ବାବା ଶ୍ରୀ ଚାଟେଶ୍ୱର', 'ଜୟ ହର ହର ଶିବଶଙ୍କର', ' ଆହେ ଶିବ ମହାଦେବ', 'ବାବା ଚାଟେଶ୍ୱର' ଆଦି କବିତାରେ ମହାଦେବଙ୍କ ସ୍ତୁତି ଗାନ କରାଯାଇଛି । 'କାଳିଆ ଧନକୁ ମୋର', 'କଳା ଠାକୁର', 'ପତିତପାବନ ହାତଠାରୁ ଅଟି', 'ଜଗନ୍ନାଥ ତୁମେ ତ ଜଗତ ସାଇଁ', ' ତୁ ଆରେ କାଳିଆ', 'କହରେ କାଳିଆ', 'ତୁମକୁ ହେ ଜଗନ୍ନାଥ' ଆଦି କବିତାରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିଭାବନା ପ୍ରସ୍ଫୁଟିତ ହୋଇଉଠିଛି । କାଳିଆ ଠାକୁରଙ୍କ ପାଖରେ କବି ନିଜର ମାନ ଅଭିମାନ, ପ୍ରେମ ଓ ଭକ୍ତି ଗଦ୍‌ଗଦ୍ ହୋଇ ଜଣାଉଛନ୍ତି । ଭାବ,ଭକ୍ତି ଓ ପ୍ରେମର ଉଚ୍ଛ୍ୱାସ ଯୋଗୁଁ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସରଳ ଓ ବୋଧଗମ୍ୟ ଭାଷାରେ ରଚିତ 'ଭାବ ଭକ୍ତି ପ୍ରେମ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ପ୍ରାଣକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଚୌଦ୍ୱାର ଜେଲରୁ ବିହାରୀ କଏଦୀ ଫେରାର୍ ମାମଲା

# ବୃନ୍ଦାବନରୁ ଧରାହେଲା ମଧୁକାନ୍ତ

- ମଠରେ କେୟାରଟେକର୍ ବେଶରେ ଲୁଚିଥିଲା
- ଛଦ୍ମବେଶରେ ଯାଇ ମାଡ଼ିବସିଲା ପୁଲିସ
- ନେପାଳକୁ ଖସି ଯାଇଛି ରାଜା

ଭୁବନେଶ୍ୱର, ୧୪।୨(ସମିସ): ଚୌଦ୍ୱାର ସର୍କଲ ଜେଲ୍‌ରୁ ଚମ୍ପଟ ମାରିଥିବା ଦୁର୍ଦ୍ଦାନ୍ତ ବିହାରୀ କଏଦୀ ମଧୁକାନ୍ତ ରାଣା ପୁଲିସ ହାତରେ ଧରାପଡ଼ିଛି। ବୃନ୍ଦାବନର ଏକ ମଠରେ ସେ ଲୁଚିଥିଲା ବେଳେ ପୁଲିସ ଛଦ୍ମବେଶରେ ତାକୁ ଧରିଛି। ମଧୁକାନ୍ତ ଦିଲ୍ଲୀ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ମିଜୋରାମ୍, ନାଗାଲାଣ୍ଡ ଏବଂ ଆସାମ୍ ଭଳି ରାଜ୍ୟ ବୁଲିବା ପରେ ଉତ୍ତରପ୍ରଦେଶର ବୃନ୍ଦାବନରେ ଲୁଚିଥିଲା। ତେବେ ଜେଲ୍‌ରୁ ତା' ସହ ଫେରାର୍ ହୋଇଥିବା ଅନ୍ୟ ସହଯୋଗୀ ଅଭିଯୁକ୍ତ ରାଜା ସାହାଣୀ ଏବେ ବି ଫେରାର୍ ରହିଛି। ପୁଲିସ ସେବା ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର୍ ଡ. ଏସ୍. ଦେବଦତ୍ତ ସିଂ ଆଜି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

୨୦୨୫ ମସିହାରେ ଯାଜପୁର ପାଣିକୋଇଲି ଥାନା ଅଞ୍ଚଳରେ ଘଟିଥିବା ଏକ ଡକାୟତି ମାମଲାରେ ଗିରଫ ହୋଇଥିବା ମଧୁକାନ୍ତ ଓ ରାଜା ଚୌଦ୍ୱାର ସର୍କଲ ଜେଲରେ ଥିଲେ। ଅକ୍ଟୋବର ୨ ତାରିଖରେ ଉଭୟ ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିଲା। ଏନେଇ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

ପୁଲିସ ସୂଚନା ମୁତାବକ, ଜେଲ୍‌ରୁ ଚମ୍ପଟ ମାରିବା ପରେ ଏହି ଦୁଇ ଅଭିଯୁକ୍ତ ଏକ ଜଳାଶୟରେ କିଛି ସମୟ ପାଇଁ ଲୁଚି ରହିଥିଲେ। କାହାରି ଯେପରି ସନ୍ଦେହ ନ ହେବ, ସେଥିପାଇଁ ପାଣି ଭିତରେ ବୁଡ଼ି ରହିଥିଲେ। ପରେ ଏକ ପାଦଚଲା ରାସ୍ତାରେ ନିକଟସ୍ଥ ରେଳ ଷ୍ଟେସନ୍‌କୁ ଯାଇଥିଲେ। ସେଠାରୁ ଟ୍ରେନ୍ ଯୋଗେ ସେମାନେ ପ୍ରଥମେ ପୁରୀ ପଳାଇଥିଲେ। ପୁରୀରେ ଗୋଟିଏ ଦିନ ରହିବା ପରେ ଦିଲ୍ଲୀ ପଳାଇଥିଲେ। ଦିଲ୍ଲୀରେ ପହଞ୍ଚିବା ପରେ ରାଜା ନେପାଳ ପଳାଇଥିବା ବେଳେ ମଧୁକାନ୍ତ ଦେଶର ଏକାଧିକ ସ୍ଥାନ ଘୁରି ବୁଲୁଥିଲା। ଏପଟେ, ଅଭିଯୁକ୍ତଦ୍ୱୟଙ୍କୁ ଧରିବା ପାଇଁ କମିସନରେଟ୍ ପୁଲିସ ଏକ ସ୍ୱତନ୍ତ୍ର ଅଣ୍ଡର-କଭର୍ ଟିମ୍ ଗଠନ କରିଥିଲା। ଏହି ଟିମ୍‌କୁ ଉତ୍ତର ଭାରତ ଶୈଳୀରେ ହିନ୍ଦୀ କହିବାକୁ ତାଲିମ୍ ଦିଆଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ହେଁ ସଫଳତା ମିଳି ନଥିଲା। ତେବେ ୧୫ ଦିନ ତଳେ ମଧୁକାନ୍ତ ବୃନ୍ଦାବନର ଏକ ମଠରେ କେୟାରଟେକର୍ ଭାବେ କାମ କରୁଥିବା ପୁଲିସକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତେଣୁ, ପୁଲିସ ତାକୁ ଧରିବାକୁ ଜାଲ ବିଛାଇଥିଲା। ଜଣେ ପୁଲିସ ଅଧିକାରୀ ଛଦ୍ମବେଶରେ ନିକଟସ୍ଥ ଏକ ମଠ ଭୋଜନାଳୟରେ କାମ କରିଥିଲେ। ସେଠାରେ ଲୋକଙ୍କ ସହ ମିଳାମିଶା କରିଥିଲେ। ପରେ ମଧୁକାନ୍ତ ରହୁଥିବା ମଠରେ ଚାକିରି କରିବାକୁ ଯୋଗାଯୋଗ କରିଥିଲେ। ଏଥିରେ ମଠ କର୍ମଚାରୀ ବି ରାଜି ହୋଇଯାଇଥିଲେ। ଛଦ୍ମବେଶରେ ଥିବା ପୁଲିସ କର୍ମଚାରୀଙ୍କୁ ମଧୁକାନ୍ତ ତାର ମଠକୁ ନେବା ପାଇଁ ଆସିଲା ବେଳେ ପୁଲିସ ତାକୁ ଚାରିଆଡ଼ୁ ଘେରିଯାଇଥିଲା। ମଧୁକାନ୍ତକୁ ପୁଲିସ ଗିରଫ କରି ଓଡ଼ିଶା ଆଣିଛି। ତାକୁ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ଆଣିବାକୁ କମିସନରେଟ୍ ପୁଲିସ ଯୋଜନା କରିଛି।

## ରେଡିଓ ପ୍ରସାରକମାନଙ୍କ ପାଇଁ ନିର୍ବାଚନ ସଚେତନତା ଦକ୍ଷତା ବୃଦ୍ଧି କର୍ମଶାଳା

# ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ



ଭୁବନେଶ୍ୱର,୧୪।୨(ସମିସ): ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ ବୋଲି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ କହିଛନ୍ତି। ଦ ସୋସିଓଜେନିକ୍ ଫାଉଣ୍ଡେସନ୍ ଏବଂ ଆଉଟରିଚ୍ ପକ୍ଷରୁ ଆୟୋଜିତ 'ରେଡିଓ ପ୍ରସାରକମାନଙ୍କ ପାଇଁ ଏକ ରାଜ୍ୟ ସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର. ଏସ୍. ଗୋପାଳନ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍‌ଆଇଆର୍) ଉପରେ ଗୁରୁତ୍ୱାରୋପ କରି ୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜିକୃତ କରିପାରିବେ, ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ବିଷୟରେ ସଚେତନ କରିବା ସହ କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଶ୍ରୀ ଗୋପାଳନ ପରାମର୍ଶ ଦେଇଥିଲେ।

ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ ଶନିବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବିଓ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ବରିଷ୍ଠ ରେଡ଼ିଓ ପ୍ରସାରକ ଅଶୋକ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କହିଛନ୍ତି। ତେଣୁ ରେଡ଼ିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ କର୍ମଶାଳାରେ ଆଲୋଚନା କରାଯାଇଥିଲା।

## ବାର୍ ଆସୋସିଏସନ କଲ୍ୟାଣ ପାଣ୍ଠି ହେରଫେର୍ ଘଟଣା

# ମହିଳା ଆକାଉଣ୍ଟାଣ୍ଟ ଗିରଫ

କଟକ,୧୪।୨(ସମିସ): କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ, କଟକ ବାର ଆସୋସିଏସନ, ଏମ୍.ଭି. ଲୟର ଆସୋସିଏସନ ଓ ବୋର୍ଡ ଅଫ ରେଭିନ୍ୟୁ ବାର ଆସୋସିଏସନ ସଦସ୍ୟଙ୍କ କଲ୍ୟାଣ ପାଣ୍ଠିରୁ ବଡ଼ ଧରଣର ଆର୍ଥିକ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ଆସୋସିଏସନର ମହିଳା ଆକାଉଣ୍ଟାଣ୍ଟ ଜାଲିଆତି କରି ପ୍ରାୟ ୩୧ ରୁ ୪୦ ଲକ୍ଷ ଟଙ୍କା ହରିଲୁଟ୍ କରିଥିବା ନେଇ ଲାଲବାଗ ଥାନାରେ ଏକ ଏତଲା ଦାୟର କରାଯାଇଥିଲା। ଏହି ଘଟଣାରେ ବାଦାମବାଡ଼ି ଥାନା ଅନ୍ତର୍ଗତ ମହତାବ୍ ରୋଡ୍‌ସ୍ଥିତ ବିମଳ ତ୍ରିପାଠୀ ଲେନ୍ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ତଥା ମହିଳା ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ବେହେରା(୨୭)ଙ୍କୁ ଗିରଫ କରାଯାଇଛି। ତାଙ୍କର ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି। କଟକ କ୍ରିମିନାଲ କୋର୍ଟ ବାର ଆସୋସିଏସନର ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଯୋଜନାବଦ୍ଧ ଭାବେ ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ର ନଷ୍ଟ କରିବା ସହ ବ୍ୟାଙ୍କ ପାସ୍‌ବୁକ୍ ଏବଂ ଡିପୋଜିଟ୍ ସ୍ଲିପ୍‌ରେ ତଥ୍ୟ ବଦଳାଇ ବିପୁଳ ଅର୍ଥ ହରିଲୁଟ୍ କରିଥିବା ଅଭିଯୋଗ ହୋଇଥିଲା।

## ଆରମ୍ଭ ହେଲା ୨୦ ତମ ତୋଷାଳି ସ୍ୱଦେଶୀ ମେଳା

# 'ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସମୃଦ୍ଧ ଐତିହ୍ୟର ପରିଚୟ'

ଭୁବନେଶ୍ୱର,୧୪।୨(ସମିସ): ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ ବୋଲି ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ଶନିବାର ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ୨୦ତମ ତୋଷାଳି ସ୍ୱଦେଶୀ ମେଳାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ଏହି ମେଳାର ପ୍ରମୁଖ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଥିଲେ ଯେ ବୁଣାକାର ଓ କାରିଗରଙ୍କ ପାଇଁ ଓଡ଼ିଆ ଜାତି ଗର୍ବିତ। ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି। ଏହି ଅବସରରେ ୧୨ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ସିଏସଆଇଆର-ଆଇଏମଏମଟି, ଭୁବନେଶ୍ୱର ଓ ଆଇଆଇପି-ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଆଇସିଏଆର୍-ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ଫାଇବର୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ଓୟୁଟିଆର୍, ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ପ୍ରାରମ୍ଭରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ଡ. ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥୀ, ପ୍ରସିଦ୍ଧ ବାନ୍ଧ ଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଚଳିତ ବର୍ଷ ୯୦୫ ଗୋଟି ଷ୍ଟଲ ଖୋଲିଥିବା ବେଳେ ୨୦ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି। ଏଥର ମେଳାରେ ଲାଇଭ୍ ଡେମନଷ୍ଟ୍ରେସନ୍ ସହ ହସ୍ତଶିଳ୍ପ, ହସ୍ତତନ୍ତ ଓ ବୟନ ଏବଂ ରେଶମ କ୍ଷେତ୍ରକୁ ନେଇ ୩ଟି ଥିମ୍ ପାଭିଲିଅନ୍‌ରେ ବିଭିନ୍ନ ସରକାରୀ ଯୋଜନାର ସଫଳତା ଏବଂ ଘୋଷଣାନାମା ଓ ନୂତନ ପଦକ୍ଷେପ ସମ୍ପର୍କରେ ପ୍ରଦର୍ଶିତ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ-ପାକିସ୍ତାନ...

ବିଭାଗର ଭବିଷ୍ୟବାଣୀ ଉତ୍ସାହଜନକ ନୁହେଁ। ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ମହାମୁକାବିଲା ବାଧାପ୍ରାପ୍ତ ହୋଇପାରେ। ଗୋଟିଏ ସ୍ଥାନରେ ଖେଳିବା, କଲମ୍ବୋର ମନ୍ଥର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇନେବା ପରେ ପାକିସ୍ତାନ ମଧ୍ୟ ଶକ୍ତିଶାଳୀ ଭାରତକୁ ଟକ୍କର ଦେବ ବୋଲି ଆଶା ରଖୁଛି। ପାକିସ୍ତାନୀ ଅଧିନାୟକ ସଲମାନ ଅଲି ଆଘା ଏହି ମୁକାବିଲାରେ ଭାରତ 'ସ୍ପିରିଟ୍ ଅଫ୍ କ୍ରିକେଟ'ରେ ବା ଖେଳୱାଡ ମନୋଭାବ ନେଇ ଖେଳିବ ବୋଲି ଆଶା କରିଛନ୍ତି। ଏହାର ଅର୍ଥ ଏହି ମୁକାବିଲାରେ ଉଭୟ ଦଳର ଅଧିନାୟକ ଓ ଖେଳାଳି ପରସ୍ପର ସହ ହ୍ୟାଣ୍ଡସେକ୍ କରିବେ ବୋଲି ସେ ପରୋକ୍ଷରେ ଆଶା ରଖିଛନ୍ତି। ନିକଟରେ ଖେଳାଯାଇଥିବା ଏସିଆ କପ୍‌ରେ କେହି କାହା ସହ କରମର୍ଦ୍ଦନ କରି ନ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଫାଇନାଲ ସହ ଉଭୟ ଦଳ ପରସ୍ପର ସହ ୩ଥର ମୁକାବିଲା କରିଥିଲେ ଓ ସମସ୍ତ ୩ଟିଯାକ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଏଥର ମଧ୍ୟ ଏଠାରେ ଖେଳ ଦେଖିବାକୁ ଆସିଥିବା ୧୬,୦୦୦ ଦର୍ଶକଙ୍କ ସହ କୋଟି କୋଟି ଭାରତୀୟ ସମର୍ଥକ ଏଭଳି ଆଶା ରଖୁଛନ୍ତି।

ତେବେ ଏହି ମହାମୁକାବିଲାକୁ ନେଇ ପାଣିପାଗ ବିଭାଗର ଭବିଷ୍ୟବାଣୀ ଉତ୍ସାହଜନକ ନୁହେଁ। ବର୍ଷା ସମ୍ଭାବନା ଥିବାରୁ ମୁକାବିଲାଟି ବାଧାପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଆସନ୍ତାକାଲି ବର୍ଷା ସମ୍ଭାବନା ୬୦ ପ୍ରତିଶତ ରହିଛି ବୋଲି ଶ୍ରୀଲଙ୍କା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତରେ ଖେଳିବାକୁ ବାଂଲାଦେଶ ମନା କରିବା ଦାବିକୁ ସମର୍ଥନ କରି ପାକିସ୍ତାନ ସରକାର ପ୍ରଥମେ ଏହି ମ୍ୟାଚ୍ ବୟକଟ କରିବାକୁ ଘୋଷଣା କରିଥିଲେ। ପରେ ଆଇସିସି ଓ ପିସିବି ମଧ୍ୟରେ ଆଲୋଚନା ହେବା ପରେ ଭାରତ ସହ ଖେଳିବାକୁ ପାକିସ୍ତାନ ରାଜି ହୋଇଥିଲା। ଏହି ଘଟଣା ପରେ ଆସନ୍ତାକାଲି ମୁକାବିଲାର ଗୁରୁତ୍ୱ ବୃଦ୍ଧି ପାଇଛି। କଲମ୍ବୋ ପିଚ୍‌ରେ ପାକିସ୍ତାନୀ ସ୍ପିନରଙ୍କ ପ୍ରଭାବ ମଧ୍ୟ ସମାନ ପରିମାଣରେ ବଢ଼ିଛି। ଏଣୁ ଭାରତକୁ ୮ମ ବିଜୟ ହାସଲ କରିବାକୁ ହେଲେ ପାକିସ୍ତାନୀ ସ୍ପିନର ଓ ବର୍ଷାର ଜୋରଦାର ମୁକାବିଲା କରିବାକୁ ହେବ। ଉଭୟ ଦଳର ଅଧିନାୟକ ଯଥା ପାକିସ୍ତାନର ସଲମାନ୍ ଅଲୀ ଓ ଭାରତର ସୂର୍ଯ୍ୟକୁମାର ଯାଦବ ଏହି ମୁକାବିଲା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି ବୋଲି ଦୃଢ଼ ଆତ୍ମବିଶ୍ୱାସର ସହ କହିଛନ୍ତି।

## ବଜେଟ ଆକାର...

ବିକ୍ରିରେ ଚାଷୀ ହନ୍ତସନ୍ତ, ବୃଦ୍ଧ ବୃଦ୍ଧାଙ୍କୁ ପ୍ରତିଶ୍ରୁତି ମୁତାବକ ୩୫୦୦ ଟଙ୍କା ଭତ୍ତା ଦେଇନପାରିବା ସହ ତୃଣମୂଳସ୍ତରରେ ଭିତ୍ତିଭୂମି ବିକାଶରେ ମନ୍ଥରତା କାରଣରୁ ସରକାରଙ୍କୁ ବିଭିନ୍ନ ମହଲରୁ ସମାଲୋଚିତ ହେବାକୁ ପଡ଼ୁଛି। ସେହିପରି ରାଜ୍ୟ ସରକାର ଘୋଷଣା କରିଥିବା ଅନ୍ୟ ଯୋଜନା ଗୁଡ଼ିକ ମଧ୍ୟ ସଫଳତାର ସହ କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ସାଧାରଣରେ ବଢ଼ୁଥିବା ଜନଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସରକାର ବଜେଟରେ ସାଧାରଣ ଲୋକଙ୍କ ପାଇଁ ନୂଆ କିଛି ଯୋଜନା ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଇଛି।

## ଲକ୍ଷେ କୋଟିର...

କିମ୍ବା ଅନ୍ୟାନ୍ୟ ଉତ୍ସ ଦ୍ୱାରା ଯୋଗାଇ ଦିଆଯାଇପାରେ। ସହରାଞ୍ଚଳ ଶାସନ, ବଜାର ଏବଂ ଆର୍ଥିକ ବ୍ୟବସ୍ଥା, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସହରାଞ୍ଚଳ ଯୋଜନାର ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

ୟୁସିଏଫରେ ୫, ୦୦୦ କୋଟି ଟଙ୍କାର ଏକ ସମର୍ପିତ ପାଣ୍ଠି ରହିଛି। ଏହା ୪, ୨୨୩ ସହରଗୁଡ଼ିକର ଋଣଯୋଗ୍ୟତାକୁ ବୃଦ୍ଧି କରିବ। ଛୋଟ ସହର ପାଇଁ ଋଣ ପରିଶୋଧର ଗ୍ୟାରେଣ୍ଟି ମଧ୍ୟ ରହିଛି। ଉତ୍ତର-ପୂର୍ବ ଏବଂ ପାହାଡିଆ ରାଜ୍ୟର ସମସ୍ତ ସହର/ ସହରୀ ପ୍ରଶାସନିକ ସଂସ୍ଥା (ୟୁଏଲବି) ଏବଂ ଅନ୍ୟ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଛୋଟ ୟୁଏଲବି (୧୦୦, ୦୦୦ରୁ କମ ଜନସଂଖ୍ୟା) ପାଇଁ ବଜାର ଆର୍ଥିକ ସହାୟତା ପାଇଁ ପ୍ରଥମ ଥର ୫, ୦୦୦ କୋଟି ଟଙ୍କାର ଋଣ ପରିଶୋଧ ଗ୍ୟାରେଣ୍ଟି ଯୋଜନାକୁ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ପ୍ରଥମ ଥର ଋଣ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ କିମ୍ବା ଋଣ ପରିମାଣର ୭୦ ପ୍ରତିଶତ (ଯାହା କମ୍) କେନ୍ଦ୍ରୀୟ ଗ୍ୟାରେଣ୍ଟି ପ୍ରଦାନ କରିବ। ପ୍ରଥମ ଋଣର ସଫଳ ପରିଶୋଧ ପରେ ୭ କୋଟି ଟଙ୍କା କିମ୍ବା ଋଣ ପରିମାଣର ୫୦ ପ୍ରତିଶତ (ଯାହା କମ୍) କେନ୍ଦ୍ରୀୟ ଗ୍ୟାରେଣ୍ଟି ପ୍ରଦାନ କରାଯିବ। ଏହା ସର୍ବନିମ୍ନ ୨୦ କୋଟି ଟଙ୍କା ଏବଂ ପରବର୍ତ୍ତୀ ୨୮ କୋଟି ଟଙ୍କା ପର୍ଯ୍ୟନ୍ତ ଛୋଟ ସହରଗୁଡ଼ିକରେ ପ୍ରଥମ ଥର ପାଇଁ ପ୍ରକଳ୍ପଗୁଡ଼ିକୁ ପ୍ରଭାବଶାଳୀ ଭାବରେ ସମର୍ଥନ କରିବ।

## ଚୋର ସନ୍ଦେହରେ...

ବେଣୁଧରକୁ ଗାଁଲୋକେ ଧରି ପକାଇଥିଲେ। ପରେ ତାଙ୍କୁ ଗାଁ ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତିସାରା ନିସ୍ତୁକ ମାଡ଼ ମାରିଥିଲେ। ଶନିବାର ଭୋର୍‌ରେ ଗୁରୁତର ଅବସ୍ଥାରେ ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମେଡିକାଲ କର୍ତ୍ତୃପକ୍ଷ ଏନେଇ ସୂଚନା ଦେବା ପରେ ଭଞ୍ଜନଗର ପୁଲିସ ଗାଁରୁ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଉଠାଇ ନେଇଥିଲା। ଏବେ ବି ସାର୍ଦ୍ଦୁଳ ଗାଁରେ ପୁଲିସ ପଇଁତରା ମାରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ତଥ୍ୟ ଓ ରକ୍ତନମୁନା ସଂଗ୍ରହ କରିଛି।

ମୃତ ବେଣୁଧର ନାଁରେ ପୂର୍ବରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ସିନ୍ଧିଚୋରି ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ, ଏସ୍‌ଡିପିଓ ଡକ୍ଟର ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା, ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବରଙ୍କ ସମେତ ୪ ଜଣ ଇନ୍ସପେକ୍ଟର, ବହୁ ସବ୍ ଇନ୍ସପେକ୍ଟର, ପୁଲିସ କର୍ମଚାରୀଙ୍କ ସମେତ ଓଏସ୍‌ଏସ୍‌ଏପି ବାହିନୀ ଗାଁରେ ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଏସ୍‌ପି ରଞ୍ଜନ କୁମାର ଦେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ବିସ୍ତୃତ ବିବରଣୀ ରଖିଛନ୍ତି।

## ଅଭିବୃଦ୍ଧିର କେନ୍ଦ୍ରସ୍ଥଳ...

ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗିର, ଗଞ୍ଜାମ, କଟକ ଏବଂ ଜଗତସିଂହପୁରଠାରେ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର୍ ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟର୍‌ର ଏକ ବ୍ୟାକ-ଅପ୍ ଭାବେ କାର୍ଯ୍ୟ କରିବ। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର୍ ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ଏହା ନିରବଚ୍ଛିନ୍ନ ବିତରଣ ଜାରି ରଖିବ।

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ଓକାକ୍ ସିଇଓ ଡଃ ପ୍ରଦୀପ ରାଉତ, ହିଣ୍ଡାଲକୋ କର୍ପୋରେଟ୍ ବ୍ୟାପାର ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ବହୁସଂଖ୍ୟକ ନାଗରିକ ଯୋଗ ଦେଇଥିଲେ।


**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707

**AFFIDAVIT**

By virtue of an affidavit sworn before The Executive Magistrate, Titilagarh, on dated-13/02/2026. I, **Chermen Bag** (new name), S/o Hamid Bag, permanent & current resident of AT: Palsapada, Jamkani, PO: Bankel, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Teramen Bag** to **Chermen Bag**. Henceforth, I shall be known as **Chermen Bag** (new name) for all future purposes.

**Chermen Bag**

**AFFIDAVIT**

By virtue of an affidavit **no 55 before the Executive Magistrate, Bhubaneswar, dtd.03.02.2026,** I Mohammad Sadre Alam, resident of Plot No. 187/470, Azad Nagar, Kochilaput, Lane No. 2, Bhubaneswar, Dist- Khordha-751002, do hereby declare that I have changed my name from **Sadre Alam Mohammad to Mohammad Sadre Alam.** Henceforth I shall be known as **Mohammad Sadre Alam** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhawanipatna, Kalahandi on dated 04/02/2026. I, Taslima Firdous present resident of Gosal pada, At/PO:- Bhawanipatna, P.S.- Bhawanipatna Town Dist.:- Kalahandi, Odisha declare that I have changed my name from TASLIMA FIRDOUS to DIBYANI PATRA. Henceforth, I shall be known as **DIBYANI PATRA** for all purposes.

**DIBYANI PATRA**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-13/02/2026. I, **Amit Tandi** (new name), S/o Bhala Tandi, permanent & current resident of AT: Tupaudar, PO: Totopara, PS: Muribahal, Dist: Balangir, State: Odisha, PIN: 767033 declare that I have changed my name from **Amrit Tandi** to **Amit Tandi.** Henceforth, I shall be known as **Amit Tandi** (new name) for all future purposes.

**Amit Tandi**

**OFFICE OF THE MUNICIPAL COUNCIL, TALCHER**
**'e' – Procurement Notice**
13001/253/2526
Tender Reference No. TCRM-13/2025-26
Bid Identification No. 2026_ORULB_125906
No. 536/ Dt. 11.02.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 1 No. |
| 3) | Estimated Cost | :- | Rs. 19.96 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.12.02.2026 at 4.00 PM |
| 6) | Last date & time for receipt of Bid in the portal | :- | dt.21.02.2026 at 5.00 PM |
| 7) | Date of Opening Bid | :- | dt.23.02.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

OIPR-13001/13077/1/25-26/0015

Executive Officer
Talcher Municipality

**Government of Odisha "e" procurement Notice**
34001/79/2526
OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
*E-mail* – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/42/2025-26

1. Name of the work :- 1. PROVISION OF LIFT MACHINE AT NEWLY CONSTRUCTED CCE OFFICE RW CIRCLE OFFICE KEONJHAR FOR THE YEAR 2025-26"
2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR"
2. Estimated Cost :- 1. Rs.16,62,694/- 2. Rs.8,05,024/-
3. Availability of bid document in the website. :- 11.30 Hours of 17.02.2026 to 17:00 Hours of 27.02.2026
4. Date of Opening of Tenders :- 11:30 Hours on dt. 02.03.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

Executive Engineer
OIPR-34001/34175/1/25-26/0001
R.W Electrical Division Sambalpur

25001/169/2526
E.Mail – rw_sundargarh@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E-PROCUREMENT NOTICE
BID IDENTIFICATION NO. ONLINE-SESNG-27 of 2025-26

1. Name of the Work :- Road Work
2. Total No. of works :- 2 no Road
3. Estimated cost :- From Rs.45.91 Lakhs to Rs.46.61 Lakhs
4. Class of contractor :- Only 'B'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh. | Online-SESNG-27 of 2025-26 | 18.02.2026 11.00 A.M | 26.02.2026 5.00 P.M |

Further details can be seen from the website www.tendersorissa.gov.in

Executive Engineer
OIPR-25001/25046/1/25-26/0004
Rural Works Division, Sundargarh

WORKS DEPARTMENT
34001/67/2526
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E. 80 /2025-26

1. Number of works - Road, Building and electric works
2. Approximate estimated cost: - 2.26 lakh to 67.77 lakh
3. Period of Completion :- 01 (One) & 02 (two) Calendar Months
4. Date & Time of availability of bid documents in the portal:- Dt. 19.02.2026 to 05.03.2026
5. Last Date / Time of receipt of bid in the portal :- Dt. 05.03.2026 up to 5.00 PM
6. Date of Opening of bid:- Dt. 06.03.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
OIPR-34001/34025/1/25-26/0001
Mayurbhanj (R&B) Division

**"e" PROCUREMENT NOTICE**
**JAJPUR MUNICIPALITY: JAJPUR**
13001/235/2526
Tender Call Notice No.: 488Date: 13.02.26

Bid documents consisting of the schedule of quantities and the set of Terms & Conditions of contract and other necessary documents can be seen in the Government Website i.e. www.tendersodisha.gov.in

1. Name of work : wall arts different places
2. No. of works : 2 (Two) Nos.
3. Bid Value : Rs. 845457/- to 847458/-
4. Bid Id : JM-08/2025-26
5. Tender Id : 2026_ORULB_125978_01 & 2026_ORULB_125978_2
6. Period of Completion : 60 Days
7. Date of availability of Bid documents in the portal :From 05.00 P.M of Dt. 14.02.2026 to 24.02.2026 up to 5.00 P.M
8. Last Date for receipt of Bids in the portal :Dt. 24.02.2026 up to 5.00 P.M
9. Bids received online shall be opened on :Dt. 27.02.2026 at 11.00 A.M
10. Name & address of the officer inviting Bid :Executive Officer, Jajpur Municipality.

All other terms and conditions are available in the DTCN & BOQ uploaded in the above website.

OIPR-13001/13171/1/25-26/0001

Executive Officer,
Jajpur Municipality

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଜଘାଟ, ୧୪।୨ (ସମିସ): ବସ୍ତା ବ୍ଲକ୍ ଭେଲୋରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଐକ୍ୟମ' ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସ୍ୱପ୍ନା ମୁର୍ମୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟକ୍ଷା ମୁର୍ମୁ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସଂଘର୍ଷର ମୁକାବିଲାରେ ହିଁ ସଫଳତା ମିଳେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା, ସନ୍ତୋଷ କୁମାର ଦାସ ମହାପାତ୍ର, ପରିଚାଳନା କମିଟି ସଭାପତି ଅଞ୍ଜନ କୁମାର ଦାସ, ପିଟିଏ ମହିଳା ସଭାନେତ୍ରୀ ରଶ୍ମିତା ଦେ, ଏସ୍ଏଏଫ୍‌ଟି କମିଟି ସଦସ୍ୟା କବିତା କରଣ, ରତ୍ନାବତୀ ଦାସ ପ୍ରମୁଖ ଉପସ୍ଥିତ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଉପରେ ବକ୍ତବ୍ୟ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମଞ୍ଜୁଷା ମିଶ୍ର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷକ ଛତିଶ ଚନ୍ଦ୍ର ଧଳ, କର୍ମୁ ଟୁଡୁ, ଅଞ୍ଜନ କୁମାର ଜେନା, ବିପିନ ବିହାରୀ ଦାସ, ଶିକ୍ଷୟିତ୍ରୀ ସ୍ୱାତୀରାଣୀ ପ୍ରଧାନ, ମଧୁସ୍ମିତା ବିଶ୍ୱାଳ, ଗୀତାଞ୍ଜଳି କର, ରାମାନନ୍ଦ ରାମ, କାହ୍ନୁ ଚରଣ ଜେନା, ଦୀପକ ଗିରି ଓ ଗଣେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ମାନସ କୁମାର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## କଳା ଦିବସ ପାଳିତ

ନୀଳଗିରି, ୧୪।୨ (ସମିସ): ଶନିବାର ନୀଳଗିରି ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାଜସେବୀ




ଅନୁଷ୍ଠାନ ପକ୍ଷରୁ ଡିଭାଇନ ଟ୍ୟୁଟୋରିଆଲ ପ୍ରାଙ୍ଗଣରେ ସାତ ବର୍ଷ ପୂର୍ବରୁ ପୁଲୱାମା ଆକ୍ରମଣରେ ଜୀବନ ହାରି ଥିବା ୪୦ ଜଣ ଯବାନ ମାନଙ୍କ ଆନର ସଦଗଦି ନିମନ୍ତେ ଆଜି କଳା ଦିବସ ପାଳନ କରାଯାଇଛି। ଏହି ଦିବସରେ ସଭାପତିତ୍ୱ କରି ଥିଲେ ଡିଭାଇନ ଟ୍ୟୁଟୋରିଆଲର ପ୍ରତିଷ୍ଠାତା ସୁଶାନ୍ତ କୁମାର ମହାପାତ୍ର। ଏହି କାର୍ଯ୍ୟକ୍ରମରେ୧୦୦ ଗୋଟି ଦୀପ ପ୍ରଜ୍ୱଳନ କରିବା ସହିତ ଜାତୀୟ ସଂଗୀତ ଓ ନୀରବ ପାର୍ଥନା ମଧ୍ୟ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଦେବବିତା ଶତପଥୀ, ପୁଷ୍ପଲତା ବେହେରା, ବୃତିରଞ୍ଜନ ମହାପାତ୍ର, ଅଙ୍କିତା ଧୀର, ପରେଶ ପୁହାଣ ଆଦି ନିଜର ଏହି ଦିବସ ପାଳନ କରିବାର ମହତ୍ୱ ବିଷୟରେ ନିଜର ମତ ପ୍ରକାଶ କରି ଥିଲେ। ପରିଶେଷରେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ ମହାପାତ୍ର ନିଜର ଆଭିମୁଖ୍ୟ ରଖିଥିଲେ।

## ବାବା କପ୍ ସିଜନ-୬ ଖେଳାଳି ନିଲାମ



ଭୋଗରାଇ, ୧୪।୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତର ପଥରେଶ୍ୱର ଖେଳ ପଡ଼ିଆରେ ବିଗତ ବର୍ଷ ଭଳି ଚଳିତ ବର୍ଷ ବାବା ଚନ୍ଦନେଶ୍ୱର ପ୍ରିମିୟମ ଲିଗ୍ ଟୁର୍ଣ୍ଣାମେଣ୍ଟରେ ବାବା କପ -୨୦୨୬ ସିଜନ -୬ ଅନୁଷ୍ଠିତ ହେବ। ଏଥିରେ କପ୍ ସହିତ ଚାମ୍ପିଅନ ଦଳକୁ ୫୦ହଜାର, ରନର୍ସଅପ ଦଳକୁ ୪୦ହଜାର ଓ ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ହଜାର କରି ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଏହା ଆସନ୍ତା ୨୭ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୪ତାରିଖ ଯାଏଁ ଚାଲିବ। ସେଥିପାଇଁ ଶନିବାର ଉକ୍ତ ପଡିଆରେ ଏଆଇଜି ଡେମନ, ଏସ ଜେ ସୁପରକିଙ୍ଗସ, ତମନ୍ନା ଏକାଦଶ, ଏସ ଏମ ଓ୍ୱାରିଅସ, ଦେବାଂଶି ଏକାଦଶ, ସମରିଶ ଏକାଦଶ ଫୁଲବଣୀ ଦଳ ତରଫରୁ ଖେଳାଳୀ ବିକାକିଣା (ନିଲାମ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ଦଳ ୧୦ହଜାର ଭିତରେ ଖେଳାଳି ବିକାକିଣା ପାଇଁ ନିୟମ ଥିବା ସ୍ଥଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ନାମୀଦାମୀ ଖେଳାଳି ମାନେ ଉପସ୍ଥିତ ହୋଇ ନିଲାମ ପ୍ରକ୍ରିୟାରେ ଭାଗ ନେଇଥିଲେ। ମାନସ ପ୍ରଧାନ, ଜିତୁ ସାମଲ, ଚିତ୍ତରଞ୍ଜନ ମହାନ୍ତି, ଅଟଳ ବିହାରୀ ପାତ୍ର, ଦିଗବିଜୟ ପ୍ରଧାନ, ବିବେକାନନ୍ଦ, ଅନଦା ସାମଲ ପ୍ରମୁଖ ବିଭିନ୍ନ ଦଳ ତରଫରୁ ଖେଳାଳୀ ବିକାକିଣାରେ ସାମିଲ ହୋଇଥିଲେ। ଖେଳାଳି ଚୟନ ପ୍ରକ୍ରିୟାଠାରୁ ଆରମ୍ଭ କରି ଏହି ପ୍ରିମିୟମ ଲିଗର ପ୍ରତିଟି ମ୍ୟାଚ ଜ୍ୟୋତିଙ୍କ ତତ୍ତ୍ୱାବଧାନରେ ସିଧା ପ୍ରସାରଣ ହେବା ସହିତ ଦର୍ଶକ ଗ୍ୟାଲେରୀରେ ବସି ଦେଖିବାର ସୁବିଧା ରହିଛି ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି।

### ମା' ହେଲା ୧୬ ବର୍ଷୀୟ ନାବାଳିକା

# ଡାକ୍ତରଖାନାରେ ଶିଶୁ ଜନ୍ମ, ଅଭିଯୁକ୍ତ ସ୍ୱାମୀ କୋର୍ଟଚାଲାଣ

ନୀଳଗିରି, ୧୪।୨ (ସମିସ)

ବରହମପୁର ଥାନା ଅଧୀନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ୧୬ ବର୍ଷୀୟ ନାବାଳିକା କନ୍ୟା ସନ୍ତାନକୁ ଜନ୍ମଦେଇଛନ୍ତି। ସବୁ ଜାଣିଶୁଣି ଦୀର୍ଘଦିନ ହେବ ଚୁପ ବସିଥିଲେ ଆଶା କର୍ମୀ। ଡାକ୍ତରଖାନାରେ ପିଲା ଜନ୍ମ ହେବା ପରେ ସାମ୍ନାକୁ ଆସିଲା ସତ।

ଉକ୍ତ ନାବାଳିକା ଝିଅ ଜଣଙ୍କୁ ନୀଳଗିରି ଅଞ୍ଚଳର ଜଣେ ପୁଅ ଭଲପାଇ ବିବାହ କରିଥିଲେ। ଝିଅ ଜଣକ ନାବାଳିକା ହୋଇଥିବା ବେଳେ ଗର୍ଭବତୀ ହୋଇଥିଲେ। ଗର୍ଭବତୀ ହେବା ବାବଦରେ ସ୍ଥାନୀୟ ଆଶା କର୍ମୀ ସୁକାନ୍ତି ସିଂଙ୍କୁ ଅବଗତ କରିଥିଲେ। ଆଶା କର୍ମୀ ଏ ବାବଦରେ ଉପରିସ୍ଥ ଅଧିକାରୀ କିମ୍ବା ପୁଲିସକୁ ଅବଗତ କରିବା ପରିବର୍ତ୍ତେ ସେମାନଙ୍କୁ ୮ମାସ ଧରି ସରକାରୀ ଖାଦ୍ୟ ଓ ଟୀକା ପ୍ରଦାନ କରୁଥିଲେ। ଯେତେବେଳେ ରାଜ୍ୟ ସରକାର ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି, ସେତେବେଳେ ଖୋଦ ସରକାରୀ ଚାକିରି କରୁଥିବା କର୍ମଚାରୀମାନେ ଏହାକୁ ଅଣଦେଖା କରି ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଛନ୍ତି। ଯାହାକୁ ନେଇ ନୀଳଗିରିରେ ବେଶ ଚର୍ଚ୍ଚା ଜୋର ଧରିଛି। ପିଲାଟି ନୀଳଗିରି ଡାକ୍ତରଖାନାରେ ଜନ୍ମ ହେବା ପରେ ଆଧାର କାର୍ଡରୁ ନାବାଳିକା ଝିଅର ବୟସ ଜଣାପଡିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ପୁଲିସକୁ ଅବଗତ କରିଥିଲେ। ଏ ନେଇ ଆଶା କର୍ମୀଙ୍କୁ ପଚାରିବାରୁ ଦେହ ଅସୁସ୍ଥ ରହିଛି କିଛି କହିପାରିବିନି ବୋଲି ପ୍ରତିକ୍ରିୟା ରଖିଥିଲେ। ଏ ନେଇ ନୀଳଗିରି ସିଡିପିଓ ଗୀତାଞ୍ଜଳି ମହାପାତ୍ରଙ୍କୁ ପଚାରିବାରୁ ଉକ୍ତ ଆଶା କର୍ମୀ ଆମକୁ କୌଣସି ଅବଗତି କରାଇନାହାନ୍ତି। ତଦନ୍ତହୋଇ ଭୁଲଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ନେଇ ବରହମପୁର ପୁଲିସ ଏକ ମାମଲା ରୁଜୁ କରିବା ସହ ନାବାଳିକାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲଣ କରିଥିବା ଜଣାପଡିଛି।

> ୮ ମାସ ହେବ ମିଳୁଥିଲା ସରକାରୀ ଖାଦ୍ୟ ଓ ଟୀକା
>
> ଉପରିସ୍ଥ ଅଧିକାରୀ ଓ ପୁଲିସକୁ ଜଣାଇନଥିଲେ ଆଶା କର୍ମୀ

## କାର୍, ଅଟୋ ସହ ଗଞ୍ଜେଇ ଜବତ, ୩ ଗିରଫ

ସୋର, ୧୪।୨ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି କାର ଏବଂ ଅଟୋ ସହ ଗଞ୍ଜେଇ ଜବତ କରିବା ସହିତ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିବା ଜଣାପଡିଛି। ବାଲେଶ୍ୱର ଜିଲ୍ଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ସହ ଅଧିକ୍ଷକ ସ୍ୱପ୍ନରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଦାସ, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଆଇଆଇସି ହରିହର ସିଂ, ସୋର ଆଦର୍ଶ ଅବକାରୀ ଥାନା ଅଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏବଂ ଭବେଶ ଦାସଙ୍କୁ ନେଇ ଏକ ଟିମ୍ ଅନନ୍ତପୁର ବଜାରରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ କାରଟି ସୋରରୁ ଗୁଡ଼ ଅଭିମୁଖେ ଯାଉଥିବା ବେଳେ ଏଥିରେ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଏହି ଟିମ ଗାଡିକୁ ଅଟକାଇ ଥିଲେ। ଏହି ସମୟରେ ଦୟାନିଧିପୁର ଗ୍ରାମର ସନାତନ ନାୟକ କାର ଅଟକାଇ ଦୌଡ଼ି ପଳେଇ ଯାଇଥବା ବେଳେ ତାଙ୍କ ସ୍ତ୍ରୀ ମଧୁସ୍ମିତା ନାୟକକୁ ଅଟକ ରଖି ଗାଡି ଯାଞ୍ଚ କରିଥିଲେ। ଯାଞ୍ଚ ପରେ କାରରୁ ୨୫ କିଲୋ ଗଞ୍ଜେଇ ଜବତ କରିବା ସହିତ ମଧୁସ୍ମିତାକୁ ଗିରଫ କରିଥିଲେ। ସେହିପରି ଏହି ଟିମ୍ ଟେଣ୍ଟେଇ ଛକରେ ଚଢ଼ଉ କରି ଅଇଁରୀ ଛକରୁ ଟେଣ୍ଟେଇ ଅଭିମୁଖେ ଆସୁଥିବା ଓଡି ୦୧ ବିଡି ୯୮୯୭ ବିଶିଷ୍ଟ ଯାତ୍ରୀବାହୀ ଅଟୋକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୧୨ କିଲୋ ଗଞ୍ଜେଇ ଜବତ କରିବା ସହିତ ରାମଚନ୍ଦ୍ରପୁର ଗ୍ରାମର ଦୟାନିଧି ଜେନା ଏବଂ ଦୟାନିଧିପୁର ଗ୍ରାମର ମିନତୀ ନାୟକକୁ ଗିରଫ କରିଥିଲେ। ଅପରାହ୍ନରେ ବାଲେଶ୍ୱର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ ବାଲେଶ୍ୱର କୋର୍ଟକୁ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, ଲମ୍ବୋଦର ମହନ୍ତ, ଅନିଳ କୁମାର ସାଠୁଆ, କ୍ଷିରୋଦ ବେହେରା, କନେଷ୍ଟବଳ ଶଶୀକାନ୍ତ ସାହୁ, ସୁନାରାମ ସୋରେନ, ନୁହାନ ମୁର୍ମୁ, କାଜଲ ପ୍ରିୟଦର୍ଶିନୀ, ମିନତୀ ପରିଡାଙ୍କ ସମେତ ଜଳେଶ୍ୱର ରେଞ୍ଜ ଅବକାରୀ ବିଭାଗ, ନୀଳଗିରି ରେଞ୍ଜ ଅବକାରୀ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ।

## ୧୭୭ ଲିଟର ଚୋରା ମଦ ଜବତ, ୭ ଗିରଫ

ଭୋଗରାଇ, ୧୪।୨ (ସମିସ): ମହାଶିବରାତ୍ରିକୁ ଆଖିଆଗରେ ରଖି ବାଲେଶ୍ୱର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶଶୀକାନ୍ତ ଦତ୍ତଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢ଼ଉ କରାଯାଇ ୧୭୭ ଲିଟର ଚୋରା ମଦ ସହିତ ୭ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଭୋଗରାଇ ଗ୍ରାମରେ



ବାପି ଦାସଙ୍କ ସ୍ତ୍ରୀ ଅଞ୍ଜଳି ଦାସଙ୍କ ପାଖରୁ ୨୭ ଲିଟର, ସେହି ଗ୍ରାମର ସ୍ୱର୍ଗତ ମିଥୁନ ଭୁୟାଁଙ୍କ ସ୍ତ୍ରୀ ଯମୁନା ଭୁୟାଁ ପାଖରୁ ୨୬ ଲିଟର, ସେହି ଗ୍ରାମର ଗଣେଶ ଚନ୍ଦ୍ର ମାଝୀଙ୍କ ସ୍ତ୍ରୀ ସୁଷମା ମାଝୀ ପାଖରୁ ୨୪ ଲିଟର ସେହି ଗ୍ରାମର ଗୋବିନ୍ଦ ଘଡାଇଙ୍କ ସ୍ତ୍ରୀ ଅଞ୍ଜଳୀ ଘଡାଇ ପାଖରୁ ୧୯ ଲିଟର, ସେହି ଗ୍ରାମର ବିପିନ ବେହେରାଙ୍କ ସ୍ତ୍ରୀ ଜାନକୀ ବେହେରା ପାଖରୁ ୨୨ ଲିଟର, ବାରବାଟିଆ ପଞ୍ଚାୟତର ସେହି ଗ୍ରାମର ସନ୍ତୋଷ ସିଂ ପୁଅ ଗଙ୍ଗାଧର ସିଂ ପାଖରୁ ୩୦ ଲିଟର, ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂଙ୍କ ସ୍ତ୍ରୀ ଗୀତା ସିଂ ପାଖରୁ ୨୯ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ। ଏହି ଚଢ଼ଉରେ ଜଳେଶ୍ୱର ଅବକାରୀ ଥାନା ଆଇଆଇସି ଦେବେନ୍ଦ୍ର ବେହେରା, ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, ତପସ୍ୱିନୀ ବୈଠା କନଷ୍ଟେବଳ ବ୍ରହ୍ମଜିତ ଦାସ ବାସୁଦେବ କାମିଲା ଅନିଲ ପଣ୍ଡାଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

## ଲଙ୍ଗଳେଶ୍ୱରରେ ଆଦିବାସୀ ଅଧିକାର ସମ୍ମିଳନୀ

ବାଲିଆପାଳ, ୧୪।୨ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର କାଲିଝାଟି ପଡିଆରେ ଆଜି ଏକ ବିଶାଳ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଦିବାସୀ ସମ୍ପ୍ରଦାୟର ଅସ୍ତିତ୍ୱ, ପରିଚୟ ଓ ଅଧିକାର ସୁରକ୍ଷା ପାଇଁ ଜୋରଦାର ଆଲୋଚନା ହୋଇଥିଲା। ବକ୍ତାମାନେ ଉଲ୍ଲେଖ କରିଥିଲେ ଯେ ଆଦିବାସୀମାନଙ୍କର ଜୀବନ ପ୍ରଣାଳୀ, ସଂସ୍କୃତି, ପରମ୍ପରା, ପର୍ବପର୍ବାଣି ଓ ଆସ୍ଥା ବ୍ୟବସ୍ଥା ଭାରତର ଅନ୍ୟ ଧର୍ମ ଓ ସଂସ୍କୃତିଠାରୁ ପୃଥକ। ଏହି କାରଣରୁ ଆଦିବାସୀ ମାନଙ୍କୁ ଅଲଗା ଧର୍ମ ଭାବେ ସରକାରୀ ସ୍ତରରେ ସ୍ୱୀକୃତି ଦେବାକୁ ମଞ୍ଚରୁ ଦାବି ଉଠିଥିଲା। ବକ୍ତାମାନେ କହିଥିଲେ, ପରିଚୟର ସୁରକ୍ଷା ହେଉଛି ଅଧିକାରର ମୂଳ, ଏବଂ ସ୍ୱତନ୍ତ୍ର ଧର୍ମ ସ୍ୱୀକୃତି ମିଳିଲେ ଆଦିବାସୀମାନଙ୍କ ସାମାଜିକ



ଓ ସାଂସ୍କୃତିକ ଅଧିକାର ଅଧିକ ସୁରକ୍ଷିତ ହେବ। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ଶ୍ରୀ ସାଲଖାନ ମୁର୍ମୁ ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ସେନା କର୍ମଚାରୀ ପିତାମ୍ବର ମୁର୍ମୁ ଉପସ୍ଥିତ ଥିଲେ। ବୀର ସିଦ୍ଧୁ କାହ୍ନୁ ସଂଗଠନର ଜିଲ୍ଲା ସହ ସମ୍ପାଦକ ପ୍ରିୟନାଥ ମୁର୍ମୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ବାସନ୍ତୀ କିସ୍କୁ, ଜିଲ୍ଲା ସଭାପତି ବୈଦ୍ୟନାଥ ମୁର୍ମୁ, ଜିଲ୍ଲା ସଂଗଠକ ବାବୁଲି ମାଝୀ, ବାଦଲ ମୁର୍ମୁ, ଗଣେଶ ହେମ୍ବ୍ରମ, କଟି ମାରାଣ୍ଡି, ରତ୍ନାକର ମୁର୍ମୁ, ସୁନାରାମ ମାରାଣ୍ଡି ଓ ମଧୁସୂଦନ ହେମ୍ବ୍ରମ ପ୍ରମୁଖ ନେତୃବୃନ୍ଦ ଆଦିବାସୀ ଅଧିକାର ପାଇଁ ମତ ପ୍ରକାଶ କରିଥିଲେ। ପ୍ରାୟ ୫୦୦ରୁ ଅଧିକ ଆଦିବାସୀ ଭାଇଭଉଣୀଙ୍କ ସକ୍ରିୟ ଉପସ୍ଥିତି ସମ୍ମିଳନୀକୁ ଆନ୍ଦୋଳନମୟ ରୂପ ଦେଇଥିଲା।

## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ଜଳେଶ୍ୱର, ୧୪। ୨ (ସମିସ): ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ୭ଦିନ ବ୍ୟାପୀ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ବର୍ତ୍ତମାନ ସମୟରେ ଛାତ୍ରୀ ମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷାର ଉପାଦେୟତା ବିଷୟରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଅଧ୍ୟାପକ ଚନ୍ଦ୍ରଶେଖର ଗିରି ପ୍ରମୁଖ ଯୋଗଦେଇ ଛାତ୍ରୀମାନେ ସାହସିନୀ ହେବା ପାଇଁ ପ୍ରେରଣା ଦେଇଥିଲେ। ଶିବିରର




ସଂଯୋଜିକା ଅଧ୍ୟାପିକା ରାଜଶ୍ରୀ ଜେନା ସାତ ଦିନର ବିବରଣୀ ଓ ଅନୁଭବ ବ୍ୟକ୍ତ କରିଥିଲେ। ଉକ୍ତ ଶିବିରର ପ୍ରଶିକ୍ଷିକା ଆମ୍ରପଲ୍ଲୀ ପ୍ରଧାନ ତାଙ୍କର ଶିକ୍ଷା ଦେବାର ଅଭିଜ୍ଞତା ଓ ବିଭିନ୍ନ କୌଶଳ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରଥିଲେ। ଅଧ୍ୟାପିକା ଦିବ୍ୟାଭାରତୀ ଦାସ ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସାଇସ୍ମିତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁଆରଶୁଣି ଘାଟିରେ ଅଘଟଣ, ପାହାଡ଼ ଉପରୁ ଖସିଲା ବିଶାଳ ପଥର

## ବାଇକ୍ ଚୂରମାର; ଦୁଇ ସନ୍ଥ ଆହତ

ବାରିପଦା, ୧୪।୨(ସମିସ): ପାହାଡ଼ ଉପରୁ ଖସିଲା ବିଶାଳ ପଥର। ପଥର ଧକ୍କାରେ ବାଇକ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବାବେଳେ ଦୁଇଜଣ ସନ୍ଥ ଆହତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଦୁଆରଶୁଣି ଘାଟିରେ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ବଡ଼ବଡ଼ ମେସିନରେ ପାହାଡ ଫଟାଇ ପଥର ଓ ମାଟି କାର୍ଯ୍ୟ ଚାଲୁ ରହିଥିବାବେଳେ ଏକ ବଡ଼ ପଥର ପାହାଡ ଉପରୁ ଖସିପଡ଼ିଥିଲା। ଏହି ରାସ୍ତାରେ ଦୈନିକ ହଜାର ହଜାର ଗାଡି ମଟର ଚଳାଚଳ ହେଉଥିବାବେଳେ ପଥରଟି ଏକ ବାଇକକୁ ଧକ୍କା ଦେଇଥିଲା।



ଫଳରେ ବାଇକଟି ସମ୍ପୂର୍ଣ୍ଣ ଚୁରମାର ହୋଇ ଯାଇଥିବାବେଳେ ଦୁଇ ଆରୋହୀ ସନ୍ଥ ଅଳ୍ପକେ ବର୍ତ୍ତିଛନ୍ତି। ସେମାନେ ହେଲେ ମହାରାଷ୍ଟ୍ରର ଚମ୍ପା ଜଗନ୍ନାଥ ବଡ଼ଗେ (୪୪) ଓ ଭଗବାନ ରଙ୍ଗରାଓ ସାବନ୍ତି (୫୫)। ଉଭୟଙ୍କୁ ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପଥର ଖଣ୍ଡକୁ କ୍ରେନ ଯୋଗେ ହଟାଇବା ପରେ ଚଳପ୍ରଚଳ ସ୍ୱାଭାବିକ ହୋଇଛି।

## ଚାନ୍ଦଗୋଛି ମଠରେ କୁମ୍ଭ ମେଳା

ଖଇରା,୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ଚାନ୍ଦଗୋଛି ମଠରେ କୁମ୍ଭମେଳା ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ସଂଧ୍ୟାରେ ଅଧିବାସ ସହ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଦିନ ଦିବସ ବ୍ୟାପି ନାମ ସଙ୍କୀର୍ତ୍ତନ ଓ ଯଜ୍ଞ କର୍ମ ଆୟୋଜନ କରାଯାଇଥିଲା। ଅନ୍ୟୁନ ୧୨ହଜାର ଶ୍ରଦ୍ଧାଳୁ ଗୋପେଶ୍ୱର ମହାଦେବ ଓ



ଗିରିଧାରୀ ଲାଲଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସଂଧ୍ୟାରେ ମଠ ସଞ୍ଚାଳକ ଇଷ୍ଟବନ୍ଧୁ ବିଶ୍ୱରୂପ ପରମହଂସଦେବଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଖନ୍ତାପଡାର ପର୍ଯ୍ୟଟକ ମହାରାଜ, ଭଦ୍ରକର ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆଧ୍ୟାତ୍ମିକତାରେ ପ୍ରକୃତ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ଆଶ୍ରମର ଅନ୍ତେବାସୀ ହରି ଗୋପଳ ଠାକୁର, ଶ୍ୟାମସୁନ୍ଦର ଦାସ, ବୃନ୍ଦବନ ଦାସ, ତୁଳସୀ ଦାସଙ୍କ ସମେତ ଚାନ୍ଦଗୋଛି ଓ ଝାଟିଆ ଗ୍ରାମବାସୀ ମେଳା ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମାନସ ଦାସ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଶ୍ୟାମସୁନ୍ଦରପୁର ସମିତି ସଭ୍ୟ ରବିନ୍ଦ୍ର ମହାନ୍ତି ପ୍ରମୁଖ ମେଳା ପରିଦର୍ଶନ କରିଥିଲେ।

### ବାବା ବାଲୁଙ୍କେଶ୍ୱର ବାରିଙ୍ଗିଆ ମହୋତ୍ସବ ଉଦ୍‌ଯାପିତ

# ଦର୍ଶକଙ୍କ ମନ ମୋହିଲେ ଏସ୍ ଜିତୁ ଓ ରଶ୍ମିତା

ଖଇରା,୧୪।୨ (ସମିସ)

ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ବାରିଙ୍ଗିଆଠାରେ ୬ଦିନ ଧରି ଚାଲିଥିବା ବାବା ବାଲୁଙ୍କେଶ୍ୱର ବାରିଙ୍ଗିଆ ମହୋତ୍ସବ ଶନିବାର ସନ୍ଧ୍ୟାରେ ମନଛୁଆଁ ନୃତ୍ୟସଙ୍ଗୀତ ର ତାଳେ ତାଳେ ଉଦଯାପିତ ହୋଇ ଯାଇଛି। ପ୍ରାରମ୍ଭରେ ସ୍ଥାନୀୟ କଳାକାର ଓ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପ୍ରେରିତ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଇରା ସିମୁଳିଆରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶିକୁମାର ସାହୁ ମୁଖ୍ୟଅତିଥି, ଖଇରା ସାମ୍ବାଦିକ ସଂଘର ସଭାପତି ଉତ୍କଳବନ୍ଧୁ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ



ଦେଇଥିଲେ। ମହୋତ୍ସବ କମିଟିର ସଭାପତି ବିଭୁତି ଭୂଷଣ ମାହାନା, ବାଲୁଙ୍କେଶ୍ୱର ଟ୍ରଷ୍ଟ ଅଧ୍ୟକ୍ଷ ଶରତ କୁମାର ଜେନା ଓ ସମ୍ପାଦିକା ମିତା ସେଠୀ, ବରିଷ୍ଠ କର୍ମକର୍ତ୍ତା ଡମ୍ବରୁଧର ଦାସ ଓ ଉତ୍ତମ ଗିରି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଆରପି ଶୁଭଲକ୍ଷ୍ମୀ ବାରିକ, ଗାୟିକା ମନସ୍ୱିନୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା ଓ ସଞ୍ଜୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାମ୍ବାଦିକ ଗୟାଧର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଏସ ଜିତୁ ଓ ରଶ୍ମିତାଙ୍କ ସୁମଧୁର ସଙ୍ଗିତ ଦର୍ଶକଙ୍କ ମନ ଛୁଇଁଥିଲା। କମିଟିର ସମସ୍ତ ସଦସ୍ୟ ୬ଦିନିଆ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଦ୍ୟୁତିକୃଷ୍ଣ ସ୍ମାରକୀ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ

ରାଜଘାଟ, ୧୪।୨ (ସମିସ): ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଯୁବକଂଗ୍ରେସର ଉପସଭାପତି ମୁଳିଦାର ଉଦୀୟମାନ ଯୁବକ ସ୍ୱର୍ଗତ ଦ୍ୟୁତି କୃଷ୍ଣ ଦାସ ମହାପାତ୍ର ସ୍ମାରକୀ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ମୁଳିଦା ଗାଁର ଯୁବକ ମାନଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ବିଭିନ୍ନ ଟିମ୍ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ସୁଧାଂଶୁ ଶେଖର ଜେନା, ଅବସରପ୍ରାପ୍ତ ଶିକ୍ଷକ ଅଶୋକ ଦାସ ମହାପାତ୍ର, ଯୁବ ନେତା ସୁଶାନ୍ତ ପରିଡ଼ା, ବ୍ରଜେନ୍ଦ ଗିରି ଯୋଗ ଦେଇ ଉଦଘାଟନ କରିଥିଲେ। ଦ୍ୟୁତିକୃଷ୍ଣ (ପିଙ୍କୁ) ସ୍ମୃତି ସମ୍ମାନ ରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିବାରୁ ଆୟୋଜକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଲୁଟିନେଲେ ୧୦ଲକ୍ଷ ଟଙ୍କା ଓ ଅଳଙ୍କାର

ଖଇରା,୧୪।୨ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ସାରଡାଙ୍ଗ ପଞ୍ଚାୟତ ଅଧୀନ ଆମ୍ବଗଡିଆ ଗ୍ରାମର ବଂଶୀଧର ମାଝୀଙ୍କ ଘରୁ ଶୁକ୍ରବାର ରାତିରେ ବଡ ଧରଣର ଚୋରି ହୋଇ ଯାଇଥିବା ନେଇ ଅଭିଯୋଗ ହୋଇଛି। ବଂଶୀଧର ଏବେ କଟକ ବଡମେଡିକାଲରେ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଭଲମନ୍ଦ ବୁଝିବାକୁ ତାଙ୍କ ଝିଅ ପାଖରେ ରହିଛନ୍ତି। ଏବେ ଘରେ ତାଲା ପଡିଥିବା ବେଳେ ଏହି ସୁଯୋଗର ଚୋର ମାନେ ଶୁକ୍ରବାର ରାତିରେ ଘରତାଲା ଭାଙ୍ଗି ନଗଦ ୧୦ଲକ୍ଷ ଟଙ୍କା ସହିତ ସମସ୍ତ ଅଳଙ୍କାର ଲୁଟି ନେଇଥିବା ଝିଅ ଆରତୀ ମାଝୀ ଖଇରା ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗର ୮ଘଣ୍ଟା ପରେ ଖଇରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତବେ ଏଭଳି ବିଳମ୍ବକୁ ନେଇ ଆମ୍ବଗଡିଆବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଜାଗର ପାଇଁ ଚଳଚଞ୍ଚଳ ଶୈବପୀଠ

ବାଲିଆପାଳ, ୧୪।୨ (ସମିସ): ମହାଶିବରାତ୍ରୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଥିବା ଲଙ୍ଗଳେଶ୍ୱରରେ ଥିବା ସର୍ବପୁରାତନ ବାବା ହରପାର୍ବତୀ ଶୈବପୀଠ ରେ ଶ୍ରଦ୍ଧାଳୁ ମାନଙ୍କର ଗହଳି ଲାଗିରହିଛି। ଏହି ପୁରାତନ ଶୈବପୀଠରେ ଅନେକ ପୈରାଣିକ କିମ୍ବଦନ୍ତୀ ରହିଛି ସେଥିପାଇଁ ଏହାର ମହାରା ସ୍ୱତନ୍ତ୍ର। ଏଠାରେ ମହାଦେବଙ୍କ ମନ୍ଦିର ସମ୍ମୁଖରେ ମାତା ପାର୍ବତୀ ମନ୍ଦିର ବିଦ୍ୟମାନ। ମହାଦେବଙ୍କ ଶକ୍ତି ଏଠାରେ



ସ୍ପଷ୍ଟ ବାରି ହୋଇପଡୁଥିବା ବେଳେ ଜ୍ୟୋତିର୍ଲିଙ୍ଗ ଭୂତଳ ଗାମି ହୋଇଛି। ମହାଦେବ ସ୍ୱୟଂ ଏଠାରେ ଲଙ୍ଗଳ ଉପରେ ମସ୍ତକ ରଖି ଶଯ୍ୟାଶାୟୀ ଅଛନ୍ତି। ହରପାର୍ବତୀଙ୍କ ଜାହିର ଥିବାରୁ ଏଠାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଛୁଟି ଆସିଥାନ୍ତି। ଶାନ୍ତି ଶୃଙ୍ଖଳାରେ ପୂଜା ଅର୍ଚ୍ଚନା ପାଇଁ ମନ୍ଦିର କମିଟି ଏବଂ ବାଲିଆପାଳ ବ୍ଲକ ପ୍ରସାଶନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହ ୧ ପ୍ଲାଟୁନ ପୁଲିସ ଫୋର୍ସ ମୂତୟନ କରାଯାଇଛି ବୋଲି ବସ୍ତା ଏସଡିପିଓ ମାନସ ଦେଓ ସୂଚନା ଦେଇଛନ୍ତି। ସେହିପରି ଯୋଗୀରେ ବାବା ନାଭଡେଶ୍ୱର ପୀଠ, ନିଖିରାରେ ନିଖିରେଶ୍ୱର, ଗଖଡାପାଳରେ ଖଗେଡେଶ୍ୱର, ଜଗତିପୁର ଠାରେ ଜଗତେଶ୍ୱର ପୀଠ ମଧ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି।

# ଆଜି ଜାଗର; ଭୁଷଣ୍ଡେଶ୍ୱର ମନ୍ଦିରରେ ଜଳିବ ଲକ୍ଷେ ଦୀପ

ଭୋଗରାଇ, ୧୪।୨ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତର ସୁବର୍ଣ୍ଣରେଖା ନଦୀକୂଳରେ କାଳ କାଳରୁ ପୂଜାପାଇ ଆସୁଛନ୍ତି ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱର। ଚଳିତବର୍ଷ ମହା ଶିବରାତ୍ରି ପାଇଁ ପ୍ରଶାସନ, ମନ୍ଦିର ଟ୍ରଷ୍ଟ ଓ ସେବାୟତ ମାନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭକ୍ତ ମାନଙ୍କ ପାଇଁ ବ୍ୟାରିକେଡ଼ ସାହାଯ୍ୟରେ ଧାଡ଼ି ପୂଜାର୍ଚ୍ଚନା ସହିତ ସନ୍ଧ୍ୟା ସମୟରେ ଏକ ଲକ୍ଷ ଦୀପ ପ୍ରଜ୍ଵଳନ କରାଯିବ। ତାହା ସହିତ ଖ୍ୟାତନାମା କଣ୍ଠଶିଳ୍ପୀ ମାନଙ୍କୁ ନେଇ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ପୂର୍ବତନ ଟ୍ରଷ୍ଟ ବୋର୍ଡର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅନନ୍ତ ଦାସଙ୍କ ମୃତ୍ୟୁ ପରେ ବିଧାୟକ ଗୌତମବୁଦ୍ଧ ଦାସ ଓ ଅନନ୍ତ ଦାସ ଫାଇଣ୍ଡେସନର କାର୍ଯ୍ୟକାରୀ ସଭାପତି



ଙ୍କ ଅଭିଜିତ୍ ଦାସ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସହିତ ମନ୍ଦିର ପରିଚାଳନା କମିଟି ଅଣ୍ଟା ଭିଡ଼ିଥିବା ବେଳେ ସର୍ବଦଳୀୟ ଭାବରେ ପ୍ରତିବର୍ଷ ପରି ଏବର୍ଷ ଜାଗର ଅନୁଷ୍ଠିତ ହେବ। କଂମ୍ବଦନ୍ତୀ ଅନୁଯାୟୀ ଲଙ୍କା ପତି ରାବଣଙ୍କ ମା' ନିକସା ଶିବଭକ୍ତ ଥିଲା ବେଳେ ସବୁଦିନ ବାଲୁକାରେ ଶିବଲିଙ୍ଗ କରି ପୂଜା ପାଠ କରି ଆସୁଥିଲେ। ସମୁଦ୍ର ଜୁଆରର ଢେଉରେ ବାଲୁକାର ଶିବ ଲିଙ୍ଗଟି ଲୀନ ହୋଇଯାଇ ଥାଏ। ଏ ନେଇ ନିକସା ପୁଅ ରାବଣକୁ କହିଲେ ମୋତେ ଗୋଟିଏ ଶିବଲିଙ୍ଗ ଆଣି ଦିଅ ମୁଁ ମନ୍ଦିର ନିର୍ମାଣ କରିବି। ରାବଣ ମା'ଙ୍କୁ କଥା ଦେଇଥିଲେ ଶିବ ଲିଙ୍ଗ ଆଣିଦେବାକୁ। ରାବଣର ତପସ୍ୟାରେ ଶିବ ସନ୍ତୁଷ୍ଟ ହୋଇ ହିମାଳୟ ପର୍ବତରେ ଶିବଲିଙ୍ଗ ଆଣିବା ପାଇଁ ବର ଦେଇଥିଲେ। ରାବଣ କୈଳାସରେ ପହଞ୍ଚିବା ପରେ ଶିବ ସର୍ତ୍ତ ରଖିଥିଲେ। ମୋତେ ଯେଉଁଠି ନେଇ ବସାଇବ ମୁଁ ସେଇଠି ସ୍ଥାପନ ହୋଇ ରହିବି ଓ ଉଠିବି ନାହିଁ। ରାବଣ ଶିବଙ୍କ ବରଦାନରେ ହିମାଳୟରୁ ଶିବଲିଙ୍ଗ ଧରି ଲଙ୍କାଗଡ଼କୁ ନେବାକୁ ବାହାରିଥିଲେ। ରାବଣ ଶିବଲିଙ୍ଗ ନେଇ ଯିବା ସମୟରେ ସମୁଦ୍ର ବାଲୁକାରାଶିରେ ପରିସ୍ରା ଲାଗିବାରୁ ସେ ସେଠାରେ ଶିବ ଲିଙ୍ଗ ରଖି ଦେଇଥିଲେ। ରାବଣ ଶିବ ଲିଙ୍ଗ ଉଠାଇବାରେ ଅସମର୍ଥ ହେବାରୁ ମହାଶୂନ୍ୟରେ ଦୈବୀବାଣୀ ହେଲା ରାବଣ ତୁ କର୍ତ୍ତବ୍ୟ ପାଳନ କରିନାହୁଁ। ତୁ ମୋ କଥା ଭୁଲି ଅନ୍ୟମନସ୍କ ହୋଇ ତ୍ରିଭୁବନ ଜୟ କରିବୁବୋଲି ଆନନ୍ଦରେ କୁରୁଳି ହେଉଥିଲୁ ତେଣୁ ମୁଁ ସେଠାରୁ ଉଠିବି ନାହିଁ। ରାବଣ ସେଠାରେ ମା' ଙ୍କ କଥା ଭାବି ମଥାପିଟି କାନ୍ଦିବାସହିତ ନିରାଶରେ ଲଙ୍କାପୁରୀ ଫେରିଥିଲେ। ସେହି କିମ୍ବଦନ୍ତୀ ଏବେ ଭୂଷଣ୍ଡେଶ୍ୱର ନାମରେ ନାମିତ ହୋଇଛି। ପୂଜାରୀ ଅନୀଲ ପଣ୍ଡା, ସ୍ଥାନୀୟ ସମାଜସେବୀ ରତନ ବାଗ କୁହନ୍ତି ପ୍ରଥମେ ଭୁଷଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ଆବଶ୍ୟକ ସହିତ ପାରିପାର୍ଶ୍ୱିକ ବିକାଶ ହେବା ଆବଶ୍ୟକ, ପ୍ରତିଦିନ ମନ୍ଦିରକୁ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଓଡ଼ିଶାର ଶହଶହ ଭକ୍ତ ଆସୁଥିବା ବେଳେ ରହିବା ପାଇଁ କୌଣସି ଯାତ୍ରୀ ନିବାସ ନାହିଁ। ମନ୍ଦିର ଚାରିପଟ ଆଲୋକୀ କରଣ ସହ ପାନୀୟ ଜଳର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ ପାଇଁ ସରକାର ପ୍ରଶାସନିକ ଅଧିକାରୀ, ଓଡ଼ିଶା ବାସୀ ଓ ସମସ୍ତ ଜନସାଧାରଣଙ୍କୁ ଆର୍ଥିକ ସହାୟତା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି।

# ସିଡବ୍ଲୁଏ ଟେଣ୍ଡରରେ ମହାଦୁର୍ନୀତି ଅଭିଯୋଗ

ଜଳେଶ୍ୱର/ଜଳେଶ୍ୱରବ୍ଲକ, ୧୪।୨ (ସମିସ): ସମସ୍ତ ସରକାରୀ କାର୍ଯ୍ୟ ଲାଗି ଅନ୍‌ଲାଇନ୍ ଟେଣ୍ଡର ବ୍ୟବସ୍ଥା ରହିଛି। ଜଳେଶ୍ୱର ବ୍ଲକରେ ଗ୍ରାମ୍ୟ ନିର୍ମାଣ ବିଭାଜନର ସି.ଡବ୍ଲୁ.ଏ କାର୍ଯ୍ୟରେ ଅନ୍‌ଲାଇନ୍ ଟେଣ୍ଡର ନ ହୋଇ ମନମୁଖୀ ନିର୍ଦ୍ଦିଷ୍ଟ କେତେକ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଉଥିବା ଅଭିଯୋଗ ହୋଇଛି। ଜଳେଶ୍ୱର ଗ୍ରାମ୍ୟ ନିର୍ମାଣ ବିଭାଜନରେ ୩ଟି ବ୍ଲକ ରହିଛି। ୩ଟି ବ୍ଲକରେ ବିଭିନ୍ନ ରାସ୍ତାର ମରାମତି ନିମରେ ପ୍ରତି ଠିକାଦାରଙ୍କୁ ୫ଲକ୍ଷ ଟଙ୍କାର ଟେଣ୍ଡର ଦିଆଯାଉଛି। ଏହା କୌଣସି ଖବର କାଗଜ କିମ୍ବା ଅନ୍‌ଲାଇନ୍‌ରେ ଟେଣ୍ଡର ଆହ୍ୱାନ କରାନଯାଇ ଅଧିକାରୀମାନେ ପିସି ଲାଳସାରେ ନିର୍ଦ୍ଦିଷ୍ଟ ଠିକାଦାର ମାନଙ୍କୁ କାର୍ଯ୍ୟାଦେଶ ଦେଉଥିବା ଜଣାଯାଇଛି। ତତ୍ ସହିତ ଠିକାଦାର ମାନଙ୍କ ଅଭିଯୋଗ ସରକାର ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ବିଭିନ୍ନ ନୀତି ନିୟମ କରୁଥିବା ବେଳେ ଜଳେଶ୍ୱର ଗ୍ରାମ ନିର୍ମାଣ ବିଭାଜନରେ ସମସ୍ତ ନିୟମକୁ ଖାତିର ନ କରି ଅଫ ଲାଇନ ଟେଣ୍ଡର ପ୍ରକ୍ରିୟାରେ ମହାଦୁର୍ନିତୀ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଜଳେଶ୍ୱର ଗ୍ରାମ ନିର୍ମାଣ ବିଭାଜନ ଅଧିନରେ ତିନୋଟି ବ୍ଲକ ରହିଛି। ଏହି ତିନୋଟି ବ୍ଲକରେ ସି.ଡବ୍ଲ୍ୟୁ.ଏ କାମର ଟ ୪,୯୯,୦୦୦ଙ୍କା ଲେଖାଏଁ କରି ଅନ ଲାଇନ ଟେଣ୍ଡର ନ କରି ଏକ ମୁଷ୍ଟିମେୟ ଠିକାଦାରଙ୍କ ପ୍ରରୋଚନାରେ ବିଭାଜନର ଅଧିକାରୀମାନେ ତଞ୍ଚକତା କରି ନାମକୁ ମାତ୍ର ଅଫଲାଇନ ଟେଣ୍ଡର କରି କିଛି ନୋଟିସ ବୋର୍ଡରେ ନୋଟିସ ନ ଲଗାଇ ବା ଖବର କାଗଜରେ ଟେଣ୍ଡର ନୋଟିସ ନ ଦେଇ ଠିକାଦାରଙ୍କ ନିକଟରୁ ମୋଟା ଅଙ୍କରେ ପିସି ନେଇ କାର୍ଯ୍ୟ ବଣ୍ଟନ କରୁଛନ୍ତି। ଏପରିକି ବହୁ ସମୟରେ କାର୍ଯ୍ୟ ନକରି ଫଲ୍ସ ବିଲ କରି ଅର୍ଥ ଅଥସାଥ କରୁଛନ୍ତି ବୋଲି ଠିକାଦାର ମାନେ ଅଭିଯୋଗ କରିଛନ୍ତି। ଏପରି ମହାଦୁର୍ନିତୀ ସଂପର୍କରେ ପାର୍ଥସାରଥି କର, ବିଘରାଜନ କର, ପ୍ରଶାନ୍ତ କୁମାର ସାମଲ, ଇଷାଣେଶ୍ୱର ଜେନା, ବିକାଶ ଚନ୍ଦ୍ର ଜେନା, ବଳରାମ ରାଉଳ, ଦୁଶ୍ମନ୍ତ ଜେନା, ଅର୍ଦ୍ଧେନ୍ଦୁ ପ୍ରଧାନ, ପାର୍ଥ ସାରଥୀ କର ପ୍ରମୁଖ ଜିଲାପାଳଙ୍କ ସହିତ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ପ୍ରିନ୍ସପାଲ ସଚିବ, ମୁଖ୍ୟଯନ୍ତ୍ରୀ, ଭୁବନେଶ୍ୱର, ବାଲେଶ୍ୱର ଭିଜିଲାନ୍ସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

ସିମୁଳିଆ, ୧୪।୨ (ସମିସ): ପୁରୋସ୍ତମ ପଞ୍ଚାୟତ ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟର ୩୩ ତମ କ୍ରୀଡ଼ା ଓ ସଂସ୍କୃତି ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅଧ୍ୟାପକ ସୁଧୀରି ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ଗୋଲକ ନାୟକ ଅଭିଭାଷଣ ରଖିଥିଲେ। ଅଧ୍ୟାପିକା ଶର୍ମିଷ୍ଠା ମିଶ୍ର ମାନପତ୍ର ପଠନ କରିଥିଲେ। ଅଧକ୍ଷ ରମେଶ ଚନ୍ଦ୍ର ପଣ୍ଡା ସଭାପତି ଅଭିଭାଷଣ ପ୍ରଦାନ କରିଥିଲେ। ବାଇଧର କୁମାର ଜେନା, ତ୍ରିଦିବା କୁମାର ନାୟକ ଓ କଲେଜର କର୍ମଚାରୀ ସୁରେନ୍ଦ୍ର କୁମାର ରାଉତ, ମଣିଭଦ୍ର ଜେନା, ଦାଶରଥୀ ମହାରଣା, ଅଧ୍ୟାପକ ନରହରି ପେଡା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦୀନବନ୍ଧୁ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ | ଖୁସି ଇଲେଭେନ ଷ୍ଟାର ଚାମ୍ପିଅନ

ବାଲିଆପାଳ, ୧୪।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତ ବାସୁଦେବପୁରରେ ବାବା ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଭୈରବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଦେଉଳା ସରପଞ୍ଚ ସରୋଜ କୁମାର ପିଳା,ଯୁବ ସମାଜସେବୀ ଶ୍ରୀକାନ୍ତ ନାଥ, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ମନ୍ମଥ ନାୟକ, ପ୍ରମୁଖ ଯୋଗଦାନ କରିଥିଲେ। ଏହି ଫାଇନାଲ ମ୍ୟାଚରେ ଖୁସି ଇଲେଭେନ ଷ୍ଟାର ବାଲିଆପାଳ ସହିତ ଗଣଚକ୍ର ଇଲେଭେନ ଷ୍ଟାର ଦେଭୋଗ ମଧରେ ଖେଳାଯାଇଥିଲା। ପ୍ରଥମେ ଗଣଚକ୍ର ଇଲେଭେନ ଷ୍ଟାର ଦେଭୋଗ ବ୍ୟାଟିଂ କରି ୧୮୧ ରନ୍ ସଂଗ୍ରହ କରିଥିଲେ। ଖୁସି ଇଲେଭେନ ଷ୍ଟାର ବାଲିଆପାଳ ୬ ୱିକେଟ



ବିନିମୟରେ ବିଜୟ ଲାଭ କରିଥିଲେ। ଏହି କମିଟି ର ସମ୍ପାଦକ ଶୁଭେନ୍ଦୁ ଦାସ, ଉପ ସଭାପତି ଲିଟୁନ ପାତ୍ର,ସହ ସମ୍ପାଦକ ଚନ୍ଦନ ଦାସ, କୋଷାଧକ୍ଷ ଦିଗ ବିଜୟ ବିଶ୍ୱାଳ, ବସନ୍ତ ବାରିକ, ଯୁବ ସମାଜସେବୀ - ପ୍ରଦିପ୍ କାମିଲା,ଜି ଏସ ମୁଖ୍ୟ- ମଣ୍ଟୁ ଭାଇ, ଅଞ୍ଜନ ମହାନ୍ତି ସ୍କୋର ବୋର୍ଡ ରେ ଅମିତ୍ ବିଶ୍ୱାଳ, ଶିବୁ ନାରାୟଣ ଜେନା, ମଳୟ ଗିରି ପ୍ରମୁଖ ଯୋଗ ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରେ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ ମଧ କରିଥିଲେ। ଏହି ଫାଇନାଲ ମ୍ୟାଚରେ ବିଶ୍ୱାଳ ପରିବାର ତରଫରୁ ସ୍ୱର୍ଗତ ବିଜୟ ବିଶ୍ୱାଳଙ୍କ ସାନ ଭାଇ ଶିକ୍ଷକ ସୁଶାନ୍ତ ବିଶ୍ୱାଳ, ଗୋପାଳ କୃଷ୍ଣ ବିଶ୍ୱାଳ ଓ ପୁତ୍ର ରାଜକିଶୋର ବିଶ୍ୱାଳ ଯୋଗ ଦେଇ ସମସ୍ତ ପ୍ରକାରର ଆଗାମୀ ଦିନରେ ସହଯୋଗ ନେଇ ଘୋଷଣା କରିଥିଲେ। ମୁଖ୍ୟଅତିଥିଙ୍କ ହାତରୁ ଶେଷରେ ଫାଇନାଲ ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ଦେବଗିରି ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ

ସୋର,୧୪।୨(ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଡିଗିଭଁରା ଦେବଗିରି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ମାଧବ ଧଡ଼ା ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ିବା ସହିତ ବିଦ୍ୟାଳୟର, ପରିବାର ଏବଂ ଦେଶର ନାମ ରଖିବା ପାଇଁ ଭଲ ମଣିଷ ହେବା ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ ଯୋଗଦେଇ ପିଲାମାନଙ୍କର ପ୍ରତିଭା ବିକାଶରେ ଶିକ୍ଷକ ଅଭିଭାବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ପନୀତା ପଣ୍ଡା, ସମିତି ସଭ୍ୟା ସସ୍ମିତା ବେହେରା, ବ୍ଲକ ସହଶିକ୍ଷାଧିକାରୀ ସୋମନାଥ ଦାସ, ଶଙ୍କର୍ଷଣ ବାରିକ, ଶିକ୍ଷକ ସଂଘର ସଭାପତି ମହେଶ୍ୱର ବେହେରା, ସଂପାଦକ ରମାକାନ୍ତ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ଶିକ୍ଷକ ଜ୍ଞାନେନ୍ଦ୍ର କୁମାର ପରମାଣିକ, ରବୀନ୍ଦ୍ର ନାଥ ନାୟକ ଓ ନାରାୟଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ କ୍ୟତୀ ଛାତ୍ରଛାତ୍ରୀମାନେଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନାରାୟଣ ପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିବରଣୀ ପାଠ କରିଥିଲେ। ଅନ୍ନପୂର୍ଣ୍ଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଧକ୍କା ହୋଇ ଜଳିଗଲା ଦୁଇ ଟ୍ରକ୍

● ନିଆଁ ଲିଭାଇବାରେ ଅଗ୍ନିଶମ ବିଭାଗ ନାକେଦମ

ବସ୍ତା ବ୍ଲକ, ୧୪।୨ (ସମିସ): ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ବାଇପାସ୍ ନିକଟରେ ଦୁଇଟି ଟ୍ରକ ମଧ୍ୟରେ ଧକ୍କା ହୋଇ



ଟ୍ରକ ଦୁଇଟି ଓଲଟି ପଡ଼ିବା ସହିତ ରାଜପଥ ଉପରେ ହୁତୁହୁତୁ ହୋଇ ଜଳିବା ଭଳି ଘଟଣା ଦେଖିବାକୁ ମିଳିଛି। ପ୍ରକାଶ ଯେ ଶୁକ୍ରବାର ବିଳମ୍ବିତ ରାତିରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଲୁହା ଚଦର ବୋଝେଇ ଟ୍ରେଲର ଭାରସାମ୍ୟ ହରାଇ ଅପର ପାଶ୍ୱର୍ ଜଳେଶ୍ୱରରୁ ବାଲେଶ୍ୱର ଆସୁଥିବା କୋଇଲା ବୋଝେଇ ଟ୍ରକକୁ ଜୋରରେ ଧକ୍କା ଦେଇ ଓଲଟି ପଡ଼ିଥିଲା। ଧକ୍କା ଏତେ ଶକ୍ତି ଶାଳୀ ଥିଲା ଯେ ଦୁର୍ଘଟଣା ପରେ ଉଭୟ ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ଧିରେ ଧିରେ ନିଁଆ ଉଗ୍ର ରୂପ ନେଇଥିଲା। ଖବର ପାଇ ବସ୍ତା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବାରେ ନାକେଦମ ହୋଇଥିଲେ। ପରେ ଜଳେଶ୍ୱର ଓ ବାଲେଶ୍ୱରରୁ ୩ ଟି ଅଗ୍ନିଶମ ବାହିନୀ ପାଣି ଟାଙ୍କି ପହଞ୍ଚି ଦୀର୍ଘ ୩ ଘଣ୍ଟା ପରେ ନିଆଁକୁ ଆୟତ କରିଥିଲେ। ଦୁର୍ଘଟଣାରେ ଟ୍ରେଲର ଚାଳକ ଜଣକ ଗାଡ଼ି ଛାଡ଼ି ପଳାଇ ଥିବା ବେଳେ କୋଇଲା ବୋଝେଇ ଟ୍ରକର ଡ୍ରାଇଭର ଓ ହେଲ୍ପର ଗୁରୁତର ହୋଇଥିଲେ। ସେମାନଙ୍କୁ ତୁରନ୍ତ ବସ୍ତା ହସ୍ପିଟାଲ କୁ ନିଆ ଯାଇଥିଲା। କିଛି ସମୟ ଧରି ରାଜପଥରେ ଯାତାୟାତ ବନ୍ଦ ହୋଇ ଯାଇଥିଲା। ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।



ପୁଲୱାମା ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ବାଲୁକା ଶିଳ୍ପୀ ଅଜୟ ଘୋଷଙ୍କ ରଙ୍ଗୋଲିରେ ଶ୍ରଦ୍ଧାଞ୍ଜଳି

# ଗୋଚର ଜମିର କିସମ ପରିବର୍ତ୍ତନ କରି ବିକ୍ରି ଅଭିଯୋଗ

ବାହାନଗା, ୧୪।୨(ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ବାଜିପୁର ଗ୍ରାମରେ ଥିବା ଗୋଚର ଜମିର କିସମ ପରିବର୍ତ୍ତନ କରାଯାଇ ବିକ୍ରି କରାଯାଇଥିବାର ଗ୍ରାମବାସୀ ବାହାନଗା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ହୋଇଥିବା ବେଳେ ଗୋଚର କିସମ ପରିବର୍ତ୍ତନ ହୋଇ ବାଇଧର ବେହେରାଙ୍କ ନାମରେ ହୋଇଯାଇଥିଲା। ପରେ ଏହି ଜମିକୁ ବାଇଧର ବେହେରା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେବା ପରେ ଗ୍ରାମବାସୀ କିସମ ପରିବର୍ତ୍ତନ ବାବଦରେ ଜାଣିବାକୁ ପାଇଥିଲେ। ପରେ ଏଥିରେ ତଞ୍ଚକତା



ଖବର ଅନୁସାରେ ଗୋପାଳପୁର ରାଜସ୍ୱ ଅଧିକାରୀଙ୍କ ଅଧୀନରେ ଥିବା ବାଜିପୁର ଗ୍ରାମରେ ଥିବା ବୁଢ଼ୀ ପୋଖରୀ ଆଡ଼ିଟି ୧୯୨୨-୨୩ ମସିହା ବନ୍ଦୋବସ୍ତ ଅନୁଯାୟୀ ଏହି ପୋଖରୀ ଆଡିଟି ୬୮୬ ନମ୍ବରରେ ଗୋଚର କିସମ ଥିଲା। ଯେଉଁଠି ପୂର୍ବରୁ ଗାଈ ଗୋରୁ ପାଣି ପିଇବା ସହ ଚରୁଥିଲେ। ହେଲେ ୧୯୯୭-୯୮ ମସିହାରେ ବନ୍ଦୋବସ୍ତ ଅନୁଯାୟୀ ତାହା ୧୦୬୩ ଏବଂ ୧୦୬୪ ନମ୍ବର ୨ ଟି ପ୍ଲଟ କରାଯାଇଥିବାର ଗ୍ରାମବାସୀ ଜାଣିବାକୁ ପାଇ ଗ୍ରାମର ଭଗବାନ ଚନ୍ଦ୍ର ଦାସ, ରଘୁନାଥ ଘଡେଇ, ରାଧା ଗୋବିନ୍ଦ ଦାସ, ଦିବାକର ବେହେରା, ତପସ୍ୱିନୀ ବେହେରା, ଆଶିଷ କୁମାର ବେହେରା, ଜୀବନ କୁମାର ଦାସଙ୍କ ସହ ୫୦ରୁ ଉଦ୍ଧର୍ ଗ୍ରାମବାସୀ ଗୋଚର ଜମିକୁ ପୁଣି ସରକାରୀ ଖାତାକୁ ଫେରାଇ ଆଣିବାକୁ ଦାବି କରି ବାହାନଗା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ସିମୁଳିଆ, ୧୪।୨ (ସମିସ): ମଇତାପୁର ପଞ୍ଚାୟତ ରାମବିନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ରୀଡ଼ା ଓ ସଂସ୍କୃତିକ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ବାଇଧର ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ମୁଖ୍ୟବ୍ୟକ୍ତା ବିଆରସି ଅଜୟ କୁମାର ପଣ୍ଡା. ବିଆରଟି ସୁକାନ୍ତ ଲେଙ୍କା, ସମିତି ଅଧକ୍ଷ ବାବାଜୀ ମଲ୍ଲିକ. ଉପାଧକ୍ଷା ହିମାଦ୍ରୀନନ୍ଦିନୀ ମହାପାତ୍ର. ସିଏମ୍‌ସି ଚେୟାରମ୍ୟାନ ଡାଳିମି କୁମାର ଦାଶ, ୪୦ନମ୍ବର ମଣ୍ଡଳ ସଭାପତି ଅବିନାଶ ବେହେରା, ଶିକ୍ଷକ ଓ ଶିକ୍ଷୟତ୍ରୀ ସତ୍ୟାନନ୍ଦ ମଲ୍ଲିକ, ସ୍ୱର୍ଣ୍ଣପ୍ରଭା ମିଶ୍ର, କ୍ରିଷ୍ଣରାଣୀ ଶିଅଳ, ତମସି ଜେନା ସଭା ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକ ୧୮ ଲକ୍ଷ ବୟରେ ନୂତନ ଶ୍ରେଣୀ ଗୃହର ଶିଳାନ୍ୟାସ କରିଥିଲେ।

# ଏସ୍ଏସ୍‌ସି ନାସକାମ ପ୍ରଥମ ବ୍ୟାଚ୍‌କୁ ସାର୍ଟିଫିକେଟ ବଣ୍ଟନ

ବାଲେଶ୍ୱର,୧୪।୨(ସମିସ): ଓଡ଼ିଶା କମ୍ପ୍ୟୁଟର ଆସୋସିଏଟ ଏବଂ ଭଦ୍ରକ ସ୍ଥିତ ପପୁଲାର କମ୍ପ୍ୟୁଟର ସେଂଟରର ସହଭାଗିତାରେ ଏସଏସସି ନାସକାମର ପ୍ରଥମ ବ୍ୟାଚକୁ ସାର୍ଟିଫିକେଟ ପ୍ରଦାନ କରାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା କମ୍ପ୍ୟୁଟର ଆସୋସିଏଟର ମୁଖ୍ୟ ପରିଚାଳକ ସୁବ୍ରତ ପତ୍ରୀ ମୁଖ୍ୟ ଅତିଥି ଭାବେ ସାର୍ଟିଫିକେଟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କୁ ସ୍କିଲ ଇଣ୍ଡିଆ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ରାଜେନ୍ଦ୍ର ଦାସ,ଭଦ୍ରକ କଲେକ କମ୍ପୁଟର ଅଧ୍ୟାପକ ରଞ୍ଜନ ମିଶ୍ର, ଇଂଜିନିୟରିଂ କଲେଜର ଇଲେକକେଟ୍ରୋନିକସ ବିଭାଗର ମୁଖ୍ୟ ସୁରେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ମୁଖ୍ୟ ମହମ୍ମଦ ୱାସିମ ବାରି



ପରିଚାଳନା କରିଥିଲେ। ଶେଷରେ କେନ୍ଦ୍ର ମୁଖ୍ୟ ଅଧ୍ୟାପିକା ସହେବା ଖାତୁନ ଧନ୍ୟବାଦ ଦେଇଥିଲେ।

# କିଡ୍‌ନୀ ରୋଗୀଙ୍କୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା

ଜଳେଶ୍ୱର ବ୍ଲକ, ୧୪।୨ (ସମିସ): ବସ୍ତା ବ୍ଲକ୍ ନଟାକଟା ପଞ୍ଚାୟତ ଚାଷୀ ପଡ଼ା



ଗ୍ରାମର ସତ୍ୟବ୍ରତ ରଣାଙ୍କ ଦୁଇଟି କିଡନୀ ନଷ୍ଟ ହେବା ସହିତ ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଆଜି ଏହି ପରିବାର ରୋଜଗାର ବୋଲି କିଛି ନାହିଁ। ଯିଏ ରୋଜଗାର କରି ପରିବାର ଚଳାଉଥିଲେ ସେ ଶଯ୍ୟାଶାୟୀ। ଏକମାତ୍ର ପୁଅ ନବମ ଶ୍ରେଣୀରେ ପାଠ ପଢୁଛି। ପରିବାର ର ଭବିଷ୍ୟତ ଅନ୍ଧାର ଘେରକୁ ଠେଲି ହୋଇ ଯାଉଛି। ଏହି ପରିସ୍ଥିତିରେ ଦେବଦୂତ ସାଜିଛନ୍ତି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସରସୀଦା ଗ୍ରାମରେ ଗଢ଼ି ଉଠିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ। ଏହାର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ର କିଛି କିଛି ଆର୍ଥିକ ଅବଦାନ ବଳରେ ସତ୍ୟବ୍ରତ ରଣାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ୬ ହଜାର ଟଙ୍କା, ପୁଅ ପାଇଁ ପାଠ୍ୟ ସାମଗ୍ରୀ, ରେସନ ସାମଗ୍ରୀ ଓ ନୂତନ ବସ୍ତ୍ର ପ୍ରଦାନ କରିଛନ୍ତି।

# ଟ୍ରେନ୍‌ରେ ମହିଳାଙ୍କୁ ଅସଦାଚରଣ; ଦୁଇ ଯୁବକଙ୍କୁ ପୁଲିସ ଜିମା

ବସ୍ତା/ବାଲିଆପାଳ, ୧୪।୨ (ସମିସ)

ଟ୍ରେନ୍ ଭିତରେ ମହିଳା ଙ୍କୁ ଅସଦାଚରଣ ଓ ଛିନ୍ତାଇ କରି ବନ୍ଧା ହେଲେ ଦୁଇ ଯୁବକ। ସକାଳ ନଅଟା ସମୟରେ ହଠାତ୍ ବସ୍ତା ଷ୍ଟେସନ ଅନତି ଦୂରରେ ଅଟକିଥିଲା ଆନନ୍ଦବିହାର ଭୁବନେଶ୍ୱର ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ। କିଛି ବୁଝିବା ଆଗରୁ ପ୍ରଥମେ ଟ୍ରେନ ରୁ ବଳ ପୂର୍ବକ ଦୁଇ ଯୁବକଙ୍କୁ ଟ୍ରେନରେ ଥିବା ଯାତ୍ରୀ ବଳ ପୂର୍ବକ ଓହ୍ଲାଇ ଦେଇଥିଲେ। ପରେ ଦୁଇ ଯୁବକଙ୍କ ପଛରେ ସ୍ୱାମୀ ସ୍ତ୍ରୀ ଦୁହେଁ ଓହ୍ଲାଇ ଯୁବକ ଦୁଇଜଣଙ୍କୁ ଗୋଡ଼ାଇ ଗୋଡ଼ାଇ କାବୁ କରିଥିଲେ। ସ୍ଥାନୀୟ ଲୋକ ମଧ ଯୁବକ ଦୁହିଁଙ୍କୁ ଧରିବାରେ ଦମ୍ପତିଙ୍କୁ



ସହଯୋଗ କରିବା ସହିତ ଘଟଣା ସମ୍ପର୍କରେ ବୁଝିଲା ବେଳକୁ ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ଆସୁଥିବା ବସ୍ତା ଥାନା ଶିତାପୁର୍ ଅଞ୍ଚଳର ରୋହନ ସାମଲ ଓ ତାଙ୍କ ପତ୍ନୀ ସନ୍ଧ୍ୟାମଣୀ ଜେନା ଦିଲ୍ଲୀ ଆନନ୍ଦବିହାରରୁ ବାଲେଶ୍ୱର ଆସିବାକୁ ଟିକଟ କାଟିଥିଲେ। ପରେ ଉକ୍ତ ଟ୍ରେନରେ ଉତ୍ତର ପ୍ରଦେଶ କାନପୁର ଷ୍ଟେସନରୁ ୧୪ ଜଣ ଯୁବକ ଚଡିଥଲେ। ସଂପୃକ୍ତ ଯୁବକ ମାନେ ରୋହନ ଓ ସନ୍ଧ୍ୟାଙ୍କୁ ବିଭିନ୍ନ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଛଡାଇଥିଲେ। ଏହି ଘଟଣା ସମ୍ପର୍କରେ ଟ୍ରେନରେ ଥିବା ରେଳ ସୁରକ୍ଷା ବଳ କର୍ମଚାରୀ ଶିବଶଙ୍କର ଶର୍ମା ଓ ଟିଟି ଡି ପ୍ରଧାନ ଙ୍କୁ ପୀଡ଼ିତା ଦମ୍ପତି ଦ୍ୱୟ ଅଭିଯୋଗ କରିଥିଲେ ମଧ ସେ ସୁରକ୍ଷା ଦେବା ପରିବର୍ତ୍ତେ ସଂପୃକ୍ତ ଯୁବକମାନଙ୍କୁ ସୁରକ୍ଷା ଯୋଗାଇଥିଲେ। ଦମ୍ପତି ଦ୍ୱୟଙ୍କୁ ସ୍ଥାନୀୟ ସହଯାତ୍ରୀ ସୁରକ୍ଷା ଯୋଗାଇ ଟ୍ରେନ ଓଡ଼ିଶା ପ୍ରବେଶ କରିବା କ୍ଷଣି ବସ୍ତା ଷ୍ଟେସନ ପୂର୍ବରୁ ଟ୍ରେନ ଚେନ୍ ପୁଲିଂ କରି ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ସୁବାଷ ବେହେରା ଓ ଆଶିଷ ବେହେରାଙ୍କୁ ସହଯାତ୍ରୀ ଟ୍ରେନରୁ ଓହ୍ଲାଇ ଦେଇଥିଲେ। ପରେ ପୀଡ଼ିତା ଦମ୍ପତି ଦ୍ୱୟ ମଧ ଏହି ସ୍ଥାନରେ ଓହ୍ଲାଇ ଯୁବକ ଦ୍ୱୟଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକ ତାଙ୍କୁ ସହଯୋଗ କରିଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକ ଦ୍ୱୟଙ୍କୁ ଧରି ପ୍ରଥମେ ବସ୍ତା ଥାନା ଓ ପରେ ରେଳ ସୁରକ୍ଷା ବଳ ରୂପସାକୁ ହସ୍ତାନ୍ତର କରିଥିବା ଦେଖିବାକୁ ମିଳିଛି। ଯୁବକ ଦ୍ୱୟଙ୍କୁ ଅଟକ ରଖି ରେଳ ସୁରକ୍ଷା ବଳ ଘଟଣାର ତଦନ୍ତ ଚଳାଇଛି।

ସକାଳ
THE SAKALA



## ଦିନଦ୍ୱିପ୍ରହରରେ ଘରୁ ସୁନା ଅଳଙ୍କାର ଲୁଟ୍

ରାସଗୋବିନ୍ଦପୁର,୧୪।୨(ସମିସ): ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ନଳଗଜା ପଞ୍ଚାୟତର ତୁକାରାମ ଟୁଡୁଙ୍କ ଘରୁ ଦିନଦ୍ୱିପ୍ରହରରେ ସୁନା ଅଳଙ୍କାର ଲୁଟ୍ ହୋଇଛି। ୫ ଜଣ ଦୁର୍ବୃତ୍ତ କାର୍ ଯୋଗେ ଆସି ଏହି ଲୁଟ୍ କରିଛନ୍ତି। ତୁକାରାମ ଓ ତାଙ୍କ ପତ୍ନୀ ଆଲାଦୀ ଟୁଡୁ ଦିନ ପ୍ରାୟ ୧୦ଟା ସମୟରେ ଲୁଗା କିଣିବା ପାଇଁ ନଳଗଜା ଛକକୁ ଯାଇଥିଲେ। ଘରକୁ ଫେରିବା ସମୟରେ ତାଙ୍କ



ଘର ସମ୍ମୁଖରେ ଏକ କାର ଛିଡ଼ା ହୋଇଥିବା ଦେଖିଥିଲେ। କାର୍‌ରେ ଡ୍ରାଇଭର ଥିବାବେଳେ ଦୁଇଜଣ ବାହାରେ ଛିଡ଼ା ହୋଇଥିଲେ। ଅନ୍ୟ ଦୁଇଜଣ ଘର ଭିତରେ ପଶି ଲୁଟ୍ କରିଥିଲେ। ତେବେ ତୁକାରାମ ଓ ତାଙ୍କ ପତ୍ନୀ ଗେଟ ପାଖରେ ପହଞ୍ଚିବାରୁ ଘର ଭିତରେ ଥିବା ଦୁଇଜଣ ଦୁର୍ବୃତ୍ତ ଚପଲ ଛାଡ଼ି ବାହାରକୁ ପଳାଇ ଆସିଥିଲେ ଓ ୫ ଜଣ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ଘର ଭିତରକୁ ଯାଇ ଆଲମାରୀରୁ ଦୁଇଟି ସୁନା ଚେନ, ଗୋଟିଏ ମଙ୍ଗଳସୂତ୍ର, ୩ ହଳ ସୁନା କାନଫୁଲ, ୪ ହଳ ପାଉଁଜି, ସାନ୍ତାଳୀ ସମ୍ପ୍ରଦାୟ ଚୁଡ଼ି ଚୋରି ହୋଇଥିବା ଦେଖିଥିଲେ। ଏ ନେଇ ତୁକାରାମ ଥାନାରେ ଅଭିଯୋଗ କରିଥିଲେ। ରାସଗୋବିନ୍ଦପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରିଥିବା ଜଣାପଡିଛି।

## ଉଦଳା ମୁଖ୍ୟ ଡାକ୍ତରଖାନାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ



ଗୋପବନ୍ଧୁନଗର/ଉଦଳା,୧୪।୨(ସମିସ): କପ୍ତିପଦା ଉପଖଣ୍ଡର ଉଦଳାଠାରେ ଥିବା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ରେଡକ୍ରସ ପକ୍ଷରୁ ପୁଷ୍ଟିକର ଖାଦ୍ୟ ପୁଡ଼ିଆ ଓ ବାୟୁଜନିତ ସଂକ୍ରମଣ କିଟ ବଣ୍ଟନ କରାଯାଇଛି। କପ୍ତିପଦା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ମୀନକେତନ ମହାନ୍ତି, ଶିଶୁରୋଗ ବିଶେଷଜ୍ଞ ଲକ୍ଷ୍ମୀକାନ୍ତ ପତି, ଏସ୍‌ଟିଏସ୍ ରାଜେଶ ରାମ, ଟେକ୍ନିସିଆନ ଗାୟତ୍ରୀ ସାହୁ, ଆଶା ଦିଦି, ରଞ୍ଜନ ନାୟକ, ନିରଞ୍ଜନ ନାୟକ, ଜୀବନଜ୍ୟୋତି ନାୟକ, ଟିପିଏସ୍‌ଏ ହେମେନ୍ଦ୍ର ପାତ୍ର ଯୋଗଦେଇ ରୋଗୀଙ୍କୁ ପୃଷ୍ଟିକର ଖାଦ୍ୟ ପୁଡ଼ିଆ ବଣ୍ଟନ କରିଥିଲେ। ରୋଗୀଙ୍କ ଔଷଧ ଓ ଖାଇବା ୬ ମାସ ପର୍ଯ୍ୟନ୍ତ ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯିବ ବୋଲି ରେଡ୍‌କ୍ରସ କୁହାଯାଇଛି।

## ଗୋକୁଳଚନ୍ଦ୍ରପୁରରେ ଜଙ୍ଗଲ ସୁରକ୍ଷା ସଚେତନତା



ଶରତ, ୧୪।୨(ସମିସ): କଳମଗଡ଼ିଆ ପଞ୍ଚାୟତର ଗୋକୁଳଚନ୍ଦ୍ରପୁରରେ ସ୍ଥାନୀୟ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଓ ଜଙ୍ଗଲ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କରି ସ୍ଥାନୀୟ ଜନସାଧାରଣ ଓ ଜଙ୍ଗଲ ବିଭାଗ ମିଳିତ ସହଯୋଗରେ ଗୋକୁଳପୁର ରାଜସ୍ୱ ଗ୍ରାମ ଅନ୍ତର୍ଗତ ସମସ୍ତ ଜଙ୍ଗଲକୁ କେମିତି ନିଆଁ ଦାଉରୁ ସୁରକ୍ଷା ଦିଆଯାଇ ପରିବେଶକୁ ସୁରକ୍ଷିତ କରାଯାଇପାରିବ, ତାହା ଉପରେ ସ୍ଥାନୀୟ ବନପାଳ ଜଗଦୀଶ ସାହୁ ଆଲୋକପାତ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବିଶ୍ୱନାଥ ବଦ୍ରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଣ୍ଡାର ବିଟ୍‌ର ବନପାଳ ସୁଜିତ ଜେନା, କାଇରା ସିଂ, ସାଲୁଚନ୍ଦ୍ର ବଦ୍ରା, ଗଜସାଥୀ ପ୍ରଶାନ୍ତ ମହାକୁଡ଼, ଅନ୍ୟ ବନ କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ରହି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଶପଥ ନେଇଥିଲେ।

## କାର୍-ବାଇକ୍ ଧକ୍କା; ଜଣେ ଗୁରୁତର

ମହୁଲଡିହା,୧୪।୨(ସମିସ): ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଦରଦରା ଛକ ନିକଟରେ ମହେନ୍ଦ୍ରା ଥାର୍ ସହିତ ବାଇକ ଧକ୍କା ହେବାରୁ ବାଇକ ଚାଳକ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ମହୁଲଡିହା ପଞ୍ଚାୟତ କୋଇଲିପାଳ (ହୁଡ଼ିସାହି) ର ମଙ୍ଗୁଲୁ ପୂର୍ତ୍ତି (୩୦) ଅନ୍ୟ ଜଣଙ୍କ ସହ ବାଇକରେ ଠାକୁରମୁଣ୍ଡା ଯାଉଥିଲେ। ଠାକୁରମୁଣ୍ଡାରୁ ଆନନ୍ଦପୁର ଅଭିମୁଖେ ଯାଉଥିବା ମହେନ୍ଦ୍ରା ଥାର୍ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହିତ ଦରଦରା ଛକ ନିକଟରେ ଧକ୍କା ହୋଇଥିଲା। ବାଇକ ଚାଳକ ଓ ସାଙ୍ଗ ଛିଟିକି ପଡିଥିଲେ। ଉଭୟଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚାଳକ ମଙ୍ଗୁଲୁଙ୍କ ବାମ ଗୋଡ ଓ ବାମ ହାତ ଭାଙ୍ଗି ଗୁରୁତର ଆହତ ହୋଇଥିଲେ। ତାଙ୍କୁ କଟକକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟଜଣେ ସମାନ୍ୟ ଆହତ ହୋଇଛନ୍ତି। ଠାକୁରମୁଣ୍ଡା ଥାନା ପୁଲିସ ଦୁର୍ଘଟଣା ସ୍ଥଳକୁ ଯାଇ ବାଇକ ଓ ମହେନ୍ଦ୍ରା ଥାର୍ ଜବତ କରି ତଦନ୍ତ କରୁଛି।

## ଏମ୍‌ପିସି ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ବେତନଟୀ,୧୪।୨(ସମିସ): ଶନିବାର ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରଧାନଶିକ୍ଷକ ଦଶମ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନେ କିପରି ଦଶମ ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହେବେ, ଭବିଷ୍ୟତରେ ନିଜର ଭଲ କ୍ୟାରିଅର ଗଢିପାରିବେ, ସେ ନେଇ ଉପଦେଶ ଦେଇଥିଲେ। ଶିକ୍ଷକ ପ୍ରକାଶ ଗିରି ମଞ୍ଚ ପରିଚାଳନା କରିଥିଲେ। ନବମ ଶ୍ରେଣୀ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଫୁଲ, ଚନ୍ଦନ ଓ ଉପହାର ଦେଇ ସମ୍ମାନିତ କରିଥିଲେ। ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ବିଦ୍ୟାଳୟର ସ୍ମୃତିମୟ ଦିନଗୁଡିକୁ ସ୍ମରଣ କରି ଶିକ୍ଷକଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ଏହି ବିଦାୟ ସମାରୋହ ଛାତ୍ରଛାତ୍ରୀଙ୍କ ଜୀବନରେ ଏକ ସ୍ମରଣୀୟ ଅବସର ହିସାବରେ ରହିବ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ଉତ୍ସବରେ ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ, ଶିକ୍ଷକ ନିରୋଜ ମହାନ୍ତ, ସୁବୋଧ ସାହୁ, ପ୍ରକାଶ ଗିରି, ହେମନ୍ତ ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାତୁଆ, ଅଜୟ ବାରିକ, ସୌରଭ ନନ୍ଦ, ସୁନୀଲ ସାହୁ, ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଜଙ୍ଗଲରୁ ନବଜାତ ଶିଶୁକନ୍ୟା ଉଦ୍ଧାର

କୁଆମରା,୧୪।୨(ସମିସ):ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଏକ ନବଜାତ ଶିଶୁ କନ୍ୟାକୁ ଆଜି ସକାଳେ ଜଣେ ସ୍ଥାନୀୟ ଲୋକ ଉଦ୍ଧାର କରିଛନ୍ତି। ଗତକାଲି ରାତିରେ ଜନ୍ମ ହେବା ପରେ ତାକୁ କେହି ଜଙ୍ଗଲ ମଧ୍ୟରେ ଫିଙ୍ଗି ଦେଇ ପଳାଇ ଯାଇଥିବା ଅନୁମାନ କରାଯାଇଛି। ସକାଳେ ଜଣେ ମହିଳା ସେହି ବାଟ ଦେଇ ଶୌଚ ହେବାକୁ ଯାଇଥିବାବେଳେ ଶିଶୁର କ୍ରନ୍ଦନ ଶୁଣିବାକୁ ପାଇଥିଲେ ଓ ଶିଶୁକୁ ସେଠାରୁ ଅକ୍ଷତ ଅବସ୍ଥାରେ ଘରକୁ ଆଣିଥିଲେ। ପରେ ଅଙ୍ଗନବାଡ଼ି କର୍ମୀ ବାସନ୍ତୀ ସିଂଙ୍କ ତତ୍ତ୍ୱାବଧାନରେ କୁଆମରା ଡାକ୍ତରଖାନାକୁ ଅଣାଯାଇଥିଲା। ଖବର ପାଇ ଗୋପବନ୍ଧୁନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପହଞ୍ଚି ଡାକ୍ତରଖାନାରୁ ନେବା ସହ ଜିଲ୍ଲା ଶିଶୁ କଲ୍ୟାଣ ସମିତି ବିଭାଗକୁ ହସ୍ତାନ୍ତର କରିଛି।

### ବୈଶିଙ୍ଗା ପୁଲିସ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ

# ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ବାରିପଦା,୧୪।୨(ସମିସ):

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ପୁଲିସର କାର୍ଯ୍ୟକଳାପକୁ ନେଇ ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି। ଚୋରି, ଡକାୟତି, ଛିନତାଇ ଭଳି ଘଟଣା ଦିନକୁ ଦିନ ବଢି ଚାଲିଥିବାବେଳେ ପୁଲିସ ବାବୁଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ନ୍ୟାୟ ଦେବା ପରିବର୍ତ୍ତେ ମିଥ୍ୟା

### ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଧାରଣା ଚେତାବନୀ

ମାମଲାରେ ଯୋଡି ଲୋକଙ୍କୁ ହଇରାଣ କରୁଥିବାବେଳେ ବିଭିନ୍ନ ସ୍ଥାନରୁ ବଟି ଆଦାୟ ଓ ନିଶା କାରବାରକୁ ପ୍ରୋତ୍ସାହନ ଦେଉଥିବାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଯାହାକୁ ନେଇ ୮/୧୦ ଖଣ୍ଡ ମୌଜାର ଲୋକେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୭ ଦିନ ମଧ୍ୟରେ ଥାନାଧିକାରୀ ସମେତ ୪ ଜଣଙ୍କୁ କାର୍ଯ୍ୟରୁ ନିଲମ୍ବନ କରା ନ ଗଲେ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।



ସୂଚନା ମୁତାବକ, ବୈଶିଙ୍ଗା ଥାନା ଅଞ୍ଚଳରେ ପ୍ରତିଦିନ ଚୋରି, ଡକାୟତି ଭଳି ଘଟଣା ଲୋକଙ୍କ ନିଦ ହଜାଇ ଦେଇଛି। ଅଭିଯୁକ୍ତମାନେ ପୁଲିସ ଆଖିରେ ଧୂଳି ଦେଇ ସହଜରେ ଅପରାଧ ଘଟାଇ ଖସିଯିବାରେ ସକ୍ଷମ ହେଉଛନ୍ତି। ଏପରିକି ଅଞ୍ଚଳ ଦେଇ ପ୍ରତିଦିନ ଚୋରା ଲଘୁ ଖଣିଜ ଦ୍ରବ୍ୟ ଅବାଧରେ ଚାଲାଣ ହେଉଥିବାବେଳେ ମଦ ବ୍ୟବସାୟୀ ଖୁଲମଖୁଲା ବେପାର ଚଳାଉଛନ୍ତି। ନିଶା କାରବାର କରୁଥିବା ବ୍ୟକ୍ତିଙ୍କଠାରୁ ପୁଲିସ ମୋଟା ଅଙ୍କର ବଟି ଆଦାୟ କରୁଥିବାବେଳେ ଟୋଲ ଗେଟ୍‌ରୁ ଡ୍ରାଇଭରଙ୍କଠାରୁ ଟଙ୍କା ଆଦାୟ କରିବା ଭଳି ଘଟଣା ସୋସିଆଲ ମିଡିଆରେ ଭାଇରଲ ହେଉଛି। ଥାନା ବାହାରେ ଲାଗିଥିବା ସିସି କ୍ୟାମେରାକୁ ଅଚଳ କରିବା, ନୀରିହ ଲୋକଙ୍କ ବିରୋଧରେ ଡ୍ରଙ୍କେନ ଡ୍ରାଇଭ କେଶ ରୁଜୁ କରିବା, ସୂଚନା ଅଧିକାର ବଳରେ ଥାନା ବାହାରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ନ ମିଳିବା, ବେଆଇନ ବାଣ ବ୍ୟବସାୟୀକୁ ଧରି ମୂଲଚାଲ କରି ଛାଡିବା, ନିର୍ଦ୍ଦୋଷରେ ଡକାୟତି ଘଟଣାରେ ଜଡିତ କରିବା, ନାବାଳିକାକୁ ଦୁର୍ବ୍ୟବହାର ଘଟଣାରେ ପକ୍‌ସୋ ଆକ୍ଟ ରୁଜୁ ନ କରିବା ଆଦି ଘଟଣାକୁ ନେଇ ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି।

ସେହିପରି ଦୁଇଟି ଡକାୟତି ଘଟଣାରେ ପୁଲିସର ପାରିବାପଣିଆ ଜଣାପଡିବା ପରେ ଏହାକୁ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବାକୁ ଦାବିରେ ଉଲ୍ଲେଖ ରହିଛି। ଥାନା ଏଏସଆଇଙ୍କ ଅଶ୍ରାବ୍ୟ ବ୍ୟବହାର ଯୋଗୁଁ ଜଗତ ଜୀବନ ସେନାପତି ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ କାର୍ଯ୍ୟକୁ ଭୁଲିଯାଇ ବ୍ୟକ୍ତିଗତ କାର୍ଯ୍ୟ କରିବା ଦ୍ୱାରା ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରାଧ ରୋକିବା ପରିବର୍ତ୍ତେ ସେମାନଙ୍କୁ ପ୍ରଶ୍ରୟ ଦେବା ଦ୍ୱାରା ଥାନା ଅଞ୍ଚଳରେ ଲୋକେ ନିଜକୁ ଅସୁରକ୍ଷିତ ମଣୁଥିବାରୁ ଖୁବଶୀଘ୍ର ୪ ଜଣଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାଧବୀ ସେନାପତି, ସନ୍ତୋଷ ସେନାପତି, ସୁଶୀଲ ନାୟକ, ବନମାଳୀ ସାହୁ, କିଶୋର ସେନାପତି, ରାକେଶ ପ୍ରଧାନଙ୍କ ସମେତ ଶତାଧିକ ଲୋକ ଅଭିଯୋଗ କରିଛନ୍ତି।

## କିଟ୍ କେୟାର୍ସ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା



ବାରିପଦା, ୧୪।୨(ସମିସ): ବାରିପଦାରେ କିଟ୍ କେୟାସ୍‌ର୍ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଛି। ସ୍ଥାନୀୟ ଇନ୍ଦପାହିସ୍ଥ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟରେ ଭୁବନେଶ୍ୱର କିଟ୍ କେୟାସ୍‌ର୍ ପକ୍ଷରୁ 'ଯୌଥ ପରିବାର ଏକବିଂଶ ଶତାବ୍ଦୀର ଏକ ଅନାବଶ୍ୟକ ସାମାଜିକ ବ୍ୟବସ୍ଥା' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରାୟ ୫୧ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ପରେ ଏକ ବୃତ୍ତିଗତ ପରାମର୍ଶ ସେବା ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରମଙ୍ଗଳ ବିଭାଗ ନିର୍ଦ୍ଦେଶକ ଡ. ରାଜେନ୍ଦ୍ର କୁମାର ଦାସ, ସ୍କୁଲ ଅଫ ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ ପ୍ରଫେସର ଡ. ବିଶ୍ୱଜିତ ଦାସ, ଶିକ୍ଷାବିଦ୍ ତଥା ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ଡ. ପୁଷ୍ପା ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ୧୮୦ ଜଣ ବିଦ୍ୟାର୍ଥୀ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ଭବିଷ୍ୟତ ଜୀବନର ବୃତ୍ତି ଓ ଜୀବିକା ସମ୍ବନ୍ଧରେ ନିଜର ସଂଶୟ ମୋଚନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଅମିତାଭ ପଟ୍ଟନାୟକ ଓ ଅଧ୍ୟକ୍ଷ ଜାନକୀବଲ୍ଲଭ ମହାନ୍ତିଙ୍କ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି। କିଟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଏତାଦୃଶ ଛାତ୍ର ମେଧା ପ୍ରୋତ୍ସାହନକାରୀ ପଦକ୍ଷେପକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶଂସା କରିଛନ୍ତି।

## କୁଶ ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ: ଭୁବନେଶ୍ୱର ବିଜୟୀ

ଆନନ୍ଦପୁର, ୧୪।୨ (ସମିସ): ଆନନ୍ଦପୁର ଷ୍ଟାଡିଅମ ପଡିଆଠାରେ ଚାଲିଥିବା ଷଷ୍ଠ କୁଶରଞ୍ଜନ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ପ୍ରଥମ ସେମିଫାଇନାଲ ମ୍ୟାଚରେ ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ଢେଙ୍କାନାଳ ପପୁଲାର କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଖେଳରେ ମୁଖ୍ୟଅତିଥି ଭାବେ ପୂର୍ବତନ ଖେଳାଳି ସନ୍ତୋଷ ମିଶ୍ର, ବିଶ୍ୱଜିତ ମହାନ୍ତି, ମଧୁସୂଦନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଧନେଶ୍ୱର ସର୍ଦ୍ଦାର, ଆଲୋକ ଦେହୁରୀ, ଚନ୍ଦନ ସାହୁ, ପ୍ରମୁଖ ରେଫରୀ ଥିଲେ। ଚତୁର୍ଥ ରେଫରୀ ଭାବେ ଆୟୁଷକାନ୍ତି ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚକୁ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀ ଉପଭୋଗ କରିଥିଲେ।

## ବି.କେ କରଞ୍ଜିଆ ହାଇସ୍କୁଲର ୧୯୭୪ ବ୍ୟାଚ୍ ବନ୍ଧୁ ମିଳନ



ଚମ୍ପୁଆ,୧୪।୨(ସମିସ): ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତ ସର୍ବପୁରାତନ ବି.କେ କରଞ୍ଜିଆ ଉଚ୍ଚ ବିଦ୍ୟାଳୟର ୧୯୭୪ ମସିହା ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଦର୍ଶନୀୟସ୍ଥାନ ସରେଇର କେଶରୀକୁଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିଗମ୍ବତ ଗୁରୁଜୀ ଓ ଛାତ୍ରଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆବାହକ ପୁରାତନ ଛାତ୍ର ସୀତାରାମ ମହାନ୍ତ, ବସନ୍ତ ଚୌଧୁରୀ, କ୍ଷେତ୍ରବାସୀ ମହାନ୍ତଙ୍କ ତତ୍ତ୍ୱାବଧାନ ଓ ପ୍ରଚେଷ୍ଟାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସପରିବାର ହୋଇପାରିଥିବାରୁ ସମସ୍ତେ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରତ୍ୟେକ ବର୍ଷ ସପରିବାର ବିଭିନ୍ନ ସ୍ଥାନରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ କରିବା ପାଇଁ ସର୍ବସମ୍ମତିକ୍ରମେ ଆଲୋଚିତ ହୋଇଥିଲା।

## ଆସୁନି ଗାଡ଼ି; ଉଠୁନି ଧାନ: ମଣ୍ଡି ଅଚଳାବସ୍ଥା ଜାରି

ତୁରୁମୁଙ୍ଗା, ୧୪।୨(ସମିସ): କେନ୍ଦୁଝର ଜିଲ୍ଲା ସାହରପଡ଼ା ବ୍ଲକ ଅନ୍ତର୍ଗତ ଉଦୟପୁର ଲ୍ୟାମ୍ପସ ମଣ୍ଡିରୁ ଗତ ଜାନୁଆରୀ ୨୩ ତାରିଖରୁ ଧାନ କ୍ରୟ ହେଉ ନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଖରିଫ ଋତୁର ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଓ ଶୁକ୍ରବାରକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଚାଷୀ ମଣ୍ଡିକୁ ଧାନ ଆଣି ମଣ୍ଡିରେ କେହି ନଥିବାରୁ ନିରାଶ ହୋଇ ଫେରୁଛନ୍ତି। ଶୁକ୍ରବାର ମଣ୍ଡିର ଧାନ କିଣିବାର ଥିବା ବେଳେ ଧାନ କ୍ରୟ ହୋଇ ନଥିବାରୁ ଲ୍ୟାମ୍ପ୍ ଏମ୍‌ଡି ଶନିବାର ମଣ୍ଡିକୁ ଧାନ ଆଣିବାକୁ କହିଥିଲେ। ଶନିବାର ୬ ଜଣ ଚାଷୀ ମଣ୍ଡିକୁ ଧାନ ଆଣି ଥିଲେ ହେଁ ତାଙ୍କ ଧାନ କ୍ରୟ କରାଯାଇନାହିଁ। ଏନେଇ ସାହରପଡା ସନବାୟ ସମିତି ପରିଚାଳନା ନିର୍ଦ୍ଦେଶିକା ରଞ୍ଜୁଶ୍ରୀ ମହାନ୍ତଙ୍କୁ ପଚାରିବାରୁ ଗାଡ଼ି ଆସୁନଥିବାରୁ ଆଜି ଧାନ ଖରିଦ ହୋଇ ପାରୁ ନାହିଁ। କୌଣସି ଚାଷୀଙ୍କ ଅସୁବିଧା ହେବନି କି କାହାରି ଟୋକନ ଲାପସ ହେବ ନାହିଁ ଏବଂ ସମସ୍ତଙ୍କ ଧାନ କିଣାଯିବ ବୋଲି କହିଛନ୍ତି।

## ପୁଲ୍‌ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ବଡ଼ବିଲ, ୧୪।୨(ସମିସ): ବଡ଼ବିଲ ପୌରାଞ୍ଚଳର ବିକାଶମହଲଠାରେ ସହିଦ ଦିବସ ପାଳନ ହୋଇଯାଇଛି। ପୁଲୱାମା ସହିଦ ଭାରତୀୟ ଯବାନଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆଦର୍ଶ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଚନ୍ଦ୍ରଗୁପ୍ତ ପ୍ରସାଦ, ରାମକୁମାର ପ୍ରସାଦ, ରାମୁ କର୍ମକାର, ମୋହନ ଗୁପ୍ତା, ସଞ୍ଜୟ ନାଏକ, ପରିମଲ୍ ବାନାର୍ଜୀ, ପର୍ବେଜ ଆଲାମ, କାଉନସିଲର ଦେବଶ୍ରୀ ଗିରି, ବାବିରାଣୀ ମହାନ୍ତ, ରଶ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ମହିଳା ସମିତିର କର୍ମକର୍ତ୍ତା ସହିଦଙ୍କ ସ୍ମୃତିଚାରଣ କରିଥିଲେ।

## କୁଶଳେଶ୍ୱର ମହାବିଦ୍ୟାଳୟରେ ଅଡୁଆ ସ୍ଥିତି

ଆନନ୍ଦପୁର, ୧୪।୨ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକ ନୂତନ ସୌଧ ନିର୍ମାଣ ପାଇଁ ଦୁଇ ଥର ଶିଳାନ୍ୟାସ ହୋଇଥିବା ଘଟଣା ରାଜନୀତିକୁ ରୋଚକ କରିଛି। ଏହି ଘଟଣାକୁ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଡୁଆ ପରିସ୍ଥିତି ପଡ଼ିଥିବା ଅନୁମାନ ହୋଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଦିନ ୧୧ଟା ସମୟରେ ଉଦଘାଟନ ଏବଂ ଶିଳାନ୍ୟାସ କରିଥିଲେ। ଅପରାହ୍ନ ୪ଟା ସମୟରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପହଞ୍ଚିବା ପରେ ପୁଣି ଆଉଥରେ ଉଦ୍‌ଘାଟନ ଓ ଶିଳାନ୍ୟାସ ହେବା ରାଜନୈତିକ ଶିବିରରେ ଚର୍ଚ୍ଚାର ବିଷୟ ହୋଇଛି।

## ବେଆଇନ ବାଲିଘାଟକୁ ବିରୋଧ



ଆନନ୍ଦପୁର,୧୪।୨(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ପଞ୍ଚାୟତ ଓଡ଼ପଡ଼ା ବୈତରଣୀ ନଦୀ ଘାଟରେ ବେଆଇନ୍ ବାଲି ଚାଲାଣକୁ ନେଇ ଯାଜପୁର ଜିଲ୍ଲା କୋରାଇ ବ୍ଲକ୍ ଅନ୍ତର୍ଗତ ରଣପୁର ଏବଂ ଓଡ଼ପଡ଼ା ଗ୍ରାମବସୀଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ଉପୁଜିଛି। ଘଟଣା ଭୟଙ୍କର ଆଡ଼କୁ ଗତି କରୁଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ରଣପୁରରେ ଲିଜ୍ ନଥାଇ ବେଆଇନ ଭାବେ ବାଲି ସଂଗ୍ରହ କରୁଥିବା ବେଳେ ଓଡପଡା ଗ୍ରାମର ସୀମାନ୍ତ ଅଞ୍ଚଳରେ ଏକ ବେଆଇନ ବାଲି ବନ୍ଧ କରି ନଦୀର ଜଳକୁ ଅଟକାଇବାରୁ ଓଡପଡା ଗ୍ରାମର ନଦୀର ଆଡ଼ିବନ୍ଧ କ୍ଷତିଗ୍ରସ୍ତ ହେବାସହ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀବାରମ୍ବାର ବିରୋଧ କରିବା ପରେ ବି କେହି କର୍ଣ୍ଣପାତ ନ କରିବାରୁ କେନ୍ଦୁଝର ଜିଲ୍ଲା ପ୍ରଶାସନକୁ ଏହାକୁ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ଯଦି ଆଗାମୀ ଦିନରେ ଏହି ବେଆଇନ ବାଲି ସଂଗ୍ରହକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ପ୍ରତିକାର ନହୁଏ ତାହେଲେ ଗ୍ରାମବାସୀ ବାଲି ସତ୍ୟାଗ୍ରହ ସହ ଆମରଣ ଅନଶନ ଆରମ୍ଭ କରିବାକୁ କହିଛନ୍ତି।

## ବାଇକ୍ ଧକ୍କାରେ ଜଣେ ମୃତ

ରାଇରଙ୍ଗପୁର/କରଞ୍ଜିଆ,୧୪।୨(ସମିସ): ଯଶିପୁର ଥାନା ଅଞ୍ଚଳରେ ଦ୍ରୁତଗାମୀ ବାଇକ୍ ଧକ୍କାରେ ଜଣକ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଯଶିପୁର ଥାନା ଅନ୍ତର୍ଗତ ମଣନ୍ଦା ଗ୍ରାମର ଗୌତମ ମହାନ୍ତ। ସେ କାର୍ଯ୍ୟସ୍ଥଳକୁ ଯାଉଥିବାବେଳେ ରାସ୍ତା କଡରେ କିଛି ସମୟ ପାଇଁ ଛିଡ଼ା ହୋଇଥିଲେ। ଏ ସମୟରେ ଏକ ଦ୍ରୁତଗାମୀ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଯଶିପୁର ଥାନାରେ ମାମଲା ରୁଜୁ କରାଯାଇଛି।

## ବୈତରଣୀ ବକ୍ତୃତାମାଳା

ଆନନ୍ଦପୁର, ୧୪।୨ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ତ୍ରୟୋଦଶତମ ବୈତରଣୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ବକ୍ତା ଭାବେ ଚୈତନ୍ୟ ଆଶ୍ରମ ପୁରୀର ସ୍ୱାମୀ ଭକ୍ତିବଲ୍ଲଭ ଆଚାର୍ଯ୍ୟ ମହାରାଜ, ବିଶ୍ୱଭାରତୀ, ଶାନ୍ତି ନିକେତନ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଇନ୍ଦ୍ରମଣି ସାହୁ, ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ, ପ୍ରାଧ୍ୟାପିକା ଶ୍ରିଲେଖା ସାହୁ ଶ୍ରୀମଦ୍ ଭାଗବତ ଗୀତା ଓ ଚରିତ୍ର ଗଠନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଦିଗ୍‌ଦର୍ଶନ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ସଭାପତିତ୍ୱ କରିଥିବା ବେଳେ ରଘୁଦୀପ୍ତି ନାୟକ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଅଧ୍ୟାପକ ପତିତପାବନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



### ■ ରାଧାକୃଷ୍ଣ ବିଦ୍ୟାଳୟରେ ଗୋପବନ୍ଧୁଙ୍କ ଜୀବନୀ ପୁସ୍ତକ ବଣ୍ଟନ

# 'ଗୋପବନ୍ଧୁଙ୍କ ଆଦର୍ଶ ଛାତ୍ର ସମାଜର ଧ୍ୟେୟ ହେଉ'

ବଡ଼ସାହି, ୧୪।୨(ସମିସ):

ବଡସାହି ବ୍ଲକ ଅଧୀନ ସିଂହଟିଆସ୍ଥ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ରକ୍ଷା ପାଇଁ କାର୍ଯ୍ୟ କରୁଥିବା ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କିତ ପୁସ୍ତକ 'ପୁଣ୍ୟାତ୍ମା ଗୋପବନ୍ଧୁ' ବଣ୍ଟନ କରାଯାଇଛି। ଏ ଅବସରରେ ଅନୁଷ୍ଠିତ ସଭାରେ ପୁସ୍ତକର ଲେଖିକା ଡକ୍ଟର ଆରତୀ କର, ନ୍ୟାସୀ ମଣ୍ଡଳର ଅନ୍ୟତମ କର୍ମକର୍ତ୍ତା ବିରଜା ପ୍ରସାଦ ଶତପଥୀ, ସଭ୍ୟ ତଥା ସମାଜସେବୀ ରାଜକିଶୋର ଆଚାର୍ଯ୍ୟ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିଗମାନନ୍ଦ ମହାପାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ସାତୁଆ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୋପବନ୍ଧୁ ତଥା ସତ୍ୟବାଦୀର ମନିଷୀଙ୍କ ଦୀନଦରିଦ୍ର ତଥା ପ୍ରପୀଡିତଙ୍କ ସେବା, ପରୋପକାର, ବନ ବିଦ୍ୟାଳୟ ସ୍ଥାପନ, ଦେଶ ସେବା ଓ ସାହିତ୍ୟ କୃତି ପ୍ରଭୃତି ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସେ ସମୟରେ ସେମାନେ ଉଚ୍ଚଶିକ୍ଷା ଲାଭ କରିଥିଲେ ମଧ୍ୟ ସରକାରୀ ଚାକିରି ନ କରି ଦେଶସେବାରେ ବ୍ରତୀ ହୋଇଥିଲେ। ଗୋପବନ୍ଧୁଙ୍କ ତତ୍କାଳୀନ ମୟୂରଭଞ୍ଜ ରାଜ୍ୟ ସହ କିପରି ନିବିଡ ସମ୍ପର୍କ ଥିଲା, ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପରାମର୍ଶ କ୍ରମେ ବିନା ସରକାରୀ ଅନୁଦାନରେ କାର୍ଯ୍ୟ କରୁଥିବା ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ୧ ଶହରୁ ଊର୍ଦ୍ଧ୍ୱ ପୃଷ୍ଠା ସମ୍ବଳିତ 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ରାଜ୍ୟର ବିଭିନ୍ନ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଗଣାରେ ବିତରଣ କରାଯାଉଥିବା ଜଣାଯାଇଛି।



# ପ୍ରେକ୍ଷାଳୟରେ ‘ବର ବଧୂ’ ଓ ‘ରକ୍ତ ଗୋଲାପ’



ପ୍ରେମ ଦିବସ ଅବସରରେ ମୁକ୍ତିଲାଭ କରିଛି ଦୁଇଟି ଓଡ଼ିଆ ସିନେମା ‘ବର ବଧୂ’ ଓ ‘ରକ୍ତ ଗୋଲାପ’। ‘ବର ବଧୂ’ର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀ ନଜର ଆସିଛନ୍ତି। ଏଥିରେ ଶିବାନୀ ଓ ଶୈଳେନ୍ଦ୍ରଙ୍କ ଯୋଡ଼ି ଚର୍ଚ୍ଚା ସାଉଁଟୁଛି। ସିନେମାରେ ଶୈଳେନ୍ଦ୍ର ବିଜୁ ଏବଂ ଶିବାନୀ ସୁମନ ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମଟିରେ ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହାର କାହାଣୀରେ ରହିଛି। ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିଛନ୍ତି। ସିନେମାର ନିର୍ଦ୍ଦେଶନାରେ ବିଶ୍ୱରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ରମଣି। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ।

ସେହିପରି ଏଲିନା ଏବଂ ଅଭିଷେକଙ୍କ ଅଭିନୀତ ସିନେମା ‘ରକ୍ତ ଗୋଲାପ’କୁ ବି ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ବିଶେଷକରି ଏହାର ‘ମେଘ କଦମ୍ବ...’ ଗୀତଟିକୁ ଦର୍ଶକୀୟ ଆଦୃତି ମିଳିଛି। ଅଭିଷେକ ଗିରିଙ୍କ ସହ ତାଙ୍କର ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛି। ହର ରଥ, ସମରେଶ, ଉଦିତ, ଚୌଧୁରୀ ଜୟପ୍ରକାଶ ଏବଂ ଅଭିଷେକ ଗିରି ସେମାନଙ୍କର ବହୁ ବର୍ଷର ଅଭିନୟ ଅନୁଭୂତିକୁ ପରଦା ଉପରେ ଜୀବନ୍ତ କରିଛନ୍ତି। ସେମାନଙ୍କର ନିଖୁଣ ଅଭିନୟ ଏବଂ ଚରିତ୍ରର ଗଭୀରତା ଏହି ସସ୍‌ପେନ୍ସ-ଥ୍ରୀଲର୍ କାହାଣୀକୁ ସାଧାରଣ ବ୍ୟବସାୟିକ ସିନେମାଠାରୁ ବହୁତ ଉପରକୁ ନେଇଯାଇଛି। ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହରାଇବାର ଦୁଃଖ ଏବଂ ତଦନ୍ତ ପ୍ରକ୍ରିୟା ମଧ୍ୟର ସଂଘର୍ଷକୁ ସେ ଚମତ୍କାର ଭାବେ ରୂପାୟନ କରିଛନ୍ତି। ନିର୍ଦ୍ଦେଶକ ଶିଶିର ପିନାକୀଙ୍କ ସୁନ୍ଦର ନିର୍ଦ୍ଦେଶନା, ‘ରକ୍ତ ଗୋଲାପ’କୁ ଏକ ସମ୍ପୂର୍ଣ୍ଣ ଅଭିନୟ-ଭିତ୍ତିକ ଥ୍ରୀଲର୍ ଭାବରେ ପ୍ରତିଷ୍ଠିତ କରିଛି। ■

# ଆନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ‘ଚାରିକାନ୍ଧ’



ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ବିଶ୍ୱନାଥ ରଥଙ୍କ ନିର୍ଦ୍ଦେଶନା ଓ ଅତିଶ କୁମାର ରାଉତଙ୍କ ପ୍ରଯୋଜନାରେ ନିର୍ମିତ ମଧ୍ୟମ ଅବଧିର ଓଡ଼ିଆ ଚଳଚ୍ଚିତ୍ର ‘ଚାରିକାନ୍ଧ’ ଜାପାନର ହୋକ୍କାଇଡ଼ୋ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇଛି। ଜୀବନର ସାୟାହ୍ନରେ ପହଞ୍ଚିଲା ପରେ ଯେତେବେଳେ ପଛକୁ ଚାହିଁଲେ ଦେଖାଯାଏ -ସ୍ତ୍ରୀ ଚାଲିଯାଇଛି, ପିଲାମାନେ ନିଜ ସଂସାର ନେଇ ସୁଦୂର ବିଦେଶରେ, ଆଉ ଘର କହିଲେ କେବଳ ଚାରିକାନ୍ଥର ଶୂନ୍ୟତା। ଗାଁର ସେଇ ବଡ଼ ପରିବାର ଆଜି ସହରୀ ସଭ୍ୟତାର ଚକାଚକ ମଧ୍ୟରେ ହଜି ଯାଇଛି। ମନରେ ଗୋଟିଏ ପ୍ରଶ୍ନ – ‘ଯଦି ଆଜି ମୁଁ ମରିଯାଏ, ମୋ ଶବକୁ କାନ୍ଧ ଦେବ କିଏ?’ ବାର୍ଦ୍ଧକ୍ୟ ଅବସ୍ଥାରେ ମନ ଖୋଜେ ଏକ ସାଥି, ନିଜର ଲୋକଙ୍କ ସାହାଯ୍ୟ ଆଉ ସହାୟତା। ସାମ୍ପ୍ରତିକ ସମାଜର କଠୋର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକଲାପଣକୁ ନେଇ ନିର୍ମିତ ଓଡ଼ିଶାର ଏକ ଭିନ୍ନ ଧରଣର ଫିଲ୍ମ ‘ଚାରିକାନ୍ଧ’। ଅଠତିରିଶ ମିନିଟ ଫିଲ୍ମଟି ଶତଚାଳିଶରୁ ଅଧିକ ଜାତୀୟ ଏବଂ ଆନ୍ତର୍ଜାତୀୟ ଫେଷ୍ଟିଭାଲରେ ଯୋଗ ଦେବା ସହିତ ଏକୋଇଶିରୁ ଅଧିକ ପୁରସ୍କାର ସାଉଁଟିଲାଣି। ଏବେ ସିନେମାକୁ ନେଇ ଜାପାନ ଫିଲ୍ମ ଫେଷ୍ଟିଭାଲକୁ ଯାଇଛନ୍ତି ପ୍ରଯୋଜକ ଅତିଶ କୁମାର ରାଉତ। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ଶକ୍ତି ବରାଳ, ଶତାବ୍ଦୀ ସୂର୍ଯ୍ୟସ୍ନାତା, ସୁଶୀଲ ମିଶ୍ର , ଗୌରବ ମହାନ୍ତି , ଶିବାନୀ, ପ୍ରଭଞ୍ଜନ ମିଶ୍ର ଏବଂ ଅନ୍ୟାନ୍ୟ ପ୍ରତିଭାବାନ କଳାକାର। ଚାରିକାନ୍ଧ ବେଲଜିୟମରେ ପ୍ରଦର୍ଶିତ ହୋଇଥିବା ପ୍ରଥମ ଓଡ଼ିଆ ଫିଲ୍ମ ଭାବେ ଇତିହାସ ରଚିଛି। ■

# ‘ତୁ ଖରା ମୁଁ ଛାଇ’ର ତୃତୀୟ ଅଧ୍ୟାୟ ଆରମ୍ଭ

ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଛି ମେଗା ଧାରାବାହିକ ‘ତୁ ଖରା ମୁଁ ଛାଇ’। ଏହି ଧାରାବାହିକର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ଅଭି ଓ ମାନି। ଅକ୍ଷୟ ପରିଜା ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ ‘ତୁ ଖରା ମୁଁ ଛାଇ’ କାହାଣୀରେ ସାତ ବର୍ଷ ପରେ ଅଭି ଆଉ ସେହି ପୁରୁଣା ମଣିଷ ହୋଇ ରହିନାହିଁ। ମାନିର ମୃତ୍ୟୁ ଖବର ତାକୁ ଏକ ଶାନ୍ତ କିନ୍ତୁ ଭୟଙ୍କର ବ୍ୟକ୍ତିତ୍ୱରେ ପରିଣତ କରିଛି । ସେ ଗମ୍ଭୀର ଏବଂ ସଂଯମ। ଅନ୍ୟପଟେ ମାନି ନିଜର ପୁରୁଣା ସ୍ମୃତିକୁ ହରାଇ ଏକ ଅଲଗା ଦୁନିଆରେ ବଞ୍ଚିଛି। ସେ ମାନସିକ ଅସୁସ୍ଥତା ସହ ସଂଗ୍ରାମ କରିବା ସହିତ ନିଜର ଛଅ ବର୍ଷର ପୁଅ ‘ଗୋଲୁ’କୁ ବଡ଼ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛି। ମାଧବ ଚରିତ୍ର ପ୍ରତିଶୋଧ ନେବା ପାଇଁ ମାନିର ମନରେ ଲୁଚି ରହିଥିବା କ୍ରୋଧକୁ ଉସୁକାଉଥିବା ବେଳେ କାହାଣୀରେ ଆରମ୍ଭ ହେଉଛି ଏକ ଭୟଙ୍କର ଷଡ଼ଯନ୍ତ୍ର, ଯାହା ମାନିକୁ ନିଜ ଭାଗ୍ୟ ବିରୁଦ୍ଧରେ ଛିଡ଼ା କରିଦେଇପାରେ। ନାଟକ ପ୍ରିୟ ଗୋଲୁ (ମାନିର ପୁଅ) ନିଜର ବିଭିନ୍ନ ବେଶଭୂଷା ଏବଂ ଚପଳତା ମାଧ୍ୟମରେ ସମସ୍ତଙ୍କ ଜୀବନରେ ଉତ୍ସାହ ଓ ଭରସା ଭରି ଦେଉଛି। ତେବେ କାହାଣୀରେ ଆସୁଛି ଏକ ରୋମାଞ୍ଚକର ଇମୋସନାଲ୍ ଥ୍ରୀଲର। ■



ପରଦା ପଛର କାହାଣୀ

# ବାହା ହେବେ କୃତିକା



ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ କୃତିକା କମରା ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବେ। ସେ କ୍ରିକେଟ ହୋଷ୍ଟ ଗୌରବ କପୁରଙ୍କୁ ବିବାହ କରିବେ। ତେବେ ଦୁହିଁଙ୍କ ବିବାହ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ରହି ଆସିଛି। ହେଲେ ଦୁହେଁ ଡେଷ୍ଟିନେସନ ବିବାହ କରିବେ ନାହିଁ। ମଡର୍ଣ୍ଣ ଏବଂ ମିନିମଲିଷ୍ଟ ବିବାହ କରିବା ନିଷ୍ପତ୍ତି ନେଇଛନ୍ତି। ଦୁହେଁ ନିଜ ବିବାହ ପ୍ରସ୍ତୁତିରେ ପୂରା ସାମିଲ ଅଛନ୍ତି। ସେମାନେ ପ୍ରତ୍ୟେକ ଛୋଟ ବଡ଼ ଜିନିଷକୁ ବୁଝିବିଚାରି ଯୋଜନା କରୁଛନ୍ତି। ବର୍ତ୍ତମାନର ଦେଖାଣିଆ ବିବାହ ପରିବର୍ତ୍ତେ ସେମାନେ ଶାନ୍ତ ବାହାଘର ଚାହୁଁଛନ୍ତି। ଯାହାକି ସେମାନଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିବ। ସେମାନଙ୍କ ପାଇଁ ବାହାଘରର ଅର୍ଥ ବଡ଼ ଆୟୋଜନ ନୁହେଁ, ବରଂ ଏହାର ଗୁରୁତ୍ୱକୁ ବୁଝିବା ଉପରେ ଦୃଷ୍ଟି ଦିଅନ୍ତି। ମୁମ୍ବାଇରେ ହିଁ ଦୁହିଁଙ୍କ ବାହାଘର ହେବ। ସାଜସଜ୍ଜାଠାରୁ ଆରମ୍ଭ କରି ଷ୍ଟାଇଲ୍, ପସନ୍ଦ ସବୁକିଛି ଦୁହିଁଙ୍କ ବ୍ୟକ୍ତିତ୍ୱକୁ ହିଁ ପ୍ରତିଫଳିତ କରିବ ବୋଲି କୁହାଯାଉଛି। ■

# ଫାଇଟ୍ ଦୃଶ୍ୟ ପାଇଁ ଭୟଭୀତ ଅଲି ହସନ୍



୨୦୨୬ ଜାନୁଆରୀରେ ୨୩ରେ ମୁକ୍ତିଲାଭ କରିଥିଲା ଫିଲ୍ମ ‘ବର୍ଡର-୨’। ଫିଲ୍ମଟି ପ୍ରେକ୍ଷାଳୟରେ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା। ଏଥିସହ ବକ୍ସ ଅଫିସ୍‌ରେ ଫିଲ୍ମଟି ମାତ୍ର ୨୦ ଦିନ ମଧ୍ୟରେ ୩୧୬ କୋଟି ଆୟ କରିଛି। ନିକଟରେ ଫିଲ୍ମ ଅଭିନେତା ଅଲି ହସନ୍ ଏଥିରେ ଅଭିନୟ କରିଥିବା ଚରିତ୍ର ସଂପର୍କରେ ରୋଚକୀୟ କଥା କହିଛନ୍ତି। ‘ବର୍ଡର-୨’ରେ ସନ୍ନି ଦେଓଲଙ୍କ ସହ ଫାଇଟ୍ ଦୃଶ୍ୟ ସୁଟ୍ କରିବା ତାଙ୍କ ପାଇଁ ଏତେ ସହଜ ନ ଥିଲା। ସେ ଫାଇଟ୍ ଦୃଶ୍ୟ ସୁଟିଂ କରିବାବେଳେ ଅନେକ ଥର ଭୟଭୀତ ହୋଇପଡୁଥିଲେ। କାରଣ ପିଲାବେଳୁ ଯାହାଙ୍କୁ ଟିଭିରେ ଦେଖି ବଡ଼ ହୋଇଛୁ, ତାଙ୍କ ସମ୍ମୁଖରେ ଅଭିନୟ କରିବା ସେତେ ସହଜ ନଥିଲା । କ୍ୟାମେରା ସମ୍ମୁଖରେ ତାଙ୍କ ଆଭା, ଶକ୍ତି ସହ ସମନ୍ୱୟ ରକ୍ଷା କରି ସୁଟିଂ କରିବା ବଡ଼ ଚ୍ୟାଲେଞ୍ଜ୍ ଥିଲା ବୋଲି ଅଭିନେତା ଅଲି ହସନ୍ କରିଛନ୍ତି। ଅବଶ୍ୟ ସେ ଏହା ପୂର୍ବରୁ ସନ୍ନି ଦେଓଲଙ୍କ ସହ ଧାରାବାହିକ ସିଆଇଡିରେ ଅଭିନୟ କରିଛନ୍ତି। ସେ ସମୟରେ ସନ୍ନି ଦେଓଲ ଫିଲ୍ମ ପ୍ରମୋସନ୍ ପାଇଁ ସୁଟ୍ କରିବାକୁ ଆସିଥିଲେ। ଏହାପରେ ପ୍ରାୟ ଏକ ଦଶନ୍ଧି ପରେ ହସନ୍‌ଙ୍କୁ ସନ୍ନି ଦେଓଲଙ୍କ ସହ ‘ବର୍ଡର-ଟୁ’ରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ତେବେ ସେଟ୍‌ରେ ସେ ସନ୍ନିଙ୍କ ସହ ପୂର୍ବରୁ ସୁଟ୍ କରିଥିବା ସିଆଇଡିର ଦୃଶ୍ୟ ବା ଫଟୋ ଦେଖାଇଥିଲେ। ଏହାକୁ ଦେଖି ସନ୍ନି ବେଶ୍ ଖୁସି ହୋଇଥିଲେ। ତେବେ ଏହି ଫିଲ୍ମରେ ଅଲି ହସନ୍ ପାକିସ୍ତାନୀ କର୍ଣ୍ଣଲ ଜାହିର୍ ହୁସେନ୍‌ଙ୍କ ଭୂମିକାରେ ଅଭିନୟ କରିଛନ୍ତି। ■

## ସାକ୍ଷାତକାର

# “ନିର୍ଭୀକତା ସହ କାମ କଲେ ସଫଳତା ମିଳେ”

ଲକ୍ଷ୍ମୀପ୍ରିୟା ସାହୁ, ଅଭିନେତ୍ରୀ



ସେ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଅନେକ ମ ରେ ସେ ଚମ ାର ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି ହେଲେ ସେ ଭାଗ୍ୟବଶତ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ ୨୦୨ ମସି ‘ରଜସୁ ରୀ’ ରିଆଲିଟି ଶୋ’ର ସେ ବିଜେତା ହୋଇଥିଲେ ପରେ ପରେ ଧାରାବାହିକରେ କାମ କରିବାକୁ ତାଙ୍କୁ ସୁ ାଗ ମିଳିଲା ବର୍ତ୍ତମାନ ସେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଦୀପା ଭୂମିକାରେ ଅଭିନୟ କରୁଛନ୍ତି ଏହ ଦୀୟମାନ ଅଭିନେତ୍ରୀ ଜଣକ ହେ ଛନ୍ତି ଜଗ ାଥ ଧାମ ପୁରୀର ଲକ୍ଷ୍ମୀପ୍ରିୟା ସାହୁ ଦୁଇଟି ମ୍ୟୁଜି ଭି ିଓ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲେ ତେବେ ଭବିଷ୍ୟତରେ ଲକ୍ଷ୍ମୀପ୍ରିୟା ଶାସ୍ତ୍ରୀୟ ନୃତ୍ୟ ସହିତ ଅଭିନୟ ାତ୍ରା ଜାରି ରଖିବେ କି ନାହିଁ ଜାଣିବା ତାଙ୍କ ମୁହଁରୁ

**ଶାସ୍ତ୍ରୀୟ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ବାଛିଲେ ?**

● ମୁଁ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ଏହା ସହ ପାର୍ଲର କୋର୍ସ କରିଥିଲି। ହେଲେ ଓଲିଉଡ୍ ନାୟିକା ଏଲିନା ସାମନ୍ତରାୟଙ୍କ ‘ଲଭ୍ ଷ୍ଟେସନ୍’ ସିନେମାଟି ମୋ ହୃଦୟକୁ ଗଭୀର ଭାବରେ ଛୁଇଁଥିଲା। ସମାନ ସିନେମାକୁ ବାରମ୍ବାର ଦେଖିଲି। ସେଥିରେ ଏଲିନାଙ୍କ ଅଭିନୟ ଓ କଥା କହିବାର ଶୈଳୀରେ ମୁଁ ଅନୁପ୍ରାଣିତ ହୋଇଥିଲି। ତାଙ୍କର ସମସ୍ତ ସଂଳାପ କହିବାକୁ ଲାଗିଲି। ତେଣୁ ଅଭିନେତ୍ରୀ ହେବା ଉଦ୍ଦେଶ୍ୟରେ ୨୦୨୪ ମସିହାରେ ସିଦ୍ଧାର୍ଥ ଟିଭିର ରିଆଲିଟି ଶୋ’ ‘ରଜ ସୁନ୍ଦରୀ’ରେ ଭାଗ ନେଇ ବିଜେତା ହେଲି। ପରେ ପରେ କିଛି ଅଡିସନ୍ ଦେଇଥିଲି। ସୌଭାଗ୍ୟ ବଶତଃ ମୋତେ ‘ସାଥି ସାତଜନ୍ମର’ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା। ‘ମା’ ତୋ ପଣତରେ ମୋ ଦୁନିଆ’ ଓ ‘ଫୁଲବାଣୀ’ ଦୁଇଟି ମ୍ୟୁଜିକ୍ ଭିଡ଼ିଓରେ ମୁଁ କାମ କରିଛି।

**କ୍ୟାମେରା ସାମ୍ନାରେ ପ୍ରଥମ ସଟ୍ ଓକେ ହୋଇଥିଲା ?**

● ନା। ପୂର୍ବରୁ ଏକାଧିକ କ୍ୟାମେରା ସାମ୍ନାରେ ମୁଁ କେବେ କାମ କରି ନ ଥିଲି। କ୍ୟାମେରା ସାଙ୍ଗକୁ ସିନିୟର୍ କଳାକାରମାନଙ୍କୁ ଦେଖି ପ୍ରଥମ ଥର ମୁଁ ବହୁତ ଡରି ଯାଇଥିଲି। ସଂଳାପ କିଛି ମନେ ପଡ଼ି ନଥିଲା। ହେଲେ ସେଟ୍‌ର ସମସ୍ତେ ମୋତେ ସ୍ୱାଭାବିକ କରିଥିଲେ। ଭଲ କାମ କରିବାକୁ ଉତ୍ସାହ ଯୋଗାଇଥିଲେ।

**‘ସାଥି ସାତ ଜନ୍ମର’ରେ ଆପଣଙ୍କ ଚରିତ୍ର ବିଷୟରେ କିଛି କୁହନ୍ତୁ ?**

● ଏଥିରେ ମୁଁ ନାୟକର ଭଉଣୀ ଦୀପା ଚରିତ୍ରରେ ଅଭିନୟ କରୁଛି। ଦୀପା ଜଣେ ସାଧାସିଧା ଝିଅ। ସେ ତାର ଦୁଇ ଭାଉଜଙ୍କୁ ସମର୍ଥନ କରୁଛି। ସବୁବେଳେ ସେ ସତ୍ୟପଥରେ ଥାଏ। ଭୁଲ୍‌କୁ ଭୁଲ୍ କହିବାକୁ ସେ କୁଣ୍ଠାବୋଧ କରୁନାହିଁ।

**ସ୍ମରଣୀୟ ମୁହୂର୍ତ୍ତ ?**

● ଯେଉଁଦିନ ମୁଁ ଟିଭିରେ ମୋ ନିଜକୁ ଦେଖିଥିଲି ଏତେ ଖୁସି ଲାଗିଥିଲା ଯେ ମୁଁ ଭୋ ଭୋ ହୋଇ କାନ୍ଦିଥିଲି।

**ଆପଣଙ୍କ ପ୍ରେରଣା ?**

● ମୋ’ ପରିବାର ଲୋକ ଓ ପ୍ରିୟ ବନ୍ଧୁ।

**ସୁଟିଂ ନ ଥିଲେ କ’ଣ କରନ୍ତି ?**

● ମୋତେ ଖାଲି ବସିବାକୁ ଆଦୌ ଭଲ ଲାଗେନି। କିଛି ନା କିଛି କାମ କରୁଥାଏ। ପ୍ରୋମୋସନ୍, ମଡେଲ ସୁଟ୍, ମଞ୍ଚ ପରିଚାଳନାରେ ସମୟ ବିତାଏ।

**ଲକ୍ଷ୍ମୀପ୍ରିୟା ଏତେ ଫିଟ୍ କେମିତି ?**

● ମୁଁ ଜିମ୍ ଯାଏନି। ହେଲେ ଶାସ୍ତ୍ରୀୟ ନୃତ୍ୟ ଯୋଗୁଁ ସର୍ବଦା ମୁଁ ଫିଟ୍ ରହିଥାଏ।

**ଅଭିନୟ ଜୀବନ୍ତ କରିବାକୁ କ’ଣ କରନ୍ତି ?**

● ପ୍ରଥମତଃ କଥାବାର୍ତ୍ତା ଶୈଳୀ, ଭାବଭଙ୍ଗୀ, ଷ୍ଟୋରୀ ଲାଇନକୁ ବୁଝିବାକୁ ଗୁରୁତ୍ୱ ଦିଏ। ଅଭିନୟ ମାଧ୍ୟମରେ କେମିତି ଲୋକଙ୍କ ମନ କିଣିପାରିବି ସେ ସବୁ ଦିଗ ପ୍ରତି ଧ୍ୟାନ ଦିଏ। ମୋତେ କ’ଣ ଚରିତ୍ର ମିଳିଛି ସେଥିରେ କେତେ ଭିତରକୁ ଯାଇହେବ ତାହାକୁ ଧ୍ୟାନ ଦିଏ। ମୁଁ ମୋ ରୁମ୍‌କୁ ବନ୍ଦ କରି ଦର୍ପଣ ସାମ୍ନାରେ ସଂଳାପ କହୁଥାଏ।

**ଡ୍ରିମ୍ ରୋଲ ?**

● ମୋ’ ପାଇଁ କିଛି ଡ୍ରିମ୍ ରୋଲ୍ ନାହିଁ। ହେଲେ ଇଚ୍ଛା ଅଛି ସାରା ଓଡ଼ିଶାରେ ମୋର ପୋଷ୍ଟର ଲାଗୁ। ସାଢ଼େ ଚାରିକୋଟି ଓଡ଼ିଆ ମୋତେ ଜାଣନ୍ତୁ। ଭଲ ଅଭିନୟ ମାଧ୍ୟମରେ ମୁଁ ସେମାନଙ୍କ ମନରେ ମୋ ପାଇଁ ଟିକେ ଭଲ ପାଇବା ପାଇପାରେ।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ’ଣ କହିବେ ?**

● ଯଦି ଏହି ଲାଇନ୍‌ରେ କାମ କରିବାକୁ ଅଛି ତେବେ କାମକୁ ହୃଦୟର ସହ କରନ୍ତୁ। କାମକୁ ଶହେ ପ୍ରତିଶତ କରନ୍ତୁ। ନିର୍ଭୀକତା ସହିତ କାମ କଲେ ସଫଳତା ନିଶ୍ଚୟ ମିଳେ। ■

ସକାଳ
THE SAKALA
www.sakalaepaper.com

**ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମୁକାବିଲା ଆଜି**

# ସ୍ପିନ୍ ଓ ବର୍ଷା ଭାରତ ରାସ୍ତାରେ ପ୍ରତିବନ୍ଧକ





କଲମ୍ବୋ,୧୪।୨ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତୀକ୍ଷିତ ବିଶ୍ୱକପ୍ କ୍ରିକେଟ ମୁକାବିଲା ଆସନ୍ତାକାଲି କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତ-ପାକିସ୍ତାନ ମୁକାବିଲାକୁ କେବଳ ଉଭୟ ଦେଶ ନୁହେଁ ସମଗ୍ର ବିଶ୍ୱର ଦର୍ଶକ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି। ଏପରିକି ଉଭୟ ଦେଶର ଦର୍ଶକ ଏହି ମୁକାବିଲାରେ ବିଜୟକୁ ବିଶ୍ୱକପ୍ ବିଜୟଠାରୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏଭଳି ସ୍ଥିତିରେ ବାଂଲାଦେଶକୁ ସମର୍ଥନ କରି ଭାରତର ଏହି ମୁକାବିଲାକୁ ବୟକଟ କରିଥିବା ପାକିସ୍ତାନ ସରକାର ମ୍ୟାଚ୍ ଖେଳିବାକୁ ରାଜି ହେବା ପରେ ଏହାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ପରିବର୍ତ୍ତିତ ରାଜିନାମା ଅନୁଯାୟୀ ପାକିସ୍ତାନ ଏହି ବିଶ୍ୱକପ୍‌ରେ ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ଏଣୁ ପରିବେଶ, ପିଚ୍ ଓ ଜଳବାୟୁ ସମ୍ପର୍କରେ ପାକିସ୍ତାନ ଖେଳାଳିମାନେ ଆଗୁଆ ଅବଗତ ହୋଇସାରିଛନ୍ତି। ଏହି ବିଭାଗରେ ଭାରତ ଅପେକ୍ଷା ପାକିସ୍ତାନକୁ ଫାଇଦା ମିଳିବ। ପାକିସ୍ତାନର ଆଉ ଏକ ବଡ଼ ଫାଇଦା ହେଉଛି ଏଠିକାର ମନ୍ଥର ୱିକେଟରେ ସ୍ପିନରଙ୍କ ଦବ୍‌ଦବା। ପାକିସ୍ତାନ ଏଠାରେ ଖେଳିଥିବା ୨ଟି ମ୍ୟାଚ୍‌ରେ ସ୍ପିନରମାନେ ପ୍ରଭାବ ବିସ୍ତାର କରିଛନ୍ତି। ଏପରିକି ଏମାନଙ୍କୁ ମିଡିଲ ଓଭରରେ ଖେଳିବା କଷ୍ଟକର ହେଉଛି। ଭାରତ ବିପକ୍ଷରେ ଏହା ମ୍ୟାଚ୍ ଜିତିବାରେ ମଢ଼ ପ୍ରତିବନ୍ଧକ ହୋଇପାରେ। ଆଉ ଏକ ପ୍ରତିବନ୍ଧକ ହେଉଛି ବର୍ଷା। ଏଠାରେ ଆସନ୍ତାକାଲି ମଧ୍ୟମରୁ ପ୍ରବଳ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଣୁ କହିବାକୁ ଗଲେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଜିତିବାକୁ ହେଲେ ଭାରତ ଆଗରେ ସ୍ପିନ୍‌ର ଓ ବର୍ଷା ମୁଖ୍ୟ ପ୍ରତିବନ୍ଧକ ହୋଇ ଛିଡା ହୋଇଛନ୍ତି।

### ● ସ୍ପିନ୍ ବିପକ୍ଷରେ ଭାରତ ଦୁର୍ବଳ

କୁହାଯାଏ ଭାରତୀୟ ଉପମହାଦେଶୀୟ ପିଚ୍‌ରେ ବିଦେଶୀ ଦଳଗୁଡିକ ସ୍ପିନ୍ ବୋଲିଂକୁ ମୁକାବିଲା କରିବାରେ ଅସୁବିଧା ଭୋଗିଥାନ୍ତି। ଭାରତକୁ ଟେଷ୍ଟ ଓ ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଏହାକୁ ଭୁଲ ପ୍ରମାଣିତ କରିଛି। ଏବେ ଭାରତୀୟମାନେ ସ୍ପିନ ବୋଲିଂ ବିପକ୍ଷରେ ଭଲ ଖେଳିପାରୁ ନାହାନ୍ତି। ଏହି ବିଶ୍ୱକପ୍‌ରେ ମଧ୍ୟ ତାହାର ଏକ ଝଲକ ଦେଖିବାକୁ ମିଳିଛି। ଗ୍ରୁପ୍‌ରେ ଦୁଇ ଦୁର୍ବଳ ଦଳ ଭାବେ ବିବେଚିତ ୟୁଏସ୍ଏ ଓ ନାମିବ୍ୟା ବିପକ୍ଷରେ ଭାରତ ବିଜୟୀ ହୋଇଛି ସତ, କିନ୍ତୁ ଦଳ ୯ଟି ଲେଖାଏଁ ୧୮ଟି ୱିକେଟ ହରାଇଛି। ଏହା ମଧ୍ୟରୁ ସ୍ପିନରମାନେ ୮ଟି ୱିକେଟ ନେଇଛନ୍ତି। ୱିକେଟପ୍ରତି ୧୨.୨୩ ହାର ଓ ୯୯ ଷ୍ଟ୍ରାଇକ୍‌ରେଟ୍‌ରେ ଭାରତୀୟ ବ୍ୟାଟର ରନ୍ ସଂଗ୍ରହ କରିଛନ୍ତି। ଅନ୍ୟ ପକ୍ଷରେ ପେସ୍ ବୋଲିଂ ବିପକ୍ଷରେ ୱିକେଟ ପ୍ରତି ୫୦ ହାରରେ ଓ ୧୮୨ ଷ୍ଟ୍ରାଇକ୍ ରେଟ୍‌ରେ ରନ ମିଳିଛି। ଏଣୁ ଭାରତୀୟମାନେ ସ୍ପିନରଙ୍କ ବିପକ୍ଷରେ କେତେ ଦୁର୍ବଳ ଏଥିରୁ କିଛି ସୂଚନା ମିଳୁଛି। ଚଳିତ ବିଶ୍ୱକପ୍‌ରେ ଏଠାରେ ୩ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ସ୍ପିନରମାନେ ୨୦ଟି ୱିକେଟ ନେଇଛନ୍ତି। ଏପରିକି ରାତିରେ ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ସ୍ପିନରଙ୍କୁ ୧୦ଟି ୱିକେଟ ମିଳିଥିଲା। ଭାରତ ଓ ପାକିସ୍ତାନ ମୁକାବିଲା ମଧ୍ୟ ରାତି ୭ଟାରୁ ଆରମ୍ଭ ହେବ। ପାକିସ୍ତାନ ଏହି ମ୍ୟାଚ୍‌ରେ ଆମେରିକା ମୁକାବିଲା ଭଳି ୪ କିମ୍ବା ୫ଜଣ ସ୍ପିନରଙ୍କୁ ଖେଳାଇବାକୁ ସୁଯୋଗ ଦେଇପାରେ। ମିଷ୍ଟ୍ରି ସ୍ପିନର ଆବ୍ରାର ଅହମ୍ମଦ୍, ବାମହାତୀ ସ୍ପିନର ମହମ୍ମଦ୍ ନୱାଜ, ଲେଗ୍‌ସ୍ପିନର ସଦାବ ଖାନ୍ ଏବଂ ଅଣପାରମ୍ପରିକ ଶୈଳୀରେ ବୋଲିଂ କରୁଥିବା ଉସ୍‌ମାନ ତାରିକ୍ ଏହି ମ୍ୟାଚ୍‌ରେ ପାକିସ୍ତାନର ଟ୍ରମ୍ପକାର୍ଡ ସାଜିବେ।

### ● ପିଚ୍‌ରେ ୧୭୦ରୁ ୧୯୦ ବଡ଼ ସ୍କୋର

ରଣସିଂହେ ପ୍ରେମଦାସା ପିଚ୍ ଅତ୍ୟନ୍ତ ମନ୍ଥର ରହିଛି। କିନ୍ତୁ ବଲ ଅଧିକ ଟର୍ଣ୍ଣ ନେଉନାହିଁ। ବ୍ୟାଟରଙ୍କୁ ହାତଖୋଲା ସଟ୍ ଖେଳିବାରେ ଆଦୌ ସହାୟକ ହେଉନାହିଁ। ଏପରିକି ଏଠାରେ ଖେଳାଯାଇଥିବା ୩ଟି ମ୍ୟାଚ୍‌ରେ ଜିତିଥିବା ଦଳ ଶ୍ରୀଲଙ୍କା, ଅଷ୍ଟ୍ରେଲିଆ ଓ ଜିମ୍ବାୱେ ମିଡିଲ ଓଭରରେ ଗୋଟିଏ ହେଲେ ଛକା ମାରି ନାହାନ୍ତି। ଏଠାରେ ୭ମରୁ ୧୬ତମ ଓଭରରେ ଦଳଗୁଡିକ ୭.୪ ହାରରେ ରନ୍ ସଂଗ୍ରହ କରିଛନ୍ତି। ପାୱାର ପ୍ଲେ'ରେ କମ୍ ୱିକେଟ ଓ ଅଧିକ ରନ୍ ମିଳିଛି। ଏଣୁ ଷ୍ଟ୍ରୋକ୍‌ମେକରଙ୍କ ଲାଗି ପାୱାରପ୍ଲେରେ ଦ୍ରୁତ ରନ୍ ସଂଗ୍ରହ କରିବା ସହଜ ହେବ। ଭାରତୀୟ ଦଳରେ ତିଲକ ବର୍ମା ଏବଂ ଯଦି ଖେଳିବାର ସୁଯୋଗ ପାଆନ୍ତି ତେବେ ସଞ୍ଜୁ ସାମସନ ମିଡିଲ ଓଭରରେ ଭଲ ଖେଳିବେ। ଚଳିତ ବିଶ୍ୱକପ୍‌ରେ ଏଠାରେ ସର୍ବାଧିକ ୧୮୨ ରନ୍ ଅଷ୍ଟ୍ରେଲିଆ ସଂଗ୍ରହ କରିଛି। ଏଣୁ ସ୍ପିନରଙ୍କ ନିୟନ୍ତ୍ରଣରେ ଥିବା ଏହି ପିଚ୍‌ରେ ୧୭୦ରୁ ୧୯୦ ରନ୍ ବଡ଼ ସ୍କୋର ଭାବେ ବିବେଚିତ ହେବ। ଉଭୟ ଦଳରେ ଏକାଧିକ ପାୱାର ହିଟର ଅଛନ୍ତି। ଏମାନଙ୍କ ବ୍ୟାଟ କଥା କହିଲେ, ୨୫୦ ରନ୍ ମଧ୍ୟ ଡିଫେଣ୍ଡ କରିବା କଷ୍ଟକର ହୋଇପାରେ।

### ● ବାଧାପ୍ରାପ୍ତ ହୋଇପାରେ ମୁକାବିଲା

କଲମ୍ବୋରେ ଆସନ୍ତାକାଲି ରାତିରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଶ୍ରୀଲଙ୍କାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି ଆକାଶରେ ବାଦଲ ଢ଼ାଙ୍କିହୋଇ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷା ହେବାର ସମ୍ଭାବନାକୁ ଆଦୌ ଏଡ଼ାଇଦେଇହେବ ନାହିଁ। ଏଭଳି ସ୍ଥିତିରେ ଏହି ମ୍ୟାଚ୍ ଦେଖିବାକୁ ଭାରତରୁ ଯାଇଥିବା ୧୬,୦୦୦ ଦର୍ଶକ ଆଶଙ୍କା ମଧ୍ୟରେ ରହିଛନ୍ତି। ପ୍ରେମଦାସା ଷ୍ଟାଡିୟମ୍‌ରେ କ୍ଷମତା ହେଉଛି ୨୮,୦୦୦। ଏଠାରେ ମ୍ୟାଚ୍ ହେଲେ ଭାରତରେ ଖେଳ ହେଉଛି ବୋଲି ଜଣାଯିବ। କିନ୍ତୁ ମ୍ୟାଚ୍ ନ ହେଲେ କେବଳ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ନୁହଁନ୍ତି, ଟେଲିଭିଜନ ଏବଂ ଅନ୍ୟାନ୍ୟ ଆପ୍‌ରେ ଖେଳ ଦେଖିବାକୁ ଅପେକ୍ଷା କରିଥିବା ଦର୍ଶକ ଯେ ନିରାଶ ହେବେ ଏହା ନିଃସନ୍ଦେହରେ କୁହାଯାଇପାରେ।

## ଭାରତ-ପାକ୍ ଟି-୨୦ ବିଶ୍ୱକପ୍ ଫଳାଫଳ

| ବିଶ୍ୱକପ୍ | ଭେନ୍ୟୁ | ଫଳାଫଳ |
|---|---|---|
| ୨୦୦୭ | ଡର୍ବାନ | ମ୍ୟାଚ୍ ଟାଇ/ଭାରତ ବୋଲଆଉଟରେ ବିଜୟୀ |
| ୨୦୦୭ | ଜୋହାନ୍ସବର୍ଗ | ଭାରତ ୫ରନ୍‌ରେ ବିଜୟୀ |
| ୨୦୧୨ | କଲମ୍ବୋ | ଭାରତ ୮ ୱିକେଟରେ ବିଜୟୀ |
| ୨୦୧୪ | ମୀରପୁର | ଭାରତ ୭ ୱିକେଟରେ ବିଜୟୀ |
| ୨୦୧୬ | କୋଲକାତା | ଭାରତ ୬ ୱିକେଟରେ ବିଜୟୀ |
| ୨୦୨୧ | ଦୁବାଇ | ପାକିସ୍ତାନ ୧୦ ୱିକେଟରେ ବିଜୟୀ |
| ୨୦୨୨ | ମେଲବୋର୍ଣ୍ଣ | ଭାରତ ୪ ୱିକେଟରେ ବିଜୟୀ |
| ୨୦୨୪ | ନ୍ୟୁୟର୍କ | ଭାରତ ୬ ରନ୍‌ରେ ବିଜୟୀ |
| ୨୦୨୬ | କଲମ୍ବୋ | -------- |

| | | |
|---|---|---|
| ଖେଳ ଆରମ୍ଭ | : | ରାତି ୭ଟା |
| ଭେନ୍ୟୁ | : | ପ୍ରେମଦାସା ଷ୍ଟାଡିୟମ୍ |
| ପ୍ରସାରଣ | : | ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ |
| ଲାଇଭ୍ ଷ୍ଟ୍ରିମିଂ | : | ଜିଓହଟ୍‌ଷ୍ଟାର |

## ଉଭୟ ଦଳ

**ଭାରତ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।

**ପାକିସ୍ତାନ:** ସାହିବଜାଦା ଫରହାନ, ସାଏମ ଆୟୁବ, ବାବର ଆଜମ, ଫକର ଜମାନ, ସଲ୍‌ମାନ ଅଲି ଆଘା (ଅଧିନାୟକ), ଉସ୍‌ମାନ ଖାନ୍ ଓ ଖ୍ୱାଜା ନାଫୟ (ଉଭୟ ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ସଦାବ ଖାନ୍, ଆବ୍ରାର ଅହମ୍ମଦ୍, ଉସ୍‌ମାନ ତାରିକ୍, ସଲମାନ ମିର୍ଜା, ଫହୀମ୍ ଆଶ୍ରଫ, ସାହିନ ଆଫ୍ରିଦୀ, ନସୀମ ଶାହ।

## ବିଶ୍ୱକପ୍‌ରେ ପାକିସ୍ତାନକୁ ଧୂଳି ଚଟାଇଥିଲା ଭାରତ

**ସେଦିନ ବି ଥିଲା 'ଜାଗର'**

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ପୁଣିଥରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ମହା ଶିବରାତ୍ରି ଅର୍ଥାତ ଜାଗରରେ ଆଉ ଏକ ବିଶ୍ୱକପ୍ ମ୍ୟାଚ୍‌ରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ରବିବାର ସାରା ଦେଶରେ ଜାଗର ପାଳନ କରାଯିବ। ଏହି ଦିନ ଦୁଇ ଦେଶ ଟି-୨୦ ବିଶ୍ୱକପ୍‌ର ଲିଗ୍ ଗ୍ରୁପ୍ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ପାଖାପାଖି ୨୩ ବର୍ଷ ତଳେ ଜାଗର ଦିନ ୨୦୦୩ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ପୁଲ୍ ଏ'ର ଏକ ମୁକାବିଲାରେ ଦୁଇ ଦେଶ ପରସ୍ପରକୁ ଭେଟିଥିଲେ। ମାର୍ଚ୍ଚ ୧ରେ ଅନୁଷ୍ଠିତ ଏହି ରୋମାଞ୍ଚକ ମୁକାବିଲାରେ ଭାରତ ୨୬ଟି ବଲ ବାକି ରଖି ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଥିଲା। ପୁଣିଥରେ ଭାରତ ଏଥର ସେହି ପ୍ରଦର୍ଶନକୁ ଦୋହରାଇବ ବୋଲି ଆଶା କରାଯାଉଛି। ଦକ୍ଷିଣ ଆଫ୍ରିକାର ସେଞ୍ଚୁରିସଆନରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ଓପନର ସଇଦ ଅନୱାରଙ୍କ ୧୦୧ ରନର ଶତକୀୟ ପାଳି ବଳରେ ୭ ୱିକେଟ ହରାଇ ୨୭୩ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ସଚିନ ତେନ୍ଦୁଲକରଙ୍କ ୯୮ ରନର ଧୂଆଁଧାର ପାଳି (୭୫ ବଲ, ୧୨ ଚୌକା, ୧ ଛକା) ଓ ଯୁବରାଜ ସିଂହଙ୍କ ଅପରାଜିତ ୫୦ ରନର ଅର୍ଦ୍ଧଶତକୀୟ ପାଳି ବଳରେ ୪୫.୪ ଓଭରରେ ୪ ୱିକେଟ ହରାଇ ୨୭୬ ରନକରି ବାଜି ମାରିଥିଲା। ସଚିନ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଇନିଂସର ପ୍ରଥମ ଓଭରରେ ସଚିନ ସୋଏବ ଅଖତାରଙ୍କୁ ଜବରଦସ୍ତ ଧୂଳାଇ କରିଥିଲେ। ସୋଏବଙ୍କୁ ସଚିନ ମାରିଥିବା ଛକାକୁ ପ୍ରଶଂସକ ଏବେ ବି ମନେ ରଖିଛନ୍ତି। ଜାଗର ଦିନ ଏହି ବିଜୟ ହାସଲ ହୋଇଥିବାରୁ ଦେଶସାର ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହାକୁ ଲୋକେ ଭଗବାନ ଶିବଙ୍କ ଅଶୀର୍ବାଦ ବୋଲି ମନେ କରିଥିଲେ। ଉଲ୍ଲେଖଥାଉ କି, ଦିନିକିଆ ବିଶ୍ୱକପ୍‌ରେ ଭାରତ ଓ ପାକିସ୍ତାନ ୮ଥର ପରସ୍ପରକୁ ଭେଟିଛନ୍ତି ଓ ସବୁଥିରେ ଭାରତ ଜିତିଛି। କିନ୍ତୁ ଟି-୨୦ ବିଶ୍ୱକପ୍‌ରେ ଦୁଇ ଦେଶ ପରସ୍ପରକୁ ୮ଥର ଭେଟିଛନ୍ତି। ଭାରତ ଏଥିରେ ୭ଥର ଜିତିଥିବା ବେଳେ ପାକିସ୍ତାନ ଥରେ ବିଜୟୀ ହୋଇଛି।

## ଟି-୨୦ ମୁକାବିଲା: ୧୬ଟି ମ୍ୟାଚ୍‌ରୁ ଭାରତ ଜିତିଛି ୧୨, ପାକିସ୍ତାନ ୩

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ୨୦୦୭ ବିଶ୍ୱକପ୍‌ରୁ ଟି-୨୦ ଫର୍ମାଟରେ ମୁକାବିଲା ହୋଇଆସୁଛି। କଲମ୍ବୋରେ ଆସନ୍ତାକାଲି ଖେଳାଯିବାକୁ ଥିବା ମୁକାବିଲା ପୂର୍ବରୁ ଉଭୟ ଦଳ ପରସ୍ପର ସହ ୧୬ଥର ସାମ୍ନାସାମ୍ନି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲାବେଳେ ପାକିସ୍ତାନ ୩ଟିରେ ଜିତିଛି। ୨୦୦୭ ବିଶ୍ୱକପ୍‌ରେ ଗୋଟିଏ ମ୍ୟାଚ୍ ଟାଇ ରହିଥିଲାବେଳେ ବୋଲ୍‌ଆଉଟରେ ଭାରତ ଏହି ମ୍ୟାଚ୍‌କୁ ମଧ୍ୟ ଜିତିନେଇଥିଲା।

ଟି-୨୦ ବିଶ୍ୱକପ୍‌ରେ ଉଭୟ ଦେଶ ୮ଥର ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଭାରତ ଗୋଟିଏ ବୋଲ ଆଉଟ ମ୍ୟାଚ୍‌କୁ ମିଶାଇ ୭ଥର ଓ ପାକିସ୍ତାନ ଥରେ ବିଜୟୀ ହୋଇଛି। ସେହିପରି ଦିନିକିଆ ଫର୍ମାଟରେ ଭାରତ ଓ ପାକିସ୍ତାନ ପରସ୍ପର ସହ ୮ଥର ଲଢ଼େଇ କରିଛନ୍ତି। ସମସ୍ତ ୮ଟି ଯାକ ମୁକାବିଲାରେ ଭାରତ ବିଜୟୀ ହୋଇଛି।

## ତନ୍ମୟୀଙ୍କ ଶତକ; ଓଡ଼ିଶା ବିଜୟୀ



ଭୁବନେଶ୍ୱର, ୧୪।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ରାଜକୋଟରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ କ୍ରିକେଟ୍‌ରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨ ୱିକେଟ୍‌ରେ ରୋମାଞ୍ଚକ ଭାବେ ପୁଦୁଚେରୀକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁଦୁଚେରୀ ୪୮.୩ ଓଭରରେ ୨୪୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଯୁବାଶ୍ରୀ (୭୬ ରନ) ଓ ସୋନାଲ (୬୯) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଓଡ଼ିଶାର ରୀମାଲକ୍ଷ୍ମୀ ଏକ୍କା ୩ଟି ଓ ପଦାର୍ପଣକାରୀ ନିବେଦିତା ଜନ ନାଏକ ୨ଟି ୱିକେଟ୍ ନେଇଥିଲେ। ଜବାବରେ ତନ୍ମୟୀ ବେହେରା (୧୦୨ ବଲରେ ୧୦୩ ରନ)ଙ୍କ ଦମ୍‌ଦାର ଶତକ ବଳରେ ଓଡ଼ିଶା ୪୯.୪ ଓଭରରେ ୮ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରିତା ମେହେର ୪୮, ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩୦ ରନର ଉପଯୋଗୀ ପାଳି ଖେଳିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ତନ୍ମୟୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

## ୟୁରୋପୀୟ ଦେଶ ବିପକ୍ଷରେ ଇଂଲଣ୍ଡର ପ୍ରତୀକ୍ଷିତ ବିଜୟ

କୋଲକାତା, ୧୪।୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ରେ ୟୁରୋପୀୟ ଦେଶ ବିପକ୍ଷରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି ଇଂଲଣ୍ଡ। ଐତିହାସିକ ଇଡେନ ଗାର୍ଡେନ୍ସରେ ଶନିବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଇଂଲଣ୍ଡ ୫ ୱିକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଅଧିନାୟକ ରିଚି ବେରିଙ୍ଗଟନଙ୍କ ୪୯ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡ ୧୯.୪ ଓଭରରେ ୧୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଇଂଲଣ୍ଡର ଆଦିଲ ରଶିଦଙ୍କୁ ୩ଟି ଏବଂ ଜୋଫ୍ରା ଆର୍ଚର ଓ ଲିଆମ ଡଶନଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ୧୦ଟି ବଲ୍ ଓ ୫ଟି ୱିକେଟ୍ ବଳକା ଥାଇ ଇଂଲଣ୍ଡ ଲକ୍ଷ୍ୟ ହାସଲ କରିନେଇଥିଲା। ଟମ୍ ବାନଟନ୍ ସର୍ବାଧିକ ୬୩, ଜାକବ ବେଥେଲ ୩୨, ସାମ କରନ ୨୮, ୱିଲ ଜ୍ୟାକ୍ସ ୧୬ ରନ କରିଥିଲେ। ଦୁଇ ଓପନର ଫିଲ୍ ସଲ୍ଟ (୨ ରନ) ଓ ଜୋଶ୍ ବଟଲର (୩ ରନ) ନିରାଶ କରିଥିଲେ। ବାନଟନ ତାଙ୍କ ୪୧ ବଲ୍ ପାଳିରେ ୪ଟି ଚୌକା ଓ ୩ଟି ଛକା ମାରିଥିଲେ। ତିନୋଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ଇଂଲଣ୍ଡ ୪ ପଏଣ୍ଟ ପାଇ ଗ୍ରୁପ୍-ସି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ସ୍କଟଲାଣ୍ଡ ୩ୟ ମ୍ୟାଚରୁ ୨ୟ ପରାଜୟବରଣ କରିଛି। ଟି-୨୦ ବିଶ୍ୱକପ୍ ଇତିହାସରେ ୟୁରୋପୀୟ ରାଷ୍ଟ୍ର ବିପକ୍ଷରେ ଇଂଲଣ୍ଡ ୬ଷ୍ଠ ମ୍ୟାଚରୁ ପ୍ରଥମ ବିଜୟ ହାସଲ କରିଛି। ଏଥିପୂର୍ବରୁ ଇଂଲଣ୍ଡ ୨୦୦୯ ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ (୪ ୱିକେଟ୍), ୨୦୧୪ ସଂସ୍କରଣରେ ନେଦରଲାଣ୍ଡ୍ସ (୪୫ ରନ) ଓ ୨୦୨୨ରେ ଆୟର୍ଲାଣ୍ଡ (ଡିଏଲ୍ ୫ ୱିକେଟ୍) ନିକଟରୁ ପରାସ୍ତ ହୋଇଥିଲା। ସେହିଭଳି ଆୟର୍ଲାଣ୍ଡ (୨୦୧୦) ଓ ସ୍କଟଲାଣ୍ଡ (୨୦୨୪) ବିପକ୍ଷରେ ଇଂଲଣ୍ଡର ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।

ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୯୬ ରନରେ ଓମାନକୁ ହରାଇ ପ୍ରଥମ ବିଜୟ ପାଇଛି। ଅଧିନାୟକ ଲୋରକାନ ଟକର ୯୪ ରନ କରି ଆୟର୍ଲାଣ୍ଡ ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ।

### ଜାନ୍‌ସେନ୍‌ଙ୍କୁ ୪ ୱିକେଟ ସଫଳତା

ଅହମ୍ମଦାବାଦ୍,୧୪।୨ (ଏଜେନ୍ସି): ଏଠାରେ ଶନିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଗ୍ରୁପ୍-ଡି'ର ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୫ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ୪ଜଣ ବ୍ୟାଟର ଭଲ ଆରମ୍ଭ କରିଥିଲାବେଳେ କେହି ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ତେବେ ମାର୍କ ଚାପ୍‌ମ୍ୟାନ୍ ୨୬ ବଲ୍‌ରୁ ସର୍ବାଧିକ ୪୮, ଡାରିଲ ମିଚେଲ ୨୪ ବଲ୍‌ରୁ ୩୨, ଫିନ୍ ଆଲେନ୍ ୧୭ ବଲ୍‌ରୁ ୩୧ ଓ ଜେମ୍ସ ନୀଶାମ ୧୫ ବଲ୍‌ରୁ ଅପରାଜିତ ୨୩ ରନ୍ କରିଛନ୍ତି। ଟିମ୍ ସେଫର୍ଟ ଓ ରାଚିନ ରବୀନ୍ଦ୍ର ୧୩ ରନ୍ ଲେଖାଏଁ ଯୋଗଦାନ ଦେଇଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଫଳ ହୋଇଥିବା ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି। ଏଠାରେ ସେ ୪ ଓଭର ବୋଲିଂ କରି ଦଳ ପକ୍ଷରୁ ସର୍ବାଧିକ ୪୦ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ। ଲୁଙ୍ଗି ଏନ୍‌ଗିଡି, କେଶବ ମହାରାଜ ଓ କର୍ବିନ ବୋଶ୍ଚ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଉଭୟ ଦଳର ଏହା ତୃତୀୟ ମୁକାବିଲା। ଏଥିରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ଗ୍ରୁପ୍-ଡି'ରେ ପ୍ରଥମ ସ୍ଥାନ ଅଧିକାର କରି ସୁପର-୮'କୁ ଯିବ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତର ହ୍ୟାଟ୍ରିକ ପରାଜୟ

ରାଉରକେଲା, ୧୪।୨ (ସମିସ): ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଘରୋଇ ଭାରତ ହ୍ୟାଟ୍ରିକ ପରାଜୟବରଣ କରିଛି। ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚରେ ଶକ୍ତିଶାଳୀ ବେଲ୍‌ଜିୟମ ନିକଟରୁ ଭାରତ ପରାସ୍ତ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ୪-୧ ଗୋଲ୍‌ରେ ଅଗ୍ରଣୀ ରହି ବେଲ୍‌ଜିୟମ ଘରୋଇ ଭାରତକୁ କୌଣସି ସୁଯୋଗ ଦେଇ ନ ଥିଲା। ଚଳିତ ପ୍ରୋ ଲିଗ୍‌ରେ ବେଲ୍‌ଜିୟମଠାରୁ ଭାରତର ଏହା ଦ୍ୱିତୀୟ ପରାଜୟ। ଏଥିପୂର୍ବରୁ ଭାରତ ଏହି ଗ୍ରାଉଣ୍ଡରେ ୩-୧ ଗୋଲରେ ହାରିଥିଲା। ସେହିଭଳି ଆର୍ଜେଣ୍ଟିନା ନିକଟରୁ ମଧ୍ୟ ଭାରତ ୮-୦ ଗୋଲରେ ଲଜ୍ଜାଜନକ ଭାବେ ପରାଜୟବରଣ କରିଥିଲା। ହରମନପ୍ରୀତ୍ ସିଂହ ନେତୃତ୍ୱାଧୀନ ଭାରତ କ୍ରମାଗତ ୩ଟି ମ୍ୟାଚ୍ ହାରି ପଏଣ୍ଟ ଖାତା ଖୋଲିପାରିନି। ଅପରପକ୍ଷରେ ବେଲ୍‌ଜିୟମ ୮ମ ମ୍ୟାଚରୁ ୭ମ ବିଜୟ ଓ ଗୋଟିଏ ଡ୍ର ସହ ୨୨ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ରାଉରକେଲା ପର୍ଯ୍ୟାୟରେ ଭାରତ ଏହାର ଶେଷ ମ୍ୟାଚରେ ରବିବାର ପୁଣିଥରେ ଆର୍ଜେଣ୍ଟିନାକୁ ଭେଟିବ।

## ପ୍ରମୋଦ ଭଗତଙ୍କୁ ୬ଷ୍ଠ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍

ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବିଶ୍ୱ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଚାମ୍ପିଅନ ହୋଇଛନ୍ତି। ପୁରୁଷ ବ୍ୟାଡ୍‌ମିଣ୍ଟନର ଏସଏଲ୍-୩ ବର୍ଗର ଫାଇନାଲରେ ପ୍ରମୋଦ ୨୧-୧୨, ୨୧-୧୮ ସିଧାସଳଖ ଗେମରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩୭ ବର୍ଷୀୟ ପ୍ରମୋଦଙ୍କ ଏହା କ୍ରମାଗତ ୪ର୍ଥ ଓ ମୋଟ୍ ଉପରେ ୬ଷ୍ଠ ପାରା ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍। ଏସଏଲ୍-୩ ବର୍ଗରେ ପ୍ରଭାବ ବିସ୍ତାର କରିଥିବା ପ୍ରମୋଦ ଏଥିପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଷଷ୍ଠ ବିଶ୍ୱ ଟାଇଟଲ୍ ସହ ପ୍ରମୋଦ ଚୀନର କିମ୍ବଦନ୍ତୀ ଖେଳାଳି ଲିନ୍ ଦାନଙ୍କୁ ଟପିଛନ୍ତି। ଲି ତାଙ୍କ କ୍ୟାରିୟରରେ ପାଞ୍ଚଥର ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍ ହାସଲ କରିଥିଲେ। ଅପରପକ୍ଷରେ ସୁକାନ୍ତ କଦମଙ୍କୁ ସାଥୀ କରି ପ୍ରମୋଦ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଫଳରେ ଏହି ପାରା ବିଶ୍ୱ ଚାମ୍ପିଅନସିପରେ ପ୍ରମୋଦ ଦୁଇଟି ଟାଇଟଲ୍ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି।



## ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟ୍‌ବଲ




**ଭାଗନେବେ ୮ ଦଳ; ୧୦ ଲକ୍ଷ ପୁରସ୍କାର**

ଭୁବନେଶ୍ୱର, ୧୪।୨ (ସମିସ): ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଅଲ୍‌ଓଡ଼ିଶା ଫୁଟ୍‌ବଲ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣ ମାର୍ଚ୍ଚ ୧୫ରୁ ଆରମ୍ଭ ହେବ। ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର ସିଟି କ୍ଲବ ଏବଂ ଭୁବନେଶ୍ୱର ଦୌଡ଼କୁଦ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବଛାବଛା ୮ଟି ଦଳ ଅଂଶଗ୍ରହଣ କରିବେ। ସେହି ଦଳଗୁଡ଼ିକ ହେଲା କିଶୋର କ୍ଲବ, ମଙ୍ଗଳା କ୍ଲବ, ସମଲେଶ୍ୱରୀ ସ୍ପୋର୍ଟିଂ, ୟୁନିଟ୍-୬ ଆଥଲେଟିକ ଆସୋସିଏସନ, ରାଉରକେଲା ରେଡ୍ ୟୁନାଇଟେଡ୍, ୟୁନାଇଟେଡ୍ ଏଫ୍‌ସି, ହରି ପ୍ଲାଷ୍ଟ ଟାଇଟନ୍ସ ଓ ରାଧାମୋହନ କ୍ଲବ। ନକ୍‌ଆଉଟ୍ ଭିତ୍ତିରେ ମ୍ୟାଚଗୁଡ଼ିକ ଖେଳାଯିବ। ମାର୍ଚ୍ଚ ୨୨ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ଏଥିରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଶନିବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ମହାନ୍ତି ସୂଚନା ଦେଇଛନ୍ତି। ପୂର୍ବତନ ଭାରତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂଙ୍କୁ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରଖାଯାଇଛି। ଆଗାମୀ ଦ୍ୱିତୀୟ ସଂସ୍କରଣରେ ଜାତୀୟସ୍ତରର ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଦୀପ ରାଉତରାୟ, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ରହିଥିଲେ।

**● ପ୍ରଶାନ୍ତ ମେମୋରିଆଲ୍ ଆଇନଜୀବୀ କ୍ରିକେଟ୍**

## ଭୁବନେଶ୍ୱର ବାର୍ ଚାମ୍ପିଅନ




ଭୁବନେଶ୍ୱର, ୧୪।୨ (ସମିସ): ସ୍ଥାନୀୟ ବିଜେବି ଗ୍ରାଉଣ୍ଡରେ ଚାଲିଥିବା ୧୧ତମ ପ୍ରଶାନ୍ତ ମେମୋରିଆଲ୍ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲରେ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ସଂଘକୁ ୫ ୱିକେଟରେ ପରାସ୍ତ କରି ଆୟୋଜକ ଭୁବନେଶ୍ୱର ବାର୍ ସଂଘ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବୋର୍ଡ ଅଫ୍ ରେଭିନ୍ୟୁ ୨୦ ଓଭରରେ ୯ ୱିକେଟ୍ ହରାଇ ୧୨୯ ରନ କରିଥିଲା। ଜବାବରେ ଭୁବନେଶ୍ୱର ବାର୍ ଦଳ ୧୧ଟି ବଲ୍ ବଳକା ଥାଇ ୫ ୱିକେଟ୍‌ରେ ମ୍ୟାଚ୍ ଜିତିନେଇଥିଲା। ୧୯ ବଲରେ ୩୨ ରନ କରିଥିବା ଲଳିତ ମହାନ୍ତିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିଭଳି ପ୍ରିୟବ୍ରତ ପ୍ରିୟରଞ୍ଜନ (୮୨ ରନ ଓ ୪ଟି ୱିକେଟ୍) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପ୍ରିୟମ ମଲ୍ଲିକ ଶ୍ରେଷ୍ଠ ବୋଲର, ଆଶୁତୋଷ ବେହେରା ଶ୍ରେଷ୍ଠ ବ୍ୟାଟର ଓ ଶରତ ଜେନା ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ଫାଇନାଲରେ ହାଇକୋର୍ଟର ବିଚାରପତି ସାବିତ୍ରୀ ରଥ, ବିଚାରପତି ବି. ନରସିମା, ସିନିଅର ଆଡଭୋକେଟ୍ ମାନସ ରଞ୍ଜନ ମହାପାତ୍ର, ବାର୍ କାଉନସିଲର ଚେୟାରମ୍ୟାନ ସୀତାଂଶୁ ମୋହନ ଦ୍ୱିବେଦୀ ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS